RNI No.ODIODI/2010/33031
୧୭ ବର୍ଷ Volume-17
ISSUE -202 ସଂଖ୍ୟା-୨୦୨
ଭୁବନେଶ୍ୱର, ବୁଧବାର ୨୮ ଅକ୍ଟୋବର ୨୦୨୬
Bhubaneswar, Wednesday 28 October, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
# ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



## ଅକ୍ଟୋବର ୨୯ ଓ ୩୦ ହେବାକୁ ଥିବା ଓସିଏସ୍ ପରୀକ୍ଷା ଘୁଞ୍ଚିଲା

ଭୁବନେଶ୍ୱର, ୨୭।୧୦(ନି.ପ୍ର.) ବାତ୍ୟା 'ଅର୍ଣ୍ଣବ' ପାଇଁ ସୁରକ୍ଷା ଦୃଷ୍ଟିରୁ ଓଡ଼ିଶା ଲୋକସେବା ଆୟୋଗ ପକ୍ଷରୁ ହେବାକୁ ଥିବା ଓଡ଼ିଶା ସିଭିଲ୍ ସର୍ଭିସେସ୍? ବା ଓସିଏସ ପରୀକ୍ଷା କାର୍ଯ୍ୟସୂଚୀରେ ପରିବର୍ତ୍ତନ କରାଯାଇଛି । ଓସିଏସ୍ ମେନ୍ ପରୀକ୍ଷାକୁ ଘୁଞ୍ଚାଇ ଦିଆଯାଇଛି । ଏ ନେଇ ଓପିଏସସି ପକ୍ଷରୁ ବିଜ୍ଞପ୍ତି ଜାରି କରି ପରୀକ୍ଷାର୍ଥୀଙ୍କୁ ସୂଚନା ଦିଆଯାଇଛି ।

ଆସନ୍ତା ଅକ୍ଟୋବର ୨୯ ଓ ୩୦ ତାରିଖରେ ହେବାକୁ ଥିବା ଓସିଏସ୍ ପରୀକ୍ଷାକୁ ଯଥାକ୍ରମେ ଅକ୍ଟୋବର ୩୧ ଓ ନଭେମ୍ବର ୫ ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ଓପିଏସସି ପକ୍ଷରୁ ଜାରି ଏକ ବିଜ୍ଞପ୍ତିରେ ଏହି ସୂଚନା ଦିଆଯାଇଛି। ଅକ୍ଟୋବର ୨୯ ତାରିଖରେ ଓଡ଼ିଆ ଓ ଇଂରାଜୀ ବିଷୟରେ ପରୀକ୍ଷା ଅନୁଷ୍ଠିତ ହେବାର ଥିଲା । ମାତ୍ର ଏହି ଦୁଇଟି ବିଷୟ ଅକ୍ଟୋବର ୩୧ ତାରିଖରେ ପରୀକ୍ଷା ହେବ। ସେହିପରି ୩୦ ତାରିଖରେ ହେବାକୁ ଥିବା ପ୍ରବନ୍ଧ ବା ରଚନା ପରୀକ୍ଷାକୁ ନଭେମ୍ବର ୫ ତାରିଖକୁ ଘୁଞ୍ଚାଇ ଦିଆଯାଇଛି । ସେପଟେ ନଭେମ୍ବର ୨, ୪ ଓ ୭ ତାରିଖରେ ହେବାକୁ ଥିବା ଅନ୍ୟ ପରୀକ୍ଷାଗୁଡ଼ିକର ସୂଚୀରେ କୌଣସି ପରିବର୍ତ୍ତନ ହୋଇନାହିଁ। ପୂର୍ବ ନିର୍ଦ୍ଧାରିତ ତାରିଖ ଅନୁସାରେ ଏହି ପରୀକ୍ଷାଗୁଡ଼ିକ ଅନୁଷ୍ଠିତ ହେବ । ନଭେମ୍ବର ୨ରେ ଜେନେରାଲ ଷ୍ଟଡିଜ୍ ପେପର-୧ ଓ ୨ ପରୀକ୍ଷା, ନଭେମ୍ବର ୪ରେ ଜେନେରାଲ ଷ୍ଟଡିଜ ପେପର-୩ ଓ ୪ ପରୀକ୍ଷା ଏବଂ ନଭେମ୍ବର ୭ରେ ଅପସନାଲ ପରୀକ୍ଷା ଅନୁଷ୍ଠିତ ହେବ।

# ଆନ୍ଧ୍ର ଉପକୂଳମୁହାଁ 'ଅର୍ଣ୍ଣବ'

ନୂଆଦିଲ୍ଲୀ / ଭୁବନେଶ୍ୱର, ୨୭।୧୦(ନି.ପ୍ର.): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଅତି ଭୀଷଣ ବାତ୍ୟା 'ଅର୍ଣ୍ଣବ' ଆଜି ବିଳମ୍ବିତ ରାତିରେ ସ୍ଥଳ ଭାଗ ଛୁଇଁଛି। ପୂର୍ବରୁ ପୂର୍ବାହ୍ନରେ ସ୍ଥଳଭାଗ ଛୁଇଁବା ନେଇ ପୂର୍ବରୁ ଆକଳନ କରାଯାଇଥିଲା। ତେବେ ଏହା ଅପେକ୍ଷାକୃତ ଶୀଘ୍ର ସ୍ଥଳଭାଗ ଛୁଇଁବାର ସମ୍ଭାବନା ରହିଛି। ଏହି ସୂଚନା ଦେଇଛନ୍ତି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା। ଆନ୍ଧ୍ରପ୍ରଦେଶର ବାପଟାଲା ଓ ବିଶାଖାପାଟଣା ମଧ୍ୟରେ ସ୍ଥଳଭାଗ ଛୁଇଁଛି। ବାତ୍ୟା 'ଅର୍ଣ୍ଣବ' ଲଗାତାର ଦୁର୍ବଳ ହେବାରେ ଲାଗିଛି ବୋଲି ଜଣାପଡ଼ିଛି। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ, ଏହା ଧୀରେ ଧୀରେ ଦୁର୍ବଳ ହେଉଛି। 'ଅର୍ଣ୍ଣବ'ର ଆଖି ମେଲିବା ସହ ଫାଟିବା ଆରମ୍ଭ ହୋଇଛି। ବାତ୍ୟାର ବାହ୍ୟ ବଳୟ ସ୍ଥଳଭାଗ ଛୁଇଁବା ଆରମ୍ଭ କରିଛି। ବାତ୍ୟା ଚେତାବନୀ କେନ୍ଦ୍ରର ନିର୍ଦ୍ଦେଶକ ପି.ଏଲ୍.ଏନ୍ ମୂର୍ତ୍ତିଙ୍କ ଅନୁସାରେ 'ଅର୍ଣ୍ଣବ' ଏବେ ବାତ୍ୟାର ବିପଦପୂର୍ଣ୍ଣ ବର୍ଗରେ ସାମିଲ ହୋଇଛି। ବଙ୍ଗୋପସାଗରରେ ସୃଷ୍ଟି



ହୋଇଥିବା ଏହି ଘୁର୍ଣ୍ଣିବଳୟ ଘଣ୍ଟା ପିଛା ୨୩କିମି ବେଗରେ ସ୍ଥଳଭାଗ ଆଡ଼କୁ ଅଗ୍ରସର ହେଉଛି। ଆଜି ଏହାର ରୂପରେଖ ଆହୁରି ବଦଳିଛି।

ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ଯେ, ଆରମ୍ଭରୁ ଏହା ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗରେ ବଢ଼ିବ ଏବଂ ପରେ ଉତ୍ତର-ପଶ୍ଚିମ ଅଭିମୁଖେ ଦିଗ ବଦଳାଇ ବାପଟଲା ଏବଂ ବିଶାଖାପାଟଣା ମଧ୍ୟରେ ୟାନମ ନିକଟରେ ସ୍ଥଳଭାଗ ଅତିକ୍ରମ କରିବ। ସ୍ଥଳଭାଗ ସ୍ପର୍ଶ କଲା ବେଳକୁ ବାତ୍ୟାର ଘଣ୍ଟା ପିଛା ପବନର ବେଗ ୧୨୫ରୁ ୧୩୫କିମି ରହିବାର ଅନୁମାନ କରାଯାଉଛି। କିନ୍ତୁ ଏହା ଘଣ୍ଟା ପିଛା ୧୫୦କିମି ପହଞ୍ଚି ପାରେ। ଡା. ମୂର୍ତ୍ତି ମତ୍ସ୍ୟଜୀବୀମାନଙ୍କ ପାଇଁ ସ୍ପଷ୍ଟ ଚେତାବନୀ ଜାରି କରିଛନ୍ତି ଯେ, ଅକ୍ଟୋବର ୩୦ ତାରିଖ ସକାଳ ପର୍ଯ୍ୟନ୍ତ ମାଛ ଧରିବାକୁ ସମୁଦ୍ର ଭିତରକୁ ଯାଆନ୍ତୁ ନାହିଁ। ସମୁଦ୍ରର ସ୍ଥିତି ଏବେ ଖରାପ ରହିବ। ବନ୍ଦରଗୁଡ଼ିକ ପାଇଁ ମଧ୍ୟ ବିପଦ ସଂକେତ ଜାରି କରାଯାଇଛି। ଆନ୍ଧ୍ରପ୍ରଦେଶର କାକିନାଡା ବନ୍ଦରକୁ ଜିଡି-୧୦ ବର୍ଗରେ ରଖାଯାଇଛି। ବିଶାଖାପାଟଣା ଏବଂ ଗଂଗାଭରମକୁ ଜିଡି-୯ ତଥା ମଛଲିପାଟନମ ଏବଂ ନିଜାମାପଟ୍ଟନମକୁ ଜିଡି-୯ ସଂକେତ ମିଳିଛି। କଳିଙ୍ଗପାଟନମ, କୃଷ୍ଣାପଟନମ ଏବଂ ଭଡାରେବୁ ଭଳି ଅନ୍ୟ ବନ୍ଦରକୁ ଏଲ୍‌ସି-୩ ଜାରି କରାଯାଇଛି। ଏହି ସଂକେତର ଅର୍ଥହେଲା ଯେ, ଜାହାଜ ଏବଂ ଡଙ୍ଗାକୁ ସୁରକ୍ଷିତ ରଖିବା। ଜାହାଜ ଚଳାଚଳ ନିୟନ୍ତ୍ରଣ ରହିବ।

ଏହି ବାତ୍ୟା କାରଣରୁ ଆନ୍ଧ୍ରପ୍ରଦେଶର ଉପକୂଳ ଜିଲ୍ଲାଗୁଡ଼ିକରେ ବହୁତ କ୍ଷତି ହେବାର ଆଶଙ୍କା ରହିଛି। ପ୍ରବଳ ପବନ ଯୋଗୁଁ ଗଛଗୁଡ଼ିକ ଉପୁଡ଼ି ପାରେ। ବିଦ୍ୟୁତ ପରିଚାଳନା ବ୍ୟବସ୍ଥା ମଧ୍ୟପ୍ରଭାବିତ ହୋଇପାରେ। ସେହିପରି ଦୁର୍ବଳ ଭିତ୍ତିଭୂମିକୁ ମଧ୍ୟ ଅସୁବିଧା ପହଞ୍ଚାଇପାରେ। ସମୁଦ୍ରର ଜଳସ୍ତରବୃଦ୍ଧି କାରଣରୁ ତଳିଆ ଅଞ୍ଚଳକୁ ବନ୍ୟା ବିପଦ ରହିଛି। ସମ୍ଭାବ୍ୟ ବାତ୍ୟା 'ଅର୍ଣ୍ଣବ'କୁ ଦୃଷ୍ଟିରେ ରଖି ଗଞ୍ଜାମ ଜିଲ୍ଲାର ଗୋପାଳପୁର ବନ୍ଦର ପକ୍ଷରୁ ଆଗୁଆ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ପ୍ରତିକୂଳ ପାଣିପାଗରେ ମତ୍ସ୍ୟଜୀବୀ ଓ ମାଛଧରା ଡଙ୍ଗାଗୁଡ଼ିକର ସୁରକ୍ଷାକୁ ପ୍ରାଥମିକତା ଦେଇ ବନ୍ଦର ହାର୍ବର ମଧ୍ୟରେ ଆନ୍ଧ୍ରପ୍ରଦେଶର ୩୦ଟି ଓ ଓଡ଼ିଶାର ୪ଟି ମାଛଧରା ଡଙ୍ଗାକୁ ସୁରକ୍ଷିତ ଆଶ୍ରୟ ଦିଆଯାଇଛି।

ସେହିପରି ଆର୍ଯ୍ୟାପଲ୍ଲୀ ମତ୍ସ୍ୟଜେଟିରେ ଆନ୍ଧ୍ରପ୍ରଦେଶର ୨ଟି ବଡ଼ ମାଛଧରା ଡଙ୍ଗାକୁ ମଧ୍ୟ ସୁରକ୍ଷିତ ଭାବେ ରଖାଯାଇଛି। ଏହି ଦୁଇ ଡଙ୍ଗାରେ ଥିବା ୧୩ ଜଣ ମତ୍ସ୍ୟଜୀବୀଙ୍କୁ ମଧ୍ୟ ସୁରକ୍ଷିତ ରଖାଯାଇଛି। ଅନ୍ୟପକ୍ଷରେ, ଗୋପାଳପୁର ବନ୍ଦର ପରିସରରେ ପ୍ରାୟ ୨୫୦ ଜଣ ମତ୍ସ୍ୟଜୀବୀ ସୁରକ୍ଷିତ ଭାବେ ରହିଥିବା ଅତିରିକ୍ତ ମତ୍ସ୍ୟ ଅଧିକାରୀ ଦେବୀଦତ୍ତ ମହାନ୍ତି ସୂଚନା ଦେଇଛନ୍ତି।

## କୋଟିଆକୁ ନେଇ ନବୀନଙ୍କୁ ମୁଖ୍ୟମନ୍ତ୍ରୀଙ୍କ କଡ଼ା ଜବାବ

### ରାଜନୈତିକ ଦୃଷ୍ଟିକୋଣ ଛାଡ଼ି ଦିଅନ୍ତୁ

ଭୁବନେଶ୍ୱର, ୨୭।୧୦(ନି.ପ୍ର.): କୋଟିଆକୁ ନେଇ ଓଡ଼ିଶା ରାଜନୀତିରେ ପୁଣି ତେଜିଲା ଚର୍ଚ୍ଚା। କୋରାପୁଟ ଜିଲ୍ଲାର କୋଟିଆ ଗ୍ରାମପୁଞ୍ଜକୁ ନେଇ ଦୀର୍ଘଦିନ ଧରି ଚାଲିଥିବା ଆନ୍ଧ୍ର-ଓଡ଼ିଶା ସୀମା ବିବାଦ ପ୍ରସଙ୍ଗରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଜବାବ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। କୋଟିଆ ଓଡ଼ିଶାର ଅବିଚ୍ଛେଦ୍ୟ ଅଂଶ ଏବଂ ରାଜ୍ୟର ସୀମା ସୁରକ୍ଷା ପାଇଁ ସରକାର ପ୍ରତିବଦ୍ଧ ବୋଲି ସେ ସ୍ପଷ୍ଟ କରିଛନ୍ତି।

ଅକ୍ଟୋବର ୨୭ ତାରିଖରେ ନବୀନ ପଟ୍ଟନାୟକଙ୍କୁ ଏକ ଚିଠି ଲେଖି ମୁଖ୍ୟମନ୍ତ୍ରୀ ତାଙ୍କର ଅକ୍ଟୋବର ୧୯ ତାରିଖର ଚିଠିର ଉତ୍ତର ଦେଇଛନ୍ତି। ଏହି ଚିଠିରେ କୋଟିଆ ପ୍ରସଙ୍ଗକୁ ନେଇ ବିରୋଧୀ ଦଳର ଆଭିମୁଖ୍ୟ ଉପରେ ପ୍ରଶ୍ନ ଉଠାଇଛନ୍ତି ମୋହନ ମାଝୀ। ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ଗଠନମୂଳକ ଓ ଆଇନଗତ ଭାବେ ଗ୍ରହଣଯୋଗ୍ୟ ସମାଧାନ ପରିବର୍ତ୍ତେ ରାଜନୈତିକ ଦୃଷ୍ଟିକୋଣ ଅଧିକ ପ୍ରାଧାନ୍ୟ ପାଇଥିବା ଭଳି ମନେ ହେଉଛି ବୋଲି ସେ ଉଲ୍ଲେଖ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ୧୯୩୬ରେ ଓଡ଼ିଶା ରାଜ୍ୟ ଗଠନ ହେବା ଦିନଠାରୁ କୋଟିଆ ଗ୍ରାମପୁଞ୍ଜ ଓଡ଼ିଶାର ଅଂଶ ହୋଇ ରହିଆସିଛି। ରାଜ୍ୟ ସରକାର ଏହାର ଭୌଗୋଳିକ ଅଖଣ୍ଡତା ଓ ଆଇନସମ୍ମତ ସ୍ୱାର୍ଥର ସୁରକ୍ଷା ପାଇଁ ସାମ୍ବିଧାନିକ ଓ ଆଇନଗତ ଉପାୟରେ ପଦକ୍ଷେପ ନେଉଛନ୍ତି।

କୋଟିଆ ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। ବରିଷ୍ଠ ଅଧିକାରୀଙ୍କୁ ନେଇ ଗଠିତ ଏହି କମିଟି କୋଟିଆ ଗ୍ରାମପଞ୍ଚାୟତ ଅଞ୍ଚଳର ବିକାଶ, ଜନସେବା ଓ ସମାବେଶୀ ଅଭିବୃଦ୍ଧି ଉପରେ ନଜର ରଖିଛି। ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀମାନେ ମଧ୍ୟ ନିୟମିତ ଭାବେ ଅଞ୍ଚଳ ଗସ୍ତ କରୁଛନ୍ତି। ଏହି ବିବାଦର ସମ୍ବେଦନଶୀଳତାକୁ ଦୃଷ୍ଟିରେ ରଖି ସମସ୍ତ ପକ୍ଷ ସଂଯମ ରକ୍ଷା କରିବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। ଏଥିସହ ଉପଯୁକ୍ତ ଆଇନଗତ ଓ ସାମ୍ବିଧାନିକ ମଞ୍ଚରେ ଏହି ଦୀର୍ଘଦିନର ବିବାଦର ସମାଧାନ ପାଇଁ ନବୀନ ପଟ୍ଟନାୟକଙ୍କଠାରୁ ଗଠନମୂଳକ ପରାମର୍ଶ ମଧ୍ୟ ଲୋଡ଼ିଛନ୍ତି ମୁଖ୍ୟମନ୍ତ୍ରୀ।

## ଜାତୀୟ ପ୍ୟାରେଡ୍ ପାଇଁ ଭୁବନେଶ୍ୱରରୁ ସ୍ୱତନ୍ତ୍ର ଟ୍ରେନ୍

ଭୁବନେଶ୍ୱର ୨୭।୧୦(ନି.ପ୍ର.): ଆସନ୍ତା ଅକ୍ଟୋବର ୩୧ ତାରିଖରେ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୧ତମ ଜନ୍ମବାର୍ଷିକୀ ତଥା ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଗୁଜରାଟର ଏକତା ନଗରସ୍ଥିତ 'ଷ୍ଟାଚ୍ୟୁ ଅଫ୍ ୟୁନିଟି' ନିକଟରେ ଅନୁଷ୍ଠିତ ହେବାକୁଥିବା ଜାତୀୟ ପ୍ୟାରେଡ୍‌ରେ ଯୋଗଦେବା ପାଇଁ ଆଜି ଭୁବନେଶ୍ୱର ନୂଆ ରେଳ ଷ୍ଟେସନରୁ ଏକ ସ୍ୱତନ୍ତ୍ର ଟ୍ରେନ୍‌କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି।

ରାଜ୍ୟର ୧୯ଟି ନକ୍ସଲମୁକ୍ତ ଜିଲ୍ଲାରୁ ପ୍ରାୟ ଏକ ହଜାର ଜଣ ପ୍ରତିନିଧି ଏହି ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଗୁଜରାଟ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି, ଯେଉଁମାନେ କି ଏକତା ନଗରରେ ଶାନ୍ତି, ସୁରକ୍ଷା ଏବଂ ପ୍ରଗତିର ପ୍ରତୀକ ଭାବେ ଓଡ଼ିଶାର ପ୍ରତିନିଧିତ୍ୱ କରିବେ। ଏହି ଶୁଭାରମ୍ଭ ଅବସରରେ ଗଣମାଧ୍ୟମକୁ ବାର୍ତ୍ତା ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଛନ୍ତି ଯେ ଏକ ଅସାଧାରଣ ନେତୃତ୍ୱ ଓ ଦୃଢ଼ ସଂକଳ୍ପ ବଳରେ ସର୍ଦ୍ଦାର ପଟେଲ ଦେଶର ୫୫୦ରୁ ଅଧିକ ଦେଶୀୟ ରାଜ୍ୟକୁ ଏକତ୍ରିତ କରି ଆଜିର ଅଖଣ୍ଡ ଭାରତ ଗଠନ କରିଥିଲେ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୧୪ ମସିହାରେ କ୍ଷମତାକୁ ଆସିବା ପରେ ପ୍ରତିବର୍ଷ ତାଙ୍କ ଜନ୍ମଦିବସକୁ 'ରାଷ୍ଟ୍ରୀୟ ଏକତା ଦିବସ' ଭାବେ ପାଳନ କରି ତାଙ୍କ ପ୍ରତି ଯଥାର୍ଥ ସମ୍ମାନ ପ୍ରଦର୍ଶନ କରିଆସୁଛନ୍ତି। ଚଳିତ ବର୍ଷର ଏହି ଜାତୀୟ ସ୍ତରୀୟ ଏକତା ପ୍ୟାରେଡ୍ ସମ୍ପୂର୍ଣ୍ଣ ନକ୍ସଲମୁକ୍ତ ଭାରତର ଚିତ୍ରକୁ ପ୍ରତିଫଳିତ କରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ଦୃଢ଼ ନେତୃତ୍ୱ ଏବଂ ଦେଶ ତଥା ରାଜ୍ୟର ସୁରକ୍ଷା ବାହିନୀଙ୍କ ପ୍ରଚେଷ୍ଟା ଫଳରେ ଦେଶ ଏବଂ ଓଡ଼ିଶା ସମ୍ପୂର୍ଣ୍ଣ ନକ୍ସଲମୁକ୍ତ ହୋଇ ଦ୍ରୁତ ଗତିରେ ବିକାଶ ପଥରେ ଆଗେଇ ଚାଲିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ନକ୍ସଲ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଭିତ୍ତିଭୂମି ନିର୍ମାଣ ସହିତ ସାମାଜିକ ଓ ଅର୍ଥନୈତିକ ବିକାଶକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଉଛି। ବିଶେଷ କରି ୧୦ଟି ପ୍ରଭାବିତ ଜିଲ୍ଲାରେ 'ଗ୍ରାମୋଦୟ ପ୍ଲସ୍' ଯୋଜନା ଜରିଆରେ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାକୁ ସମନ୍ୱିତ ଭାବେ ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଞ୍ଚାଯାଉଛି, ଯାହାଫଳରେ ସେମାନେ ମୁଖ୍ୟସ୍ରୋତରେ ସାମିଲ ହୋଇପାରୁଛନ୍ତି। ପ୍ରଧାନମନ୍ତ୍ରୀଙ୍କ 'ଏକ୍ ଭାରତ୍, ଶ୍ରେଷ୍ଠ ଭାରତ୍' କଳ୍ପନାକୁ ସାକାର କରିବା ପାଇଁ ଦେଶର ୧୪୦ କୋଟି ଜନସାଧାରଣଙ୍କ ମିଳିତ ପ୍ରୟାସ ଜାରି ରହିଛି ବୋଲି ସେ କହିଛନ୍ତି।

ଏହି ଅବସରରେ ରାଜ୍ୟର ରେଳ ଭିତ୍ତିଭୂମି ସମ୍ପର୍କରେ ଏକ ଘୋଷଣା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପୁରୀରୁ ମୟୂରଭଞ୍ଜର ବାଦାମପାହାଡ଼ ପର୍ଯ୍ୟନ୍ତ ଏକ ନୂତନ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ ପାଇଁ କେନ୍ଦ୍ର ସରକାର ମଞ୍ଜୁରୀ ପ୍ରଦାନ କରିଛନ୍ତି। ଆସନ୍ତା ନଭେମ୍ବର ମାସର ପ୍ରଥମ ସପ୍ତାହରେ ମାନ୍ୟବର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ନୂତନ ରେଳସେବାର ଶୁଭାରମ୍ଭ କରିବାର କାର୍ଯ୍ୟକ୍ରମ ରହିଛି। ଏହି ଟ୍ରେନ୍ ପୁରୀ, ଖୋର୍ଦ୍ଧା, କଟକ, ଯାଜପୁର, କେନ୍ଦୁଝର ଏବଂ ମୟୂରଭଞ୍ଜ—ଏହି ଛଅଟି ଜିଲ୍ଲା ମଧ୍ୟରେ ଯୋଗାଯୋଗ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି।



## ରାୟଗଡ଼ାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସ୍ଥିତି ସମୀକ୍ଷା କଲେ

ରାୟଗଡ଼ା, ୨୭।୧୦(ନି.ପ୍ର.): ସମ୍ଭାବ୍ୟ ବାତ୍ୟା ପ୍ରସ୍ତୁତିର ତଦାରଖ ତଥା ସ୍ଥିତି ଅନୁଧ୍ୟାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ରାୟଗଡ଼ାରେ ପହଞ୍ଚିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ଜିଲ୍ଲାରେ ବାତ୍ୟା ମୁକାବିଲା ପ୍ରସ୍ତୁତି କିଭଳି ରହିଛି, ଏଥିରେ ଜିଲ୍ଲାପାଳ, ଏସପିଙ୍କ ସମେତ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହିବେ। 'ଜିରୋ କାଜୁଆଲିଟି' ଲକ୍ଷ୍ୟ ନେଇ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ପ୍ରକାଶ କରିଛନ୍ତି।

ରାଜ୍ୟ ସରକାରଙ୍କ 'ଜିରୋ କାଜୁଆଲିଟି' ବା ଶୂନ ମୃତ୍ୟୁହାର ଲକ୍ଷ୍ୟକୁ ଗୁରୁତ୍ୱ ଦେଇ ବିଭିନ୍ନ ଜିଲ୍ଲାରେ ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀମାନେ ଡେରା



ପକାଇଛନ୍ତି। ସେହିକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ରାୟଗଡ଼ାରେ ପହଞ୍ଚି ସ୍ଥିତି ସମୀକ୍ଷା କରିଛନ୍ତି। ଅପରାହ୍ନ ୩ଟାରେ ଜିଲ୍ଲାପାଳଙ୍କ ଅଫିସରେ ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି। ରାୟଗଡ଼ାରେ ବର୍ତ୍ତମାନ ପର୍ଯ୍ୟନ୍ତ ସେଭଳି ଭୀଷଣ ବର୍ଷା ହୋଇନଥିବାରୁ ଭୟଭୀତ ନହେବାକୁ ସେ କହିଛନ୍ତି। ଏହାସହ ସାଧାରଣ ଲୋକଙ୍କ ଧନଜୀବନ ସୁରକ୍ଷା ପାଇଁ ରାଜ୍ୟ ସରକାର ଓ ପ୍ରଶାସନ ସବୁ ସ୍ତରରେ ସଜାଗ ରହିଛି ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି,ଏସ ପି ରାଜ ପ୍ରସାଦ, ଏ ଡି ଏମ ରବୀନ୍ଦ୍ର କହଁର ପ୍ରମୁଖ ଉପସ୍ଥିତ ରହିଥିଲେ ।

## ଆଇଏଏସସ୍ତରରେ ବଡ଼ ଅଦଳବଦଳ

### ବିଡିଏରୁ ଚଂଚଳ ରାଣା ଆଉଟ୍, ଶୁଭମ ସାକ୍‌ସେନା ନୂଆ ଉପାଧ୍ୟକ୍ଷ

ଭୁବନେଶ୍ୱର, ୨୭।୧୦(ନି.ପ୍ର.): ରାଜ୍ୟ ସରକାର ଆଜି ନିର୍ଦ୍ଦେଶକ ପାହ୍ୟାର ବରିଷ୍ଠ ଆଇଏଏସ୍ ଅଫିସରସ୍ତରରେ ଅଦଳବଦଳ କରିଛନ୍ତି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ଉପାଧ୍ୟକ୍ଷ ଦାୟିତ୍ୱରୁ ୨୦୧୪ ବ୍ୟାଚ୍ ଆଇଏଏସ୍ ଚଂଚଳ ରାଣାଙ୍କୁ ମୁକ୍ତ କରାଯାଇଛି। ତାଙ୍କ ସ୍ଥାନରେ ୨୦୧୩ ବ୍ୟାଚ୍ ଆଇଏଏସ୍ ଶୁଭମ ସାକସେନାଙ୍କୁ ବିଡିଏ ଉପାଧ୍ୟକ୍ଷ ଭାବେ ଅବସ୍ଥାପିତ କରାଯାଇଛି। ଆଗାମୀ ପୌର ନିର୍ବାଚନ ପାଇଁ ପ୍ରସ୍ତୁତି ତଥା ରାଜଧାନୀ ଭୁବନେଶ୍ୱରରେ ସହରାଂଚଳ ସେବା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବା ଲକ୍ଷ୍ୟରେ ଚଂଚଳଙ୍କୁ କେବଳ ଭୁବନେଶ୍ୱର ମହାନଗର ନିଗମର କମିଶନର ଦାୟିତ୍ୱ ବଜାୟ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି ।



ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ରାଜ୍ୟ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ୨୦୧୩ ବ୍ୟାଚ୍ ଆଇଏଏସ୍ ଶୁଭମ୍ ସାକସେନାଙ୍କୁ ବିଡିଏ ଉପାଧ୍ୟକ୍ଷ ଭାବେ ବଦଳି କରାଯାଇଛି। ସେହିପରି କେନ୍ଦ୍ରୀୟ ଡେପୁଟେସନ ଅବଧି ସରିବା ପୂର୍ବରୁ ରାଜ୍ୟ କ୍ୟାଡ଼ରକୁ ଫେରାଇ ଦିଆଯାଇଥିବା ୨୦୧୩ ବ୍ୟାଚ୍ ଆଇଏଏସ୍ ଡାକ୍ତର ପରାଗ ହର୍ଷଦ ଗାଭାଲୀଙ୍କୁ ଜାତୀୟ ସ୍ୱାସ୍ଥ୍ୟ ମିଶନର 'ମିଶନ ନିର୍ଦ୍ଦେଶକ' ଭାବେ ଅବସ୍ଥାପିତ କରାଯାଇଛି।

କେନ୍ଦ୍ର ସରକାର ତାଙ୍କର କେନ୍ଦ୍ରୀୟ ଡେପୁଟେସନ ଅବଧି ସରିବା ପୂର୍ବରୁ ଚଳିତମାସ ୭ତାରିଖରେ ତାଙ୍କୁ ରାଜ୍ୟ କ୍ୟାଡ଼ରକୁ ଫେରାଇ ଦେଇଥିଲେ। ଏବେ ଜାତୀୟ ସ୍ୱାସ୍ଥ୍ୟ ମିଶନ(ଏନଏଚଏମ)ର ରାଜ୍ୟ ନିର୍ଦ୍ଦେଶିକା ଭାବେ ୨୦୧୦ ବ୍ୟାଚ୍ ଆଇଏଏସ୍ ବୃନ୍ଦା ଡି ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି। ବୃନ୍ଦାଙ୍କୁ ରାଜ୍ୟ ସରକାର ଗତ କିଛିମାସ ତଳେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର କମିଶନର ତଥା ସଚିବ ଭାବେ ନିଯୁକ୍ତି ଦେଇଥିଲେ। ତାଙ୍କୁ ଏବେ ଏନଏଚଏମର ଅତିରିକ୍ତ ଦାୟିତ୍ୱରୁ ମୁକ୍ତ କରାଯାଇଛି।

ସେହିପରି ରାଜ୍ୟର ପ୍ରମୁଖ ଦୁଗ୍ଧ ସମବାୟ ସଂସ୍ଥା 'ଓମ୍‌ଫେଡ'ର ପରିଚାଳନା ନିର୍ଦ୍ଦେଶକ ଭାବେ ୨୦୧୪ ବ୍ୟାଚ୍ ଆଇଏଏସ୍ ତଥା ଗୃହ ବିଭାଗର ଅତିରିକ୍ତ ସଚିବ ପ୍ରଣତି ଛୋଟରାୟଙ୍କୁ ବଦଳି କରାଯାଇଛି। ରାଜ୍ୟ ପ୍ରାଣୀସମ୍ପଦ ଓ ପଶୁଚିକିତ୍ସା ସେବା ନିର୍ଦ୍ଦେଶକ ୨୦୧୩ ବ୍ୟାଚ୍ ଆଇଏଏସ୍ ବିଜୟ ଅମୃତ କୁଲାଙ୍ଗେ ଏବେ ଓମଫେଡର ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି। ପ୍ରଣତିଙ୍କ ନିଯୁକ୍ତି ସହ କୁଲେଙ୍ଗଙ୍କୁ ଅତିରିକ୍ତ ଦାୟିତ୍ୱରୁ ଅବ୍ୟାହତି ଦିଆଯାଇଛି।

୨୦୧୨ ବ୍ୟାଚ୍ ଆଇଏଏସ୍ ପୋମା ଟୁଡୁଙ୍କୁ ରାଜ୍ୟ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶିକା ଭାବେ ନିଯୁକ୍ତି ମିଳିଛି। ପୋମା ଏବେ ଓଡ଼ିଶା ରାଜ୍ୟ ଔଷଧ ନିଗମର ପରିଚାଳନା ନିର୍ଦ୍ଦେଶକ ତଥା ଖାଦ୍ୟ ସୁରକ୍ଷା କମିଶନର ଭାବେ କାର୍ଯ୍ୟରତ ଅଛନ୍ତି।

ସେହିପରି ରାଜ୍ୟ ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ବିଭାଗର ନିର୍ଦ୍ଦେଶକ ୨୦୧୪ ବ୍ୟାଚ୍ ଆଇଏଏସ୍ ଚକ୍ରବର୍ତ୍ତୀ ସିଂହ ରାଠୋରଙ୍କୁ ରାଜ୍ୟ ଉଦ୍ୟାନ କୃଷି ନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରାଯାଇଛି।

ଉଲ୍ଲେଖଯୋଗ୍ୟ, ରାଜ୍ୟ ସରକାର ଖୁବଶୀଘ୍ର ସଚିବସ୍ତରରେ ଅଦଳବଦଳ କରିବାର ସମ୍ଭାବନା ରହିଛି। ୨୦୦୪ ବ୍ୟାଚ୍ ଆଇଏଏସ୍ ରୂପା ମିଶ୍ରଙ୍କ କେନ୍ଦ୍ରୀୟ ଡେପୁଟେସନରୁ ଫେରି ପ୍ରାୟ ଏକମାସ ହେବ ରାଜ୍ୟ ସରକାରରେ ଯୋଗ ଦେଇସାରିଥିଲେ ମଧ୍ୟ ତାଙ୍କୁ ଏପର୍ଯ୍ୟନ୍ତ କୌଣସି ନିଯୁକ୍ତି ମିଳିପାରି ନାହିଁ । ସେହିପରି ୧୯୯୭ ବ୍ୟାଚ୍ ଆଇଏଏସ୍ ସଞ୍ଜୟ ସିଂ ବିହାରକୁ ଡେପୁଟେସନରେ ଯିବାକୁ ଥିବାବେଳେ ୨୦୦୧ ବ୍ୟାଚ୍ ଆଇଏଏସ୍ ଆର.ସନ୍ତୁଗୋପାଳନ ଚଳିତମାସରେ ସ୍ୱେଚ୍ଛାକୃତ ଅବସର ପାଇଁ ଆବେଦନ କରିସାରିଛନ୍ତି। ସନ୍ତୁଗୋପାଳନ ଏବେ ମୁଖ୍ୟ ନିର୍ବାଚନ ଅଧିକାରୀ ଓ ଅବକାରୀ ବିଭାଗର ପ୍ରମୁଖ ସଚିବ ଭାବେ କାର୍ଯ୍ୟରତ ଅଛନ୍ତି ।

### ଡାହୁକ

ଭାଇ ଖାଇବାକୁ ବାହାପିଆ କଥା
ଲୋକଙ୍କୁ ଦେଖେଇ ହୋଇ
ଯେମିତିକା ମୋଦି ସେମିତି ମୋହନ
କଥମ ନୁହନ୍ତି କେହି
ବଡବାଡିଆଙ୍କୁ କୁଣ୍ଢେଇ ମୁଣ୍ଢେଇ
ଦେଶ ସମ୍ପତ୍ତିକୁ ଦେଇ
ହିଁ ହିଁ ହୋଇ ଲୁଟିବାରେ ବେସ୍ତ
ଦଇବ ପୁରୁଷ ପାଇଁ



-ବିଧୁ

# ଦୁର୍ନୀତି କରି ୪୧ ସରକାରୀ କର୍ମଚାରୀ ବହିଷ୍କୃତ, ୯୧ ଅବସରପ୍ରାପ୍ତ କର୍ମଚାରୀଙ୍କ ପେନସନ ବନ୍ଦ

ଭୁବନେଶ୍ୱର, ୨୭।୧୦(ନି.ପ୍ର.): 'ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ହେବା ପରେ ୪୧ ଜଣ ସରକାରୀ କର୍ମଚାରୀଙ୍କୁ ଚାକିରିରୁ ବରଖାସ୍ତ କରାଯାଇଛି ଏବଂ ୯୧ ଜଣ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ପେନସନ ବନ୍ଦ କରାଯାଇଛି।' ରାଜ୍ୟ ସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୬ କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ଏ କଥା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଚେତାବନୀ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, ପୂର୍ବ ପରି ଶାସନ ଆଇଭରି ଟାୱାରରୁ ଚାଲୁ ନାହିଁ। ସରକାର ଲୋକଙ୍କ ପାଖକୁ ଯାଉଛନ୍ତି। ଲୋକଙ୍କ କଥା ଶୁଣୁଛନ୍ତି। ଆମ ସରକାରଙ୍କ ଜନଶୁଣାଣି କାର୍ଯ୍ୟକ୍ରମ ତୃଣମୂଳସ୍ତରରେ ଦୁର୍ନୀତିକୁ ରୋକିବା ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ। ଜନଶୁଣାଣି କାର୍ଯ୍ୟକ୍ରମ ମାଧ୍ୟମରେ ଲୋକମାନେ ତାଙ୍କ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ସେମାନେ ସମ୍ମୁଖୀନ ହେଉଥିବା ଦୁର୍ନୀତି ବିଷୟରେ ଅବଗତ କରାଉଛନ୍ତି ଓ ତଦନୁଯାୟୀ କାର୍ଯ୍ୟାନୁଷ୍ଠାନ ମଧ୍ୟ ନିଆଯାଉଛି।

ଲୋକସେବା ଭବନ କନ୍‌ଭେନ୍‌ସନ ସେଣ୍ଟର ଠାରେ ଆୟୋଜିତ ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ପଦାଧିକାରୀ ଓ ଅତିଥିମାନଙ୍କୁ ଦୁର୍ନୀତି ବିରୁଦ୍ଧରେ ସାଧୁତାର ଶପଥ ପାଠ କରାଇ କହିଥିଲେ ଯେ ଭିଜିଲାନ୍ସ ବିଭାଗ ହେଉଛି ଗୁଡ୍ ଗଭର୍ଣ୍ଣାନ୍ସର ଆଖି ଓ କାନ। ଗୁଡ୍ ଗଭର୍ଣ୍ଣାନ୍ସ ମାନେ କେବଳ ନୀତି ଓ ଯୋଜନା ପ୍ରଣୟନ କରିବା ନୁହେଁ, ଏହାର ପ୍ରକୃତ ଅର୍ଥ ହେଉଛି ଦୁର୍ନୀତିକୁ ସମ୍ପୂର୍ଣ୍ଣ ଭାବେ ରୋକାଯାଇ ଉଦ୍ଦିଷ୍ଟ ଅର୍ଥ ଯେଉଁ କାରଣ ପାଇଁ ପ୍ରାବଧାନ



କରାଯାଇଛି, ଯାହାଙ୍କ ପାଇଁ କରାଯାଇଛି, ତାଙ୍କ ପାଖରେ ପହଞ୍ଚିବାକୁ ଶତପ୍ରତିଶତ ସୁନିଶ୍ଚିତ କରିବା। ତେଣୁ, ରାଜ୍ୟର ପ୍ରଗତି ସହିତ ତାଳ ମିଳାଇ ଆମ ସରକାର ଓଡିଶା ଭିଜିଲାନ୍ସକୁ ଅଧିକ ଦକ୍ଷ ଓ ଶକ୍ତିଶାଳୀ କରିବା ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରିଛନ୍ତି।

ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଔଇଗ ବ୍ୟବସ୍ଥା ପାଇଁ ତାଙ୍କୁ ଧନ୍ୟବାଦ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜି ଟେକ୍ନୋଲୋଜିକୁ ବ୍ୟବହାର କରି ମୋଦୀଜୀ ତୃଣମୂଳ ସ୍ତରରେ ଦୁର୍ନୀତିକୁ ସମ୍ପୂର୍ଣ୍ଣ ମୂଳପ୍ତାଟନ କରିଛନ୍ତି। ବାଟମାରଣା ସମ୍ପୂର୍ଣ୍ଣ ବନ୍ଦ ହୋଇଛି। ଏହି ବ୍ୟବସ୍ଥା ଗରିବଙ୍କ ପାଇଁ ଭଗବାନଙ୍କ ବରଦାନ ଠାରୁ କିଛି କମ୍ ନୁହେଁ।

ଦୁର୍ନୀତି ବିରୁଦ୍ଧରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଦୁର୍ନୀତି ମୁକାବିଲା ପାଇଁ ଆମ ସରକାର ଦୁର୍ନୀତି ବିରୁଦ୍ଧରେ ଶୂନ୍ୟ ସହନଶୀଳତା ନୀତି, ଇଣ୍ଟେଲିଜେନ୍ସ ଆଧାରରେ ପଦ, କାର୍ଯ୍ୟକାଳ ନିର୍ବିଶେଷରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଏବଂ ଦୁର୍ନୀତି ପାଇଁ ଗିରଫ ହୋଇଥିବା ଅଧିକାରୀଙ୍କ ଦଣ୍ଡ ବିଧାନ ଭଳି ତିନୋଟି ରଣକୌଶଳ ଆପଣାଇଛନ୍ତି। ଭିଜିଲାନ୍ସ ବିଭାଗ ଏହି ରଣକୌଶଳକୁ ନିର୍ଭିକତାର ସହିତ ଏବଂ ବୃତ୍ତିଗତ ଭାବେ କାର୍ଯ୍ୟକାରୀ କରୁଥିବା ଦର୍ଶାଇ ସେ ସନ୍ତୋଷ ବ୍ୟକ୍ତ କରିଥିଲେ।

ଦୁର୍ନୀତି ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗତ ଅଢେଇ ବର୍ଷ ମଧ୍ୟରେ ଓଡିଶା ଭିଜିଲାନ୍ସ ପକ୍ଷରୁ ଜଣେ ଆଇ.ଏ.ଏସ୍, ୮ ଜଣ ମୁଖ୍ୟ ଯନ୍ତ୍ରୀ ପାହ୍ୟାର ଅଧିକାରୀ, ୨ ଜଣ ବିଭାଗୀୟ ବନ ଅଧିକାରୀ, ଅବକାରୀ ଏବଂ ଏସ୍.ଟି.ଏ ର ଯୁଗ୍ମ କମିଶନର, ୩ ଜଣ ଖଣି ଉପନିର୍ଦ୍ଦେଶକ, ୫ ଜଣ ତହସିଲଦାର, ୪ ଜଣ ବିଡିଓ ଏବଂ ଅନେକ ସରକାରୀ ପଦାଧିକାରୀଙ୍କ ବିରୁଦ୍ଧରେ ଦୃଢ ପଦକ୍ଷେପ ଗ୍ରହଣ କରାଯାଇଛି।

ମୁଖ୍ୟମନ୍ତ୍ରୀ ଚଳିତ ବର୍ଷର ପ୍ରସଙ୍ଗ 'ସାଧୁତାରୁ ସମୃଦ୍ଧି' ବିଷୟରେ ବର୍ଣ୍ଣନା କରି କହିଥିଲେ ଯେ, ଦୃଢ ନୈତିକତା, ସମ୍ପୂର୍ଣ୍ଣ ସ୍ୱଚ୍ଛତା ଓ ସାଧୁତା ହେଉଛି ଆମର ଏହି ଦୁର୍ନୀତି ବିରୋଧୀ ଲଢେଇର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅସ୍ତ୍ର। ସରକାରୀ କର୍ମଚାରୀମାନଙ୍କୁ ଆଚରଣରେ ସାଧୁତା ଓ ନିଷ୍ଠା ପ୍ରଦର୍ଶନ କରିବା ସହିତ ସମସ୍ତେ ସାଧୁତାକୁ ନିଜର ବିଶ୍ୱାସ ଓ ନିଷ୍ଠାକୁ ଜୀବନର ଏକ ଶୈଳୀ ଭାବେ ଗ୍ରହଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ୨୦୨୫ ବର୍ଷ ପାଇଁ ଶ୍ରେଷ୍ଠ ଭିଜିଲାନ୍ସ ଡିଭିଜନ ଭାବେ କୋରାପୁଟ ଡିଭିଜନ, ଶ୍ରେଷ୍ଠ ୟୁନିଟ ଭାବେ ଅନୁଗୋଳ ୟୁନିଟ, ଶ୍ରେଷ୍ଠ ଆଇ.ଓ ଭାବେ ମାଲକାନଗିରି ଭିଜିଲାନ୍ସ ଡିଏସପି ସଦାନନ୍ଦ ପାଣି, ଶ୍ରେଷ୍ଠ ମହିଳା ଆଇ.ଓ ଭାବେ ଭୁବନେଶ୍ୱର ଡିଭିଜନର ବୈଭବମାଳା ସ୍ୱାଇଁ ଏବଂ ଶ୍ରେଷ୍ଠ ପବ୍ଲିକ ପ୍ରୋସିକ୍ୟୁଟର ଭାବେ ଭୁବନେଶ୍ୱର ଭିଜିଲାନ୍ସ ସ୍ପେଶାଲ ଜଜ୍ କୋର୍ଟର ସଲିଳ କୁମାର ପ୍ରଧାନଙ୍କୁ ପୁରସ୍କୃତ କରିଥିଲେ।



# କେନ୍ଦୁଝରରେ ଜିଲ୍ଲାସ୍ତରୀୟ ଜନଗଣନା ଅଧିକାରୀମାନଙ୍କ ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

କେନ୍ଦୁଝର,୨୭।୧୦ :(ମନ୍ଥନ)କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲ୍ ଠାରେ 'ଭାରତର ଜନଗଣନା ୨୦୨୭' ନିମନ୍ତେ ଜିଲ୍ଲାସ୍ତରୀୟ ଜନଗଣନା ଅଧିକାରୀମାନଙ୍କର ଏକ ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଦୁଇ ଦିନ ଧରି ଚାଲୁରହିବ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା, ଚମ୍ପୁଆ ଉପଜିଲ୍ଲାପାଳ ସୁବୋଧଦର୍ଶୀ ଯୋଶୀ, ଜିଲ୍ଲାସ୍ତରୀୟ ଅଧିକାରୀ ଓ ଜନଗଣନା ସମ୍ପର୍କିତ ବୃନ୍ଦ



ଉପସ୍ଥିତ ଥିଲେ। ପ୍ରଶିକ୍ଷଣ ଶିବିରରେ ଭାରତ ସରକାରଙ୍କ ଜନଗଣନା ନିର୍ଦ୍ଦେଶାବଳୀ ଅନୁଯାୟୀ କାର୍ଯ୍ୟ ସମ୍ପାଦନ, ତଥ୍ୟ ସଂଗ୍ରହ ପ୍ରକ୍ରିୟା, ନୂତନ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଏବଂ ଆଗାମୀ ଜନଗଣନା କାର୍ଯ୍ୟକୁ ସୁଚାରୁରୂପେ ପରିଚାଳନା କରିବା ସମ୍ପର୍କରେ ବିସ୍ତୃତ ଆଲୋଚନା ଓ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। 'ଗଣନା ମାତ୍ର ସଂଖ୍ୟା ନୁହେଁ, ଜନଗଣନାକୁ ଜନକଲ୍ୟାଣ' ଲକ୍ଷ୍ୟ ନେଇ ସଠିକ୍ ଓ ନିର୍ଭୁଲ ତଥ୍ୟ ସଂଗ୍ରହ ଉପରେ ଗୁରୁତ୍ୱ ଆରୋପ କରାଯାଇଛି। ଜିଲ୍ଲାର ଜନଗଣନା କାର୍ଯ୍ୟକୁ ସଫଳ ଓ ତ୍ରୁଟିଶୂନ୍ୟ କରିବା ପାଇଁ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ନିଷ୍ଠାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଛି।

# ରାସ୍ତା ନିର୍ମାଣକୁ ୪ମାସ ନପୂରୁଣୁ ରାସ୍ତା ଅବସ୍ଥା ଶୋଚନୀୟ

ଡେଲାଙ୍ଗ,୨୭।୧୦ :(ମନ୍ଥନ) ଅର୍ଣ୍ଣବ ବାତ୍ୟା ପାଇଁ ତୁହାକୁ ତୁହା ବର୍ଷା ସାଙ୍ଗକୁ ପବନ ଲାଗି ରହିଥିବା ବେଳେ ଅନ୍ୟପଟେ ଜନଜୀବନ ଚାଲପ୍ରଚଳରେ ଅସ୍ତ ବ୍ୟସ୍ତ ଲାଗି ରହିଛି । ପୁରୁଣା ଡେଲାଙ୍ଗ ରାସ୍ତା ଠାରୁ ଧାନକେରା ମୁଖ୍ୟ ରାସ୍ତା ଜଳସେଚନ ବିଭାଗ ଅଧୀନରେ ଥିବା ଡେଲାଙ୍ଗ ଡ଼ିଷ୍ଟ୍ରିବ୍ୟୁଟର କେନାଲ ବନ୍ଧ କଂକ୍ରିଟ ରାସ୍ତା ନିର୍ମାଣ କୁ ୪ମାସ ପୁରୀ ନଥିବା ବେଳେ ନିମ୍ନ ମାନର କାମ ପାଇଁ ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡ଼ିଥିବା ଅଭିଯୋଗ ହୋଇଛି। ଏହି ପୁରୁଣା ଡେଲାଙ୍ଗ ଠାରୁ କେନାଲ ବନ୍ଧ ରାସ୍ତା ଉପରେ ଧାନକେରା, ଅଭୟମୁଖୀ ପଂଚାୟତ ବାସି ନିର୍ଭର କରୁଥିବା ବେଳେ ଜୁଇଲୁଣ୍ଡା, ଚାନ୍ଦୋଳ, ସାନ ମୁନିନ୍ଦା ଅଳଉତା , ବେଲପଡ଼ା,ମହନପୂର, ପୁରୁଣା ଡେଲାଙ୍ଗ ଏବଂ ଗୁଣ୍ଡୁଚି ପାଟଣା ଗ୍ରାମର ଜନସାଧାରଣଙ୍କ ଏକମାତ୍ର ରାସ୍ତା ହୋଇଥିବାରୁ ସମସ୍ତେ ଏହି ରାସ୍ତା



ଉପରେ ଚାଲପ୍ରଚଳ ପାଇଁ ନିର୍ଭର କରନ୍ତି। ହେଲେ ଦୁଃଖ ର ବିଷୟ ରାସ୍ତା ହେବାର ୪ମାସ ହୋଇନି କଂକ୍ରିଟ ରାସ୍ତା ଫାଟି ଆଁ କରିଥିବା ବେଳେ ଖାଲ ଖମାରେ ପାଣି ଜମି ମରଣଯନ୍ତା ପାଲଟିଛି। ଖାଲଖମା ରାସ୍ତା ପାଇଁ ସ୍କୁଲ କଲେଜ ପିଲା ଠାରୁ ଆରମ୍ଭ କରି ସ୍ଥାନୀୟ ବାସିନ୍ଦା ଙ୍କ ଛୋଟ ବଡ଼ ଦୃଘଟଣା ଘଟୁଛି। ରୋଗୀ ଟିଏ ଆମ୍ବୁଲାନ୍ସ ରେ ମେଡିକାଲ କୁ ନେବା ଅତି କଷ୍ଟକର ହୋଇପଡିଛି। ଏନେଇ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କଲେ ବି ସୁଧା କର୍ଣ୍ଣପାତ କରୁନଥିବା ଅଭିଯୋଗ କରିଛନ୍ତି। ନିମ୍ନ ମାନର ରାସ୍ତା କାମକୁ ନେଇ ଅଂଚଳରେ ଜନଅସନ୍ତୋଷ ବଢିବାରେ ଲାଗିଛି। ଏଭଳି କାର୍ଯ୍ୟକଳାପ ପାଇଁ ଜଳସେଚନ ବିଭାଗ ବିରୋଧରେ ବ୍ଲକ କଂଗ୍ରେସ ରାଜ ରାସ୍ତା କୁ ଓହ୍ଲାଇବ ବୋଲି ଡେଲାଙ୍ଗ ବ୍ଲକ କଂଗ୍ରେସ ସଭାପତି ନିର୍ମଳ ପରିଡା ଚେତାବନୀ ଦେଇଛନ୍ତି।

# ବିଭିନ୍ନ ସ୍ଥାନରେ ମା ଚଣ୍ଡୀଳାଙ୍କ ବଦପୂଜା ଶେଷ

ଜଗତସିଂହପୁର, ୨୭।୧୦ :(ମନ୍ଥନ)ଜଗତସିଂହପୁର ସର୍ବ ପୁରାତନ ସିଂହାରପୁର ପଞ୍ଚାୟତରେ ୩୦ରୁ ଉର୍ଦ୍ଧ ମଣ୍ଡପରେ, ବିରିଡିବ୍ଲକ ପାଣ୍ଡିଆ ରାଇସସ ମିଲ୍ ସମେତ ବିଭିନ୍ନ ସ୍ଥାନରେ ସେହିପରି ରଘୁନାଥପୁର ବ୍ଲକର ଧରାଧର ପୁର,ତରିକୁନ୍ଦ, ଜୟଷୋଳ,ଗାରୁଆଳ, ସାନତିହଡା, ପଣ୍ଡିଆସାହି ସମେତ ଗୋଠିଣାରେ ଦୀର୍ଘ ୨୭ ବର୍ଷହେଲା ମାଙ୍କ ପୂଜା ହେଉଥିବାବେଳେ ଶଙ୍କର ସ୍ୱାଇଁ ପତ୍ନୀ କବିତା ସ୍ୱାଇଁ କର୍ତା କର୍ତ୍ତୀ କାର୍ଯ୍ୟ ତୁଲାଉଛନ୍ତି। ବଡତିହଡାରେ ନୃସିହ ଚରଣ ସ୍ୱାଇଁ କର୍ତା କାର୍ଯ୍ୟ ଲିଭାଉଛନ୍ତି। ଏହାସହିତ ଚାନ୍ଦପୁର, ଗୁଆଳିପୁର, ଅଢେଇକୁଳ, ଆୟର, ସମଙ୍ଗ ବରଓସ୍ତ ଛକ କଂଟୁଆର ଆଦି ବିଭିନ୍ନ ସ୍ଥାନରେ ଗଜଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହୋଇଛି । ଏହି ଅବସରରେ ରବିବାର କଳସ ଯାତ୍ରା ଓ ମା'ଙ୍କ ଚକ୍ଷୁଦାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମଙ୍ଗଳ ବାର ସମସ୍ତ ମଣ୍ଡପରେ ବଡପୂଜା ଅନୁଷ୍ଠିତ ହୋଇଥିବା ବେଳେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ଆଲୋକ ସଜାରେ



ମାଙ୍କ ମଣ୍ଡପ ବେଶ ମନଲୋଭ ହୋଇଛି। ପ୍ରତେକ ମଣ୍ଡପକୁ ଦର୍ଶନ ପାଇଁ ଭକ୍ତ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଥିବାର ଦେଖିବାକୁ ମିଳିଛି। କିଛି ମଣ୍ଡପରେ ମାଙ୍କୁ ୫ଦିନେ ମେଲାଣି ଦେବାକୁ ଥିବାବେଳେ କିଛି ୭ଦିନେ ମେଲାଣି ଦେବେବୋଲି କର୍ମକର୍ତା ସୂଚନା ଦେଇଛନ୍ତି।

# ପ୍ରଫେସର ଅଚ୍ୟୁତ ସାମନ୍ତଙ୍କୁ ବିଶ୍ୱର ମହାମାନବ ସମ୍ମାନ ପ୍ରଦାନ

ଜଗତସିଂହପୁର,୨୭।୧୦ :(ମନ୍ଥନ)କିଟ୍, କିସ୍ ପ୍ରତିଷ୍ଠାତା ପ୍ରଫେସର ଡ ଅଚ୍ୟୁତ ସାମନ୍ତ ଙ୍କୁ ରାଜ୍ୟସ୍ତରୀୟ ନାଗରିକ କମିଟି ପକ୍ଷରୁ ରଘୁନାଥପୁର ଠାରେ ଏକ ସ୍ୱତନ୍ତ୍ର ଉତ୍ସବରେ ବିଶ୍ୱର ମହାମାନବ ସମ୍ମାନ ରେ ସମ୍ମାନିତ କରାଯାଇଥିଲା । ଏହି ଉତ୍ସବରେ କମିଟି ସଭାପତି ବିଜୟ କୁମାର ସ୍ୱାଇଁ ଡ ସାମନ୍ତ ଙ୍କୁ ପୁଷ୍ପଗୁଚ୍ଛ ଉତ୍ତରୀୟ, ମାନପତ୍ର ଓ ଏକ ସିଲ ପ୍ରଦାନ କରି ସମ୍ମାନିତ କରି ପ୍ରଫେସର ସାମନ୍ତ ୧୯୯୩ ମସିହା ରେ ଯେଉଁ ମାନେ ଖାଦ୍ୟ, ବସ୍ତ୍ର ଠିକ୍ ଭାବେ ପାଉ ନ ଥିଲେ ଓ ଶିକ୍ଷା ସେମାନଙ୍କ ପାଇଁ ସାତ ସପନ ଥିଲା ଉକ୍ତ ୫୪ ଜଣ ଆଦିବାସୀ ଜନଜାତି ପିଲା ମାନଙ୍କୁ ପ୍ରତ୍ୟେକ ଙ୍କ ଘରୁ ଗାଡି ରେ ନେଇ ଭୁବନେଶ୍ୱର ରେ ଏକ ଭଡ଼ା ଘରେ ରଖି କିସ୍ ପ୍ରତିଷ୍ଠା କରି କେଜି ରୁ ପି ଜି ପର୍ଯ୍ୟନ୍ତ ମାଗଣାରେ ଖାଇବା, ପିଇବା, ବସ୍ତ୍ର, ପାଠ ଉପକରଣ ଯୋଗାଇଦେଇ ପାଠ ପଢ଼ାଇଥିଲେ, ଏହି ଅନୁଷ୍ଠାନ କିସ୍ ଆଜି ବିଶ୍ୱର ସର୍ବ ବୃହତ



ଓ ସର୍ବ ପ୍ରଥମ ଜନଜାତି ବିଶ୍ୱ ବିଦ୍ୟାଳୟ ଭାବେ ଗଢି ଉଠିଛି, ଯେଉଁ ଅନୁଷ୍ଠାନ ରେ ଆଜି ୪୦ ହଜାର ଆଦିବାସୀ ଜନଜାତି ପିଲା ପାଠ ପଢୁ ଅଛନ୍ତି ଓ ୮୦ ହଜାର ପିଲା ଏଠାରୁ ପାଠ ପଢି ପୃଥିବୀର ବିଭିନ୍ନ ସ୍ଥାନରେ ବଡ ବଡ ପଦ ପଦବୀ ରେ ଅବସ୍ଥାପିତ କରାଇଥିବାରୁ ପ୍ରଫେସର ସାମନ୍ତ ଙ୍କୁ ଆଜି ବିଶ୍ୱର ମହା ମାନବ ସମ୍ମାନରେ ସମ୍ମାନିତ କରିଛୁ ବୋଲି ଶ୍ରୀ ସ୍ୱାଇଁ କହିଥିଲେ, କିସ୍ ପାଇଁ ଦେଶରୁ ମାଓବାଦୀ ସଂଖ୍ୟା ବହୁ ମାତ୍ରାରେ ହ୍ରାସ ପାଇଛି ବୋଲି ସେ କହିଛନ୍ତି । ଏହି ଉତ୍ସବରେ ମୁଖ୍ୟମନ୍ତ୍ରୀ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ନିକୁଞ୍ଜ କିଶୋର ଦାଶ,ସମାଜସେବୀ ଦିଲିପ କୁମାର ଜେନା, ଶିକ୍ଷାବିତ୍ ପ୍ରଣତି ଲତା ଦାଶ, କଣ୍ଠଶିଳ୍ପୀ ଯୁଗଳ କିଶୋର ଦାସ, ଅରକ୍ଷିତ ସାହୁ, ଇଶ୍ୱର ବେହେରା, ଇ. ଅଶୋକ କୁମାର ନାୟକ, ଡ ଧର୍ମପଦ ମହାପାତ୍ର, ଇ. ପ୍ରଣବ କିଶୋର ରାୟ, ଶିକ୍ଷାବିତ୍ ପୂର୍ଣ୍ଣିମା ମିଶ୍ର, ପ୍ରମୋଦ କୁମାର ନାୟକ, ଆଇନଜୀବୀ ପ୍ରଦୀପ୍ତ କୁମାର ବିହାରୀ. ପ୍ରସନ୍ନ ତ୍ରିପାଠୀ,ମୁକ୍ତକ୍ଷର ଅଲ୍ଲୀ ଖାଁ,ସରିତା ସିହ୍ନା, ବୀଣାପାଣି ଦାଶ, ମଦନ ମୋହନ ସାହୁ ପ୍ରମୁଖ ଯୋଗ ଦେଇ ଡ ସାମନ୍ତ ଲକ୍ଷ୍ ଲକ୍ଷ ଲୋକ ମାନଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ସହ କ୍ରୀଡା ଓ ଗରିବ ଅସହାୟ ଲୋକ ଙ୍କ ପାଇଁ ନିଜ ଜୀବନ ର ସମସ୍ତ ସମୟ କୁ ଉତ୍ସର୍ଗ କରି ଦେଇଛନ୍ତି ଓ ପ୍ରତ୍ୟକ୍ଷ ଭାବେ ୨୦ ହଜାର ଏବଂ ପରୋକ୍ଷରେ ୪୦ ହଜାର ଲୋକ ଙ୍କୁ ନିଯୁକ୍ତି ଦେଇଛନ୍ତି ବୋଲି ବକ୍ତା ମାନେ କହିଥିଲେ । ଏହି ଉତ୍ସବରେ ଅବସର ପ୍ରାପ୍ତ ଦୁର୍ନୀତି ନିବାରଣ ଅଧିକାରୀ ରଞ୍ଜନ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଆଗୁଆ ସତର୍କ ସୂଚନା ଜାରି କଲା ବାଘୁଆ ଜଳସେଚନ ପ୍ରଶାସନ

ବୁଗୁଡ଼ା, ୨୭।୧୦ :(ମନ୍ଥନ)ବାତ୍ୟା ଅର୍ଣ୍ଣବକୁ ଦୃଷ୍ଟିରେ ରଖି ସ୍ଥାନୀୟ ବାଘୁଆ ଜଳସେଚନ ଉପବିଭାଜନ ପକ୍ଷରୁ ସହକାରୀ ନିର୍ବାହୀ ଯନ୍ତ୍ରୀ ବିଶ୍ୱ ଜୀବନ ମହାପାତ୍ର ବାଘୁଆ ଜଳ ଭଣ୍ଡାରରୁ ଯେ କୈଣସି ସମୟରେ ବାଘୁଆ ନଦୀଗର୍ଭକୁ ବନ୍ୟାଜଳ ନିଷ୍କାସନ ସକାଶେ ମାଇକ୍ ଯୋଗେ ଆଗୁଆ ସତର୍କ ସୂଚନା ଜାରି କରିଥିବା ଜଣାଯାଇଛି । ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ନିର୍ଦ୍ଦେଶ ଅନୁଯାୟୀ ଜଳସେଚନ ବିଭାଗର ପ୍ରଶାସନିକ ଅଧିକାରୀମାନଙ୍କୁ ଏଥି ସକାଶେ ସତର୍କ ରହିବାକୁ କୁହାଯାଇଛି । ଲଘୁଚାପ ଜନିତ ବର୍ଷା ଯୋଗୁଁ ଜଳ ଭଣ୍ଡାରରେ ଜଳ ପତନ ବୃଦ୍ଧି ଆଶଙ୍କାରେ ବନ୍ୟା ନିୟନ୍ତ୍ରଣର ଆଗୁଆ ପଦକ୍ଷେପ ଗ୍ରହଣ ପାଇଁ ଏଭଳି ସୂଚନା ଜାରି କରାଯାଇଛି । ସୂଚନା ଅନୁଯାୟୀ ଏହି ତିନି ଦିନ ବର୍ଷା ସମୟରେ ନଦୀ ଗର୍ଭକୁ କୌଣସି ପ୍ରକାରେ ବ୍ୟବହାର କରିବା ନିଷେଧ କରାଯିବା ସହ ସାବଧାନତା ଅବଲମ୍ବନ କରିବାକୁ କୁହାଯାଇଛି। ଏଥିସହ ଗୃହପାଳିତ ପଶୁ ମାନଙ୍କୁ ନଦୀ ଭିତରକୁ ନ ଛାଡିବା, ନିଜ ନିଜର ଧନ ଜୀବନର ସୁରକ୍ଷା ପାଇଁ ସର୍ବସାଧାରଣ ପ୍ରଶାସନକୁ ସହଯୋଗ କରିବା ପାଇଁ ପ୍ରଶାସନ ପକ୍ଷରୁ ସୂଚନା ଜାରି କରାଯାଇଛି । ସମସ୍ତଙ୍କ ଗୋଚରାର୍ଥ ବୁଗୁଡ଼ା ବ୍ଲକ ଅନ୍ତର୍ଗତ ତାକରଡା, ଭଗବାନପୁର, ବି. କରଡ଼ାବାଡ଼ି, ବିରଞ୍ଚିପୁର, ଗୋଲିଆ, ଭାମଶିଆଳି, ସୋଡକ ଆଦି ପଞ୍ଚାୟତରେ ଓ କୋଠଘର କାନ୍ଥରେ ସତର୍କ ସୂଚନା ବିଜ୍ଞାପନ ମରାଯାଇ ବିଶେଷତଃ ନଦୀ କୂଳିଆ ଗ୍ରାମର ଗ୍ରାମବାସୀଙ୍କୁ ଏଥି ପ୍ରତି ସଚେତନ ରହିବାକୁ କୁହାଯାଇଛି । ପ୍ରକାଶ ଯେ, ବାଘୁଆ ଜଳ ଭଣ୍ଡାର ସ୍ତରର ଉଚ୍ଚତା ତଥା ବିପଦ ସଂକେତ ୧୧୩. ୮୫ ମିଟର ଥିବାବେଳେ ବର୍ତ୍ତମାନ ଏହାର ସ୍ତର ୧୧୨.୭୧ ମିଟର ଅଛି ।

# ବଲାଙ୍ଗୀରି ଏନ ବୀରାଙ୍ଗନା"ଅନୁଷ୍ଠାନ ପକ୍ଷରୁ ନୃତ୍ୟ ପ୍ରତିଯୋଗୀତା

ବଲାଙ୍ଗୀର,୨୭।୧୦ :(ମନ୍ଥନ) ବଲାଙ୍ଗୀରଦିନ୍ ପାଳନ ପୂର୍ବରୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ହେଉଥିବା କାର୍ଯ୍ୟକ୍ରମଗୁଡିକ ଚାଲିଛି । ଆଜି ବଲାଙ୍ଗୀରିଏନବୀରାଙ୍ଗନା ଅନୁଷ୍ଠାନ ପକ୍ଷରୁ ସ୍ଥାନୀୟ ପିପିଏକାଡେମୀଠାରେ ନୃତ୍ୟପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଂଗୀତା, ଦିବ୍ୟା, ମିନତି, ହେପି, ଅନୀମା, ମୌସୁମୀ, ପ୍ରିୟା,ଶ୍ରୀୟା, ପ୍ରିୟଙ୍କା, ପଙ୍କଜିନୀ(ପିଙ୍କି)ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରତିଯୋଗୀତାରେ ୩୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଅତିଥି ଭାବରେ ବଲାଙ୍ଗୀରଦିନ୍ ଆୟୋଜକ କମିଟିର ଅଧ୍ୟକ୍ଷ ଗୋପାଳଜୀ ପାଣିଗ୍ରାହୀ,ଗୋପାଳ ପ୍ରଧାନ,ଲୋଟସ ଷଢଙ୍ଗୀ ଯୋଗଦେଇଥିବା ବେଳେ ବିଚାରକ ଭାବରେ ସଂଗୀତା,ଜିତ,ଚରଣ ପ୍ରମୁଖ ଯୋଗଦେଇଥିଲେ । ପଙ୍କଜୀନୀ ପୋଢ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।ଠିକ ସେହିପରି ବଲାଙ୍ଗୀରଦିନ୍ ଷ୍ଟେଜକମିଟି ପକ୍ଷରୁ ଏଙ୍କରମାନଙ୍କ ପାଇଁ ଅଡିସନ ଟେଷ୍ଟ କରାଯାଇଥିଲା । ସ୍ଥାନୀୟ ପିପିଏକାଡେମୀ ହାଇସ୍କୁଲଠାରେଷ୍ଟେଜକମିଟିର ସଂଯୋଜିକା ସରିତା ଦାସ,ଅଧ୍ୟକ୍ଷ ରାମନାରାୟଣ ଦାସ,ସହଅଧ୍ୟକ୍ଷ ଶ୍ରାବଣୀ ମେହେରଙ୍କ ଉଦ୍ୟମରେ ଆୟୋଜିତ କାର୍ଯ୍ୟକ୍ରମରେ ବିଚାରକ ଭାବରେ ମଧୁସୂଦନ ନାୟକ,ନୀରୁପମା ଉଦ୍?ଗାତା ଓ ବୀରେନ୍ଦ୍ର ପାଣ୍ଡେ ଦାୟିତ୍ୱ ତୁଲାଇଥିଲେ । ଅଡିସନ ଟେଷ୍ଟରେ ପ୍ରାୟ ୫୦ଜଣ ପାର୍ଟିସିପେଣ୍ଟ ଯୋଗଦେଇଥିଲେ । ଆୟୋଜକ କମିଟିର ଗୌରଚନ୍ଦ୍ର ପୁରୋହିତ,ପ୍ରତାପ ରଥ,ନୂତନ ଦାସ,ଅନୁପ୍ରିୟା ମିଶ୍ର,ହରିଓମ ପଟେଲ,ବୀନୋଦ କାଲସାଏ,ଋତୁରାଜ ପ୍ରଧାନ,ଆଶିଷ,ପିଣ୍ଟୁ,ପୂଜା ସାହୁ ଉପସ୍ଥିତ ରହିଥିଲେ । ମିଳି ବାରିକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ବିଚାରକମାନେ ପ୍ରତିଯୋଗୀଙ୍କ ମଧ୍ୟରୁ ୬ଜଣଙ୍କୁ ଏଙ୍କରିଙ୍ଗ ପାଇଁ ଚୟନ କରିଛନ୍ତି ବୋଲି କମିଟି ସୂତ୍ରରୁ ସୂଚନା ଦିଆଯାଇଛି ।ସଂଧ୍ୟାରେ ବଲାଙ୍ଗୀରଦିନ୍ ଆୟୋଜକ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ମଧ ଅନୁଷ୍ଠିତ ହୋଇଥିଲା ଓ ପ୍ରସ୍ତୁତିର ଅଗ୍ରଗତୀନେଇ ସମୀକ୍ଷା କରାଯାଇଥିଲା । ଆୟୋଜକ କମିଟିର ଅଧ୍ୟକ୍ଷ ଗୋପାଳଜୀ ପାଣିଗ୍ରାହୀ,ଅର୍ଥକମିଟିର ଅଧ୍ୟକ୍ଷ କିଶୋରକୁମାର ରଥ,ମିଡିଆ କମିଟିର ସଂଯୋଜକ ଲୋଟସ ଷଢଙ୍ଗୀ,ଅର୍ଥକମିଟିର ବିଧୂଭୂଷଣ ତ୍ରୀପାଠୀ,ଗୌରଚନ୍ଦ୍ର ପୁରୋହିତ,ଷ୍ଟେଜକମିଟିର ସଂଯୋଜିକା ସରିତା ଦାସ, ସାଂସ୍କୃତିକ କମିଟିର ସଂଯୋଜକ ଗୋପାଳ ପଧାନ,ସୋମନାଥ ମିଶ୍ର,ସଂଜୀବ ସାହୁ,ଅଭିଷେକ ଦାସ ,ବିକାଶ ସା,ଗୋବିନ୍ଦ ଶତପଥି,ଦୀନେଶ ଶର୍ମା,ବିନୋଦ କାଲସାଏ ଙ୍କ ସମେତ ସମସ୍ତ କମିଟିର ସଂଯୋଜକ,ଅଧ୍ୟକ୍ଷ/ସହ ଅଧ୍ୟକ୍ଷଗଣ ଯୋଗଦେଇଥିଲେ ।

# ଜଳବନ୍ଦୀ ସମସ୍ୟାର ନିରାକରଣ ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ନାଳ ସଫେଇ, ତଦାରଖ କଲେ ମନ୍ତ୍ରୀ



ବ୍ରହ୍ମପୁର,୨୭।୧୦ :(ମନ୍ଥନ) ସମ୍ଭାବ୍ୟ ବାତ୍ୟା ଓ ପ୍ରବଳ ବର୍ଷା ଆଶଙ୍କାକୁ ଦୃଷ୍ଟିରେ ରଖି ଓଡ଼ିଶାର ଅନ୍ୟତମ ପ୍ରମୁଖ ବ୍ରହ୍ମପୁର ସହରରେ ଜଳବନ୍ଦୀ ସମସ୍ୟାର ନିରାକରଣ ତଥା ଜଳର ସୁଗମ ନିଷ୍କାସନ ପାଇଁ ନାଳ ସଫେଇ କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ ଜୋରଦାର କରାଯାଇଛି। ଏନେଇ ସ୍ଥାନୀୟ ଗାୟତ୍ରୀ ବିହାର ସ୍ଥିତ ସୂର୍ଯ୍ୟ ନାଳ, ବାଞ୍ଛାଦେଇ ନଗର ସ୍ଥିତ ବାହାନା ନାଳ ସମେତ ସହରର ବିଭିନ୍ନ ପ୍ରମୁଖ ନାଳରୁ ପଙ୍କ, ଆବର୍ଜନା ଓ ଜଳ ପ୍ରବାହରେ ବାଧା ସୃଷ୍ଟି କରୁଥିବା ସାମଗ୍ରୀ ସଫା କରାଯାଉଛି । ବ୍ରହ୍ମପୁର ମହାନଗର ନିଗମ ଓ ସଂଯୋଜିତ ବିଭାଗର କର୍ମଚାରୀ ମାନେ ଏହି କାର୍ଯ୍ୟରେ ନିୟୋଜିତ ଅଛନ୍ତି । ଏହି ଅବସରରେ ରାଜ୍ୟ ବାଣିଜ୍ୟ ଓ ପରିବହନ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୁତି ଭୂଷଣ ଜେନା, ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ବ୍ରହ୍ମପୁର ମହାନଗର ନିଗମ କମିଶନର ଆକବରମ ସସ୍ୟା ରେଡ୍ଡୀ, ବ୍ରହ୍ମପୁର ଉପ ଜିଲ୍ଲାପାଳ ଅବିନାଶ କୁମାର ଏବଂ ସ୍ଥାନୀୟ ଜନ ପ୍ରତିନିଧି ମାନେ ସଫେଇ କାର୍ଯ୍ୟର ତଦାରଖ କରିବା ସହ ସହରର ଜଳ ନିଷ୍କାସନ ବ୍ୟବସ୍ଥାର ସମୀକ୍ଷା କରିଥିଲେ । ତେବେ ସମ୍ଭାବ୍ୟ ବର୍ଷା ସମୟରେ ନାଳ ଗୁଡ଼ିକରେ ଯେପରି ଜଳ ପ୍ରବାହ ବାଧା ପ୍ରାପ୍ତ ନହୁଏ, ସେଥି ପାଇଁ ସଫେଇ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ମନ୍ତ୍ରୀ ଶ୍ରୀ ଜେନା ନିର୍ଦ୍ଦେଶ ଦେଇଥିଲେ । ସେହିଭଳି ପୂର୍ବ ବର୍ଷା ସମୟରେ ଯେଉଁ ସ୍ଥାନ ଗୁଡ଼ିକରେ ଜଳ ନିଷ୍କାସନରେ ବାଧା ଯୋଗୁଁ ଜଳବନ୍ଦୀ ସମସ୍ୟା ସୃଷ୍ଟି ହୋଇଥିଲା, ସେହି ଅଞ୍ଚଳ ଗୁଡ଼ିକରେ ପ୍ରାଥମିକତା ଭିତ୍ତିରେ ସଫେଇ କରିବାକୁ ମଧ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ନାଳ ଗୁଡ଼ିକର ସ୍ଥିତି ଉପରେ ନିୟମିତ ନଜର ରଖିବା ଏବଂ ଆବଶ୍ୟକ ସ୍ଥଳେ ତୁରନ୍ତ ପଦକ୍ଷେପ ନେବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଥିଲା । ତେବେ ସମ୍ଭାବ୍ୟ ବାତ୍ୟା ଓ ପ୍ରବଳ ବର୍ଷା ସମୟରେ ସହରରେ ଜଳବନ୍ଦୀ ସମସ୍ୟାକୁ ହ୍ରାସ କରିବା, ଜଳର ସୁଗମ ନିଷ୍କାସନ ସୁନିଶ୍ଚିତ କରିବା ଏବଂ ସହରବାସୀଙ୍କ ଜନ ଜୀବନକୁ ସ୍ୱାଭାବିକ ରଖିବା ଲକ୍ଷ୍ୟରେ ଜିଲ୍ଲା ପ୍ରଶାସନ ଓ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ସମନ୍ୱିତ ଭାବେ ପ୍ରସ୍ତୁତି ଜାରି ରହିଛି ବୋଲି ଜିଲ୍ଲାପାଳ କହିଛନ୍ତି।

# ଦୀପାବଳୀରେ ଚମକିବ ବ୍ରହ୍ମପୁର, ମାଲାବାର ଗୋଲ୍ଡରେ ଆରମ୍ଭ ହେଲା ମେଗା ଦୀପାବଳୀ ଅଫର ଓ ଡାଇମଣ୍ଡ ଶୋ

ବ୍ରହ୍ମପୁର,୨୭।୧୦ :(ମନ୍ଥନ) ଆଲୋକର ପର୍ବ ଦୀପାବଳୀ ଓ ଧନତେରସ୍ ପୂର୍ବରୁ ବ୍ରହ୍ମପୁର ବାସୀଙ୍କ ପାଇଁ ଖୁସି ଖବର ନେଇ ଆସିଛି ବିଶ୍ୱ ପ୍ରସିଦ୍ଧ ଜୁଏଲାରୀ ବ୍ରାଣ୍ଡ 'ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ'। ସଂସ୍ଥା ପକ୍ଷରୁ 'Celebrate the Light of Togetherness' ଥିମରେ ଏହାର ବହୁ ପ୍ରତୀକ୍ଷିତ 'ଉସଙ୍ଗବକ୍ଷସ ଉବଙ୍କକ୍ଷ୍ମବସଶଭ ୨୦୨୬' ଏବଂ ଏକ ସ୍ୱତନ୍ତ୍ର 'ଡାଇମଣ୍ଡ ଶୋ' ର ଶୁଭାରମ୍ଭ କରାଯାଇଛି। ଏନେଇ ଆଜି ବ୍ରହ୍ମପୁର ଶୋ' ରୁମରେ ଆୟୋଜିତ ଏହି ଭବ୍ୟ କାର୍ଯ୍ୟକ୍ରମକୁ ଗସଷ୍ୱଷ୍ୱ ଈରରଭ ଟଭସଙ୍ଗରକ୍ଷ୍ୱର ଓଭ-ୟସବ ମିସ୍ ପ୍ରାସୁସି ପଣ୍ଡା ମୁଖ୍ୟ ଅତିଥି ବା ଉଦ୍ଘାଟକ ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଏହି ଅବସରରେ ମାଲାବାରର ନୂଆ ଫେଷ୍ଟିଭ କଲେକ୍ସନ ଓଡ଼ିଶାର ସଂସ୍କୃତି ଉପରେ ଆଧାରିତ ଉଷସଷ୍ୱକ୍ଷ୍ୱବଭଶସ, ଉତ୍ସବ ପାଇଁ ଏକ କଲେକ୍ସନ ଗବଭବଷବବକ୍ଷ୍ୱସ, ଲାଇଟ ଓ୍ୱେଟ ଜୁଏଲାରୀ ତଙ୍ଗଟଖ ଏବଂ ଡାଇମଣ୍ଡରେ ରଜଇ, ଚଜରଉଓଇ ଓ ଗଓଘର କଲେକ୍ସନ ଗ୍ରାହକଙ୍କୁ ବେଶ ଆକୃଷ୍ଟ କରିଥିବା ମିସ୍ ପଣ୍ଡା କହିଛନ୍ତି । ସେହିପରି ଏହି ପର୍ବରେ ରହିଛି ଧମାକା ଅଫର, ଯାହା ନଭେମ୍ବର ୧୫ ପର୍ଯ୍ୟନ୍ତ ଚାଲିବାକୁ ଥିବା ବେଳେ, ଏହି ଅଫରରେ ଗ୍ରାହକ ମାନେ ସୁନା ଗହଣା ମେକିଂ ଚାର୍ଜ ଉପରେ ୩୦%



ପର୍ଯ୍ୟନ୍ତ ଛାଡ, ହୀରାର ମୂଲ୍ୟ ଉପରେ ୩୦% ପର୍ଯ୍ୟନ୍ତ ଛାଡ, ରଜଇ, ଚଜରଉଓଇ ଓ ରୂପା ଗହଣାର ମେକିଁଂ ଚାର୍ଜ ଉପରେ ୩୦% ପର୍ଯ୍ୟନ୍ତ ଛାଡ ପାଇ ପାରିବେ। ଏହା ସହିତ ଗଓଘର ଉସବଙ୍କକ୍ଷ୍ମଭୟଷ୍ୱର ସ୍ୱତନ୍ତ୍ର ଉଓଇଗଙ୍ଗଘଉ ଝୈୗଙ୍ଗଡ ନଭେମ୍ବର ୧ ପର୍ଯ୍ୟନ୍ତ ଚାଲିବ, ତେବେ ଧନତେରସ୍ ପାଇଁ ଆଗୁଆ ବୁକିଂ ସୁବିଧା ମଧ୍ୟ ରହିଛି, ମାତ୍ର ୧୦% ଟଙ୍କା ଦେଇ ଗହଣା ବୁକ୍ କଲେ, ବୁକିଂ ଦିନର ଦର ଓ କିଣିବା ଦିନର ଦର ମଧ୍ୟରୁ ଯେଉଁଟି କମ୍ ହେବ ସେହି ଦରରେ ଗହଣା ମିଳିବ । ଏବଂ ପ୍ରତ୍ୟେକ ବୁକିଂରେ ରୂପା ମୁଦ୍ରା ଉପହାର ମିଳିବ ବୋଲି ଷ୍ଟୋର ମ୍ୟାନେଜର ଶ୍ରୀ ଅମ୍ବିକା ପ୍ରସାଦ ପଟ୍ଟନାୟକ କହିଛନ୍ତି । ଏହି ପରିପ୍ରେକ୍ଷୀରେ ମାଲାବାର ଗ୍ରୁପର ଚେୟାରମ୍ୟାନ ଏମ.ପି. ଅହମ୍ମଦଙ୍କ ବାର୍ତ୍ତା ଅନୁସାରେ 'ପ୍ରତ୍ୟେକ ଗହଣା ଗୋଟିଏ କାହାଣୀ କହେ, ଦୀପାବଳୀ କେବଳ ଏକ ପର୍ବ ନୁହେଁ, ପ୍ରିୟଜନଙ୍କ ସହ ସ୍ଥାୟୀ ସ୍ମୃତି ତିଆରି କରିବାର ସମୟ, ଆମର ଏହି ଅଫର ଗ୍ରାହକଙ୍କୁ ଏହି ପର୍ବରେ ଅଧିକ ଖୁସି ଓ ଅଧିକ ମୂଲ୍ୟ ଦେବ ବୋଲି କହିଥିଲେ। ଉକ୍ତ କାର୍ଯ୍ୟକ୍ରମ ଅନ୍ୟତମ ମ୍ୟାନେଜର ଯୁ ଶ୍ରୀନିବାସ ପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିବା ବେଳେ, ସହଯୋଗୀ ସଦସ୍ୟ ଶ୍ରୀ ମନୋଜ ମହାରଣାଙ୍କ ଦ୍ୱାରା ପରିଚାଳିତ ହୋଇ ଅନ୍ୟ ମାନେ ସହଯୋଗ କରିଥିଲେ। ଶେଷରେ କେକ୍ କାଟି ଉତ୍ସବ ପାଳନ କରିବା ସହ ପୂର୍ବ ଭଳି ଲଟେରୀ ମାଧ୍ୟମରେ ବିଜୟୀ ମାନଙ୍କୁ ଉପହାର ପ୍ରଦାନ କରାଯାଇଥିଲା।

# ଦେଓମାଳି ପର୍ବତ ଶିଖରରେ ସ୍ୱଚ୍ଛତା ର ସଚେତନତା ବାର୍ତ୍ତା ଦେଲେ ସବ୍ୟସାଚୀ

ଡେଲାଙ୍ଗ,୨୭।୧୦ :(ମନ୍ଥନ)ଡେଲାଙ୍ଗ ବ୍ଲକ ଅଭୟମୁଖୀ ପଂଚାୟତ ର ଇନ୍ଦୀପୁର ଗ୍ରାମର ଯୁବ ପରିବେଶବିତ ତଥା ପ୍ରକୃତିବନ୍ଧୁ ସବ୍ୟସାଚୀ ସେନାପତି ଦେଓମାଳି ଶିଖରରେ ପରିବେଶ ସ୍ୱଚ୍ଛତାର ସଚେତନତା ର ବାର୍ତ୍ତା ଲୋକ ମାନଙ୍କ ପାଖରେ ପହଞ୍ଚାଇ ଅନ୍ୟନ ଉଦାହରଣ ସୃଷ୍ଟି କରିଛନ୍ତି। ପ୍ରକୃତି ସହ ପରିବେଶକୁ ସମାନ୍ତରାଳ ଭାବେ ସଦାସର୍ବଦା ସ୍ୱଚ୍ଛ ରଖିବା ମୂଳ ଲକ୍ଷ୍ୟ ସମସ୍ତ ଙ୍କ ର ରହିଲେ ଏହି ପୃଥିବୀ ପୃଷ୍ଟ କୁ ସୁରକ୍ଷା ଦେଇ ହେବ ବୋଲି ସେ କହିଛନ୍ତି। ଓଡ଼ିଶାର ସବୁଠାରୁ ଉଚ୍ଚତମ ପର୍ବତ ଦେଓମାଳି ଶିଖରରେ ଆସୁଥିବା ଅନେକ ପର୍ଯ୍ୟଟକ ମାନଙ୍କୁ ପ୍ଲାଷ୍ଟିକ ବ୍ୟବହାରକୁ ମନା କରିବା ତଥା ଅଳିଆ ଆବର୍ଜନା କୁ ଡଷ୍ଟବିନ କୁଣ୍ଡରେ ପକାଇବା



କୁ ନିବେଦନ କରିବା ସହ ପାଖାପାଖି ସାତ କେଜି ପ୍ଲାଷ୍ଟିକ ଶିଖରରୁ ସଂଗ୍ରହ କରି ସୁରକ୍ଷିତ ସ୍ଥାନରେ ରଖିଥିଲେ। ତାଙ୍କ ସହିତ ଜାତୀୟ ସେବା ଯୋଜନା ର ସାଥୀ ଜ୍ୟୋତି ପ୍ରକାଶ ବେହେରା ସହଯୋଗ କରିଥିଲେ। ଏହି ମହତ କାର୍ଯ୍ୟକ୍ରମ ପାଇଁ ତାଙ୍କୁ ସେଠାରେ ପ୍ରଂଶସା କରାଯାଇଛି।

# ବର୍ଷୀୟାନ କଂଗ୍ରେସ ନେତା ଗୋପାଳ ମାହାଲିକଙ୍କ ବିୟୋଗ

କେନ୍ଦ୍ରାପଡ଼ା,୨୭।୧୦ :(ମନ୍ଥନ)କେନ୍ଦ୍ରାପଡ଼ା ସହରର ବର୍ଷୀୟାନ କଂଗ୍ରେସ ନେତା ଗୋପାଳ ଚନ୍ଦ୍ର ମହାଲିକଙ୍କ ୯୩ ବର୍ଷ ବୟସରେ ଭୁବନେଶ୍ୱରରେ ଏକ ଘରୋଇ ହସପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଶେଷ ପର୍ଯ୍ୟନ୍ତ କଂଗ୍ରେସ ଦଳର ଜଣେ ଦୃଢ ସମର୍ଥକ ଥିଲେ। ଦେହାନ୍ତ ସମୟରେ ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ଜ୍ୟେଷ୍ଠ ପୁତ୍ର ନିର୍ମଳ, କନିଷ୍ଠ ପୁତ୍ର ବିକାଶଙ୍କ ସମେତ ପରିବାର ଓ ବନ୍ଧୁବର୍ଗ ଉପସ୍ଥିତ ଥିଲେ। ତାଙ୍କ ପରଲୋକ ଖବର ପାଇ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ପୂର୍ବତନ କାଉନସିଲର ଶରତ ବେହୁରା, ଜିଲ୍ଲା ପ୍ରତିଭାପୂଜା ସଂସଦ ସଭାପତି ପ୍ରଦୀପ କୁମାର ମହାନ୍ତି, ସୁଶିଲ ସାମଲ, ଗୁଣନିଧି ଜଗତି, ସଞ୍ଜୟ ସାହୁ, ଉମାକାନ୍ତ ସିଂହ, ସୁରେଶ ମର୍ଦ୍ଦରାଜ,ଇତିହାସ ଲେଙ୍କା, ମନୋଜ ସାହୁ, କାଉନସିଲର ରମେଶ ଦାସ, ରାଜକିଶୋରାର ରାଉତରାୟ,ବ୍ରହ୍ମାନନ୍ଦ ପାତ୍ର, ରଞ୍ଜନ ଦାସ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ପିପିଲି ଭାରତୀପୁରରେ ଧୁମ୍‌ଧାମ୍‌ରେ ପାଳିତ ହେଲା କୁମାର ପୂର୍ଣ୍ଣିମା ଉତ୍ସବ

ପିପିଲି, ୨୭।୧୦ :(ମନ୍ଥନ) ପାରମ୍ପରିକ ରୀତିନୀତି, ଆନନ୍ଦ ଓ ଉତ୍ସାହର ସହ ପିପିଲି ବ୍ଲକ ଅନ୍ତର୍ଗତ ଭାରତୀପୁର ଗ୍ରାମରେ କୁମାର ପୂର୍ଣ୍ଣିମା ଉତ୍ସବ ସହ କଣ୍ଢେଇ ବିବାହ ମହୋତ୍ସବ ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି। ଦୀର୍ଘ ୧୦ ବର୍ଷ ଧରି ଗ୍ରାମର କୁମାରୀମାନେ ଏକାଠି ହୋଇ ଏହି ନିଆରା ପରମ୍ପରାକୁ ଆଗେଇ ନେଉଛନ୍ତି। ଏହି ଉତ୍ସବ ମାଧ୍ୟମରେ ସାମାଜିକ ଏକତା ଓ ଭାଇଚାରା ବଜାୟ ରଖିବା ସହ ବିବାହରେ ଯୌତୁକ ଭଳି କୁପ୍ରଥାକୁ ବିରୋଧ କରିବାର ମହତ୍ତ୍ୱପୂର୍ଣ୍ଣ ବାର୍ତ୍ତା ଦିଆଯାଇଛି ।ଏହି ଅବସରରେ ଗ୍ରାମର ଯୁବତୀମାନେ ଏକତ୍ରିତ ହୋଇ ଦୁଇ କୁନି ଝିଅଙ୍କୁ ବର ଓ କନ୍ୟା ବେଶରେ ସଜାଇ ପାରମ୍ପରିକ ରୀତିନୀତି ଅନୁଯାୟୀ କଣ୍ଢେଇ ବିବାହ ଉତ୍ସବ ଆୟୋଜନ କରିଥିଲେ। ବିବାହ ପୂର୍ବରୁ ମଙ୍ଗନ, ହଳଦୀ ଓ ମେହେନ୍ଦି ଉତ୍ସବ ପାଳନ କରାଯାଇଥିବା ବେଳେ ବିବାହ ଦିନ ବରକୁ ଏକ ବିରାଟ ପଟୁଆରରେ ଅଣାଯାଇ ବିଧିବିଧାନ ଅନୁଯାୟୀ କଣ୍ଢେଇ ବିବାହ ସମ୍ପନ୍ନ କରାଯାଇଥିଲା। ଏହି ନିଆରା ପରମ୍ପରାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଓ ଆନନ୍ଦ ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୁମାରୀମାନଙ୍କୁ ଉତ୍ସାହିତ କରିବା ସହ ଏହି ଆନନ୍ଦମୟ ପର୍ବରେ ସାମିଲ ହୋଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର ପିପିଲି ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ଏବଂ ସରପଞ୍ଚ ଜଗନ୍ନାଥ ନନ୍ଦଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏଥିରେ ଯୋଗଦେଇଥିଲେ । ଏହି ଉତ୍ସବକୁ ବେବିନା ଗୁରୁ, ରଶ୍ମିରେଖା ବେହେରା, ସନ୍ଧ୍ୟାରାଣୀ ବେହେରା, ପୂର୍ଣ୍ଣିମା ଗୁରୁ, ଇପ୍ସିତା ପଣ୍ଡା ଓ ସଂଯୁକ୍ତା ପଣ୍ଡାଙ୍କ ସମେତ ଗ୍ରାମର ସମସ୍ତ କୁମାରୀ ମାନେ ପରିଚାଳନା କରିଥିଲେ। ଗ୍ରାମର ଯୁବ ଉଦ୍ୟୋଗୀ ତଥା ସମାଜସେବୀ ପ୍ରମୋଦ କୁମାର ନନ୍ଦ ପୂର୍ଣ୍ଣ ସହଯୋଗ ଦେଇଥିଲେ। ପରମ୍ପରାର ସୁରକ୍ଷା ସହ ସାମାଜିକ ସଚେତନତା ଓ ଗ୍ରାମବାସୀଙ୍କ ମଧ୍ୟରେ ଏକତାର ବାର୍ତ୍ତା ବହନ କରୁଥିବା ଭାରତୀପୁର ଗ୍ରାମର ଏହି କଣ୍ଢେଇ ବିବାହ ଉତ୍ସବ ସମସ୍ତଙ୍କ ମନ ମୋହିଥିଲା ।



# ବାତ୍ୟା ମୁକାବିଲା ନେଇ ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କ ସମୀକ୍ଷା

**ନବରଙ୍ଗପୁର,୨୭।୧୦ :(ମନ୍ଥନ)** ନବରଙ୍ଗପୁର ଜିଲ୍ଲାରେ ବାତ୍ୟା ମୁକାବିଲା ନେଇ ଖାଦ୍ୟ ଯୋଗାଣ ମନ୍ତ୍ରୀ ଙ୍କ ସମୀକ୍ଷା । ବାତ୍ୟା ଅର୍ଣ୍ଣବକୁ ନେଇ ତତ୍ପର ନବରଙ୍ଗପୁର ଜିଲ୍ଲା ପ୍ରଶାସନ । ବାତ୍ୟା ମୁକାବିଲା ପାଇଁ ଜିଲ୍ଲାରେ ପ୍ରାୟ ୧୧ ହଜାର ଲୋକଙ୍କୁ ଚିହ୍ନଟ କରାଯାଇଛି । ଆବଶ୍ୟକ ପଡ଼ିଲେ ସେମାନଙ୍କୁ ସୁରକ୍ଷିତ ସ୍ଥାନକୁ କରାଯିବ ସ୍ଥାନାନ୍ତର ।ଏଥିସହ ୩୨୦ ଜଣ ଆସନ୍ନ ପ୍ରସବାଙ୍କ ସୁରକ୍ଷାକୁ ମଧ୍ୟ ଦିଆଯାଇଛି ଗୁରୁତ୍ୱ । ବାତ୍ୟା ପ୍ରସ୍ତୁତିର ସମୀକ୍ଷା କରିଛନ୍ତି ରାଜ୍ୟ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷ ଅଶୋକ ମେହେଟାରେ ଅନୁଷ୍ଠିତ ହୋଇଛି ବାତ୍ୟା ମୁକାବିଲା ପ୍ରସ୍ତୁତିର ସମୀକ୍ଷା ବୈଠକ । ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଜିଲ୍ଲା ନୋଡାଲ ଅଫିସର ଡାକ୍ତର ମହେଶ୍ୱର ସ୍ୱାଇଁ ଏବଂ ଜିଲ୍ଲାପାଳ




ମଧୁମିତାଙ୍କ ଉପସ୍ଥିତିରେ ବିଭିନ୍ନ ବିଭାଗର ପ୍ରସ୍ତୁତି, ଉଦ୍ଧାର କାର୍ଯ୍ୟ ଓ ରିଲିଫ୍ ବ୍ୟବସ୍ଥାର ସମୀକ୍ଷା କରାଯାଇଛି । ଜିଲ୍ଲାର ବନ୍ୟାପ୍ରବଣ ଅଞ୍ଚଳ ଏବଂ ଦୁର୍ବଳ ଘରେ ରହୁଥିବା ପ୍ରାୟ ୧୧ ହଜାର ଲୋକଙ୍କୁ ଚିହ୍ନଟ କରାଯାଇଛି । ୩୨୦ ଜଣ ଆସନ୍ନ ପ୍ରସବାଙ୍କ ମଧ୍ୟରୁ ୧୨୪ରୁ ଅଧିକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି । ଉଦ୍ଧାର କାର୍ଯ୍ୟ ପାଇଁ ୩ଟି ଓଡ୍ରାଫ୍ ଟିମ୍, ୧୨ଟି ଅଗ୍ନିଶମ ଦଳ, ୨୫୧ଟି ଯାନ, ଗୋଟିଏ ପାୱାର ବୋଟ୍ ଓ ୯ଟି ଡଙ୍ଗା ପ୍ରସ୍ତୁତ ରଖାଯାଇଛି । ସେହିପରି ୧୦ଟି ସ୍ଥାୟୀ ବହୁମୁଖୀ ଏବଂ ୧୨୪ଟି ଅସ୍ଥାୟୀ ଆଶ୍ରୟସ୍ଥଳୀ ପ୍ରସ୍ତୁତ ରହିଛି । ଜିଲ୍ଲାରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ମଧ୍ୟ କାର୍ଯ୍ୟକ୍ଷମ ରହିଛି । ଜରୁରୀକାଳୀନ ସହାୟତା ପାଇଁ ୦୬୮୫୮-୨୨୨୪୩୪ ନମ୍ବର ଜାରି କରାଯାଇଛି । ଜନଜୀବନର ସୁରକ୍ଷା ପାଇଁ ସମସ୍ତ ପ୍ରସ୍ତୁତି ଜାରି ରଖିଛି ଜିଲ୍ଲା ପ୍ରଶାସନ ।

# ସୁର୍ ବସନ୍ତ ସ୍କୁଲ ଅଫ୍ ମ୍ୟୁଜିକ ପକ୍ଷରୁ ବୁଦ୍ଧଖୋଲରେ 'ଷ୍ଟାର ଅଫ୍ ବୁଗୁଡା' କାର୍ଯ୍ୟକ୍ରମ

**ବୁଗୁଡ଼ା ,୨୭।୧୦ :(ମନ୍ଥନ)** ପବିତ୍ର କାର୍ତ୍ତିକ ମାସର ପ୍ରଥମ ସୋମବାର ଦିନ ପ୍ରସିଦ୍ଧ ଐତିହାସିକ ଶୈବପୀଠ ତଥା ପର୍ଯ୍ୟଟନସ୍ଥଳୀ ବୁଦ୍ଧଖୋଲ ପାଦଦେଶସ୍ଥ ଜନ ସୁବିଧା କେନ୍ଦ୍ର ପରିସରରେ ସ୍ଥାନୀୟ ସୁର୍ ବସନ୍ତ ସ୍କୁଲ ଅଫ୍ ମ୍ୟୁଜିକ୍ ପକ୍ଷରୁ 'ଷ୍ଟାର ଅଫ ବୁଗୁଡ଼ା'ଜସିଜନ୍-୧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମ ଅବସରରେ ଚିତ୍ରାଙ୍କନ, ନୃତ୍ୟ ,ସଙ୍ଗୀତ, ମଡେଲିଂ ଆଦି ପ୍ରତିଯୋଗିତା ଆୟୋଜିତ ହୋଇ କୃତି ପ୍ରତିଯୋଗୀଙ୍କୁ ଚୟନ ସହ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ବିଚାରକ ଭାବେ ଚିତ୍ତ ରଞ୍ଜନ ଦାଶ , ବିଭୁତି ଭୂଷଣ ମିଶ୍ର, ଭୁବନେଶ୍ୱର ରୋଟାରୀ କ୍ଲବ ସଭାପତି ସ୍ୱର୍ଣ୍ଣପ୍ରଭା ନନ୍ଦ, କାହ୍ନୁ ଚରଣ ବେହେରା, ତପନ ମହାପାତ୍ର, ପ୍ରମୁଖ ଯୋଗ ଦେଇ କୃତି ପ୍ରତିଯୋଗୀଙ୍କୁ ଚୟନ କରିଥିଲେ। ସୁର୍ ବସନ୍ତ ସ୍କୁଲ ଅଫ୍ ମ୍ୟୁଜିକର ଅଧ୍ୟକ୍ଷା ସଙ୍ଗୀତ ଝରଣାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୋଲସରା ବିଜ୍ଞାନ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ବନମାଳୀ ବେହେରା , ମୁଖ୍ୟ ବକ୍ତା ଭାବେ ସାହିତ୍ୟିକ ଅନନ୍ତ କର ଓ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୌରୀପତି ଦାଶ ଯୋଗ ଦେଇ ବୁଗୁଡା ଅଞ୍ଚଳରେ ନୃତ୍ୟ, ଚିତ୍ର ଓ ସଙ୍ଗୀତ ଆଦି କ୍ଷେତ୍ରର ପ୍ରତିଭାଧାରୀଙ୍କୁ ଚୟନ ଦିଗରେ ଆୟୋଜକ ସଂସ୍ଥାର ପ୍ରୟାସକୁ ଭୂୟସୀ ପ୍ରଶଂସା କରିବା ସହ ଅଂଶ ଗ୍ରହଣକାରୀ ପ୍ରତିଯୋଗୀଙ୍କୁ ମାର୍ଗ ଦର୍ଶନ କରିଥିଲା ବେଳେ




ଏ ଅବସରରେ କୃତି ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ସହ ପୁରସ୍କୃତ କରାଯାଇଥିଲା। ସୁଖ୍ୟାତ ଗୀତିକାର ତଥା କଣ୍ଠଶିଳ୍ପୀ ଋତୁରାଜ ବସନ୍ତଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମର ପରିଶେଷରେ ରାଜାବାବୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର

**ଖଣ୍ଡପଡ଼ା,୨୭।୧୦ :(ମନ୍ଥନ)**ଖଣ୍ଡପଡ଼ା ବ୍ଲକ ସଭାଗୃହରେ ଜିଲ୍ଲାପାଳଙ୍କ ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଶୁଣିଥିଲେ। ସମୁଦାୟ ୧୦୦ଟି ଅଭିଯୋଗରୁ ୪୪ଟି ସମସ୍ୟାର ତୁରନ୍ତ ସମାଧାନ ହୋଇଥିବା ନେଇ ଜିଲ୍ଲା ପ୍ରଶାସନ ଠାରୁ ସୂଚନା ମିଳିଛି। ସେହିପରି ମୋଟ ୭୮ଟି ବ୍ୟକ୍ତିଗତ ସମସ୍ୟା ଥିବାବେଳେ, ୬ଟି ଗ୍ରାମ୍ୟ ସମସ୍ୟା ଏବଂ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ପାଇଁ ୧୬ ଜଣ ଆବେଦନ କରିଥିବା ସୂଚନା ରହିଛି। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଲଗ୍ନଜିତ ରାଉତ, ଉପଜିଲ୍ଲାପାଳ କିଶୋର ଚନ୍ଦ୍ର ପଣ୍ଡା, ଏଡିଏମ ରୋଜିନା ଦାସ, ଖଣ୍ଡପଡ଼ା ବିଡ଼ିଓ ଅଙ୍କୁର ଅଭିଳାଷ, ତହସିଲଦାର ବିଶ୍ୱବିସୃତ ତ୍ରିପାଠୀ, ଅତିରିକ୍ତ ଏସପି ସୁବାସ ଚନ୍ଦ୍ର ପଣ୍ଡାଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ମହାମାୟୀ ମନ୍ଦିର ବାର୍ଷିକ ଉତ୍ସବ

**ଖଣ୍ଡପଡ଼ା, ୨୭।୧୦ :(ମନ୍ଥନ)** ଖଣ୍ଡପଡା ବ୍ଲକ ଅଧୀନ ଶିଖରପୁର ଗ୍ରାମରେ ମା' ମହାମାୟୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦଯାପିତ ହୋଇଯାଇଛି। ଗତ ଶନିବାର ଠାରୁ ଆରମ୍ଭ ହୋଇଥିବା ଏହି ଉତ୍ସବ ଅବସରରେ ଗତକାଲି ଏକ କଳସ ଶୋଭାଯାତ୍ରା ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଶତାଧିକ ମହିଳା ସ୍ଥାନୀୟ କୁସୁମୀ ନଦୀରୁ କଳସ ଶୋଭାଯାତ୍ରାରେ ପୀଠରେ ପହଞ୍ଚିଥିଲେ। ଆଜି ଠାକୁରାଣୀଙ୍କ ପୀଠରେ ଗୀତାପାଠ ସହିତ ପୂର୍ଣ୍ଣାହୁତି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉଲ୍ଲେଖଯୋଗ୍ୟ ଯେ ୨୦୨୧ରେ ପୂର୍ବତନ ସରପଞ୍ଚ ନବକିଶୋର ସାହୁଙ୍କ ଉଦ୍ୟମ କ୍ରମେ ସ୍ଥାନୀୟ ଅଞ୍ଚଳରେ ମା' ମହାମାୟୀଙ୍କର ମନ୍ଦିର ପ୍ରତିଷ୍ଠା ହୋଇଥିବା ବେଳେ ଚଳିତ ବର୍ଷ ପଞ୍ଚମ ବାର୍ଷିକ ଉତ୍ସବ ସହିତ ପୂର୍ଣ୍ଣାହୁତି ପର୍ବ ଅନୁଷ୍ଠିତ ହୋଇଥିବା ଆୟୋଜକ ଗ୍ରାମବାସୀଙ୍କ ତରଫରୁ ସୂଚନା ମିଳିଛି।

# ଆଠମଲ୍ଲିକ ଡାକ୍ତରଖାନା ରେ ନବଜାତ ଶିଶୁ ସ୍ଥିରୀକରଣ ୟୁନିଟ ଲୋକାର୍ପିତ କଲେ ଅନୁଗୋଳ ଜିଲ୍ଲାପାଳ ଅବଦଲ ଏମ ଅଖତର

**ଆଠମଲ୍ଲିକ,୨୭।୧୦ :(ମନ୍ଥନ)**ଆଠମଲ୍ଲିକ ଉପଖଣ୍ଡ ମୁଖ୍ୟ ଡାକ୍ତର ଖାନା ପରିସରରେ ନୂତନ ଭାବରେ ନିର୍ମିତ ହୋଇଥିବା ନବଜାତ ଶିଶୁ ସ୍ଥିରୀକରଣ ୟୁନିଟ ଜିଲ୍ଲାପାଳ ଅବଦଲ ଏମ ଅକତର ଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି । ଜିଲ୍ଲା ପାଳ ଶ୍ରୀ ଅକତର ଆଠମଲ୍ଲିକ ଗସ୍ତ ରେ ଆସି ଉପଖଣ୍ଡ ମୁଖ୍ୟ ଡାକ୍ତରଖାନା ପରିସରରେ ୟୁନିଟ କୁ ଫିତା କାଟି ଲୋକାର୍ପିତ କରି ବୁଲି ଦେଖିଥିଲେ। ଲୋକାର୍ପିତ ସମୟ ରେ ମହିଳା ଓ ଶିଶୁ ବିକାଶ କଲ୍ୟାଣ ଅଧିକାରୀ ଡାକ୍ତର କୃଷ୍ଣଚନ୍ଦ୍ର ପାଲ, ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା, ତହସିଲଦାର ବିଶ୍ୱଜ୍ୟୋତି ମହାନ୍ତି,ଉପଖଣ୍ଡ ମୁଖ୍ୟ ଚିକିତ୍ସା ଅଧିକାରୀ ଅଶୋକ ମଲ୍ଲିକ, ଡାକ୍ତରଖାନା ପରିଚାଳକ ଦୀପକ ତ୍ରିପାଠୀ , ଙ୍କ ସମେତ ବିଭାଗୀୟ ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ ।



# ୨କେଜି ୨ଶହ ଗ୍ରାମ ଗଂଜେଇ ଜବତ, ଜଣେ ଗିରଫ

**ଡେଲାଙ୍ଗ,୨୭।୧୦ :(ମନ୍ଥନ)** ଡେଲାଙ୍ଗ ଡେଲାଙ୍ଗ ଥାନା ଏସଆଇ ସୁଧାଂଶୁ ବାରିକ, ଏସଆଇ ଦେବୀ ପ୍ରସାଦ ଲେଙ୍କା ଙ୍କ ସମେତ ପୁଲିସ ଟିମ ପେଟ୍ରୋଲିଙ୍ଗ କରୁଥିବା ସମୟରେ ଜଣେ ବ୍ୟକ୍ତି ହାତରେ ବ୍ୟାଗ ଧରି ଡେଲାଙ୍ଗ ହାଟ ବଜାର ଅଭିମୁଖେ ଚାଲି ଚାଲି ଯାଉଥିଲା । ହନୁମାନ ମନ୍ଦିର ନିକଟରେ ପୋଲିସ ର ତାର କାର୍ଯ୍ୟ କଳାପ ଉପରେ ସନ୍ଦେହ ସୃଷ୍ଟି ହେବାରୁ ଥାନାକୁ ନେଇ ସେହି ବ୍ୟାଗକୁ ତଲାସ କରିବା ପରେ ସେଥିରେ ବିପୁଳ ପରିମାଣ ଗଂଜେଇ ଥିବା ପୋଲିସ ଜାଣିବାକୁ ପାଇଥିଲା। ସେହି ଗଂଜେଇକୁ ଜବତ କରିବା ସହ ପୋଲିସ ତାକୁ ଗିରଫ କରିଥଲା। ଗିରଫ ବ୍ୟକ୍ତି ଜଣଙ୍କ ହେଲେ ଡେଲାଙ୍ଗ ଥାନା ଅଧିନସ୍ଥ ପଟଣପୁର ଗ୍ରାମର ପ୍ରଦ୍ୟୁମ୍ନ କୁମାର ସାହୁ (୫୦)ହୋଇଥିବା ବେଳେ ତାଙ୍କ ବ୍ୟାଗ ରୁ ୨କିଗ୍ରା ୨ଶହ ଗ୍ରାମ ଗଂଜେଇକୁ ପୋଲିସ ଜବତ କରିଛି। ଏନେଇ ଡେଲାଙ୍ଗ ଥାନାରେ ଅବକାରୀ ବିଭାଗ ଆଇନଅନୁଯାଇ ଏସଂକ୍ରାନ୍ତରେ ୩୪୧/୨୬ରେ ଏକ ମାମଲା ରୁଜୁ ହେବା ସହ ଅଭିଯୁକ୍ତ କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ନେଇ ଡେଲାଙ୍ଗ ଥାନା ଆଇଆଇସି ପୂର୍ଣ୍ଣଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି।

# ଜିଲ୍ଲାପାଳ ଙ୍କ ଦ୍ୱାରା ସମ୍ବନ୍ୱିତ ଭୌତିକ ଚିକିତ୍ସା କେନ୍ଦ୍ର ଉଦଘାଟିତ

**ଅନୁଗୋଳ,୨୭।୧୦ :(ମନ୍ଥନ)**ଆଠମଲ୍ଲିକ କଲେଜ ରୋଡ ପାର୍ଶ୍ୱ ମାନଜୋର ଛକ ନିକଟରେ ନୂତନ ଭାବରେ ନିର୍ମିତ ସମ୍ବନ୍ୱିତ ଭୌତିକ ଚିକିତ୍ସା କେନ୍ଦ୍ରକୁ ଜିଲ୍ଲାପାଳ ଅବଦଲ ଏମ ଅକତର ଫିତା କାଟି ଉଦଘାଟନ କରିଥିଲେ । ଏହି ଚିକତ୍ସା କେନ୍ଦ୍ର ଦ୍ୱାରା ବିଶେଷ କରି ବରିଷ୍ଠ ନାଗରିକ ଓ ଆଣ୍ଠୁ ଗଣ୍ଠି ସମ୍ବନ୍ଧୀୟ ରୋଗୀ ଏହାର ଉପକାର ପାଇ



ପାରିବେ ବୋଲି ସହର ରେ ମତ ପ୍ରକାଶ ପାଇଛି । ଉଦଘାଟନ ସମୟ ରେ ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା,ଏସ ଡ଼ି ଏମ ଓ ଅଶୋକ ମଲ୍ଲିକ,ତହସିଲଦାର ବିଶ୍ୱଜ୍ୟୋତି ମହାନ୍ତି, ଡ଼ଃ ପ୍ରତୀକ୍ଷା ତ୍ରିପାଠୀ (ପି. ଟି ) ଡାକ୍ତରଖାନା ପରିଚାଳକ ଦୀପକ ତ୍ରିପାଠୀ ଙ୍କ ସମେତ ଡାକ୍ତରଖାନା କର୍ମଚାରୀ ଉପସ୍ଥିତ ଥିଲେ ।

# ଯୋଡ଼ା ସହରରେ ଗଜରାଜ, ଭୟଭୀତ ହେଲେ ସହରବାସୀ

**ଯୋଡ଼ା,୨୭।୧୦ :(ମନ୍ଥନ)** କେନ୍ଦୁଝର ଜିଲ୍ଲାର ଯୋଡ଼ା ଖଣି ମଣ୍ଡଳରେ ଧୁମଧାମରେ ପାଳିତ ହେଉଥିବା ପବିତ୍ର ଗଜଲକ୍ଷ୍ମୀ ପୂଜା ଅବସରରେ ସୋମବାର ରାତିରେ ଏକ ଦନ୍ତା ହାତୀ ସହର ମଧ୍ୟକୁ ପଶି ଆସିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଥିଲା। ରାତିର ନିରବତା ମଧ୍ୟରେ ହଠାତ୍ ହାତୀଟି ଜନବସତି ଅଞ୍ଚଳରେ ପହଞ୍ଚିବାରୁ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଦେଖାଦେଇଥିଲା। ତେବେ ହାତୀଟି କାହାର କୌଣସି କ୍ଷତି ନକରି ଜଙ୍ଗଲକୁ ଫେରିଯାଇଥିବା ଜଣାପଡ଼ିଛି ।ସୂଚନା ଅନୁଯାୟୀ, ସୋମବାର ରାତି ପ୍ରାୟ ୧୦ଟା ସମୟରେ ହାତୀଟି ଝରଣ ଜଙ୍ଗଲ ପଟୁ ଆସି ଯୋଡ଼ା ପୌରାଞ୍ଚଳର ୬ ନମ୍ବର ୱାର୍ଡ ଅନ୍ତର୍ଗତ ବାଚୁ ହଟିଂ ବସ୍ତିରେ ପ୍ରବେଶ କରିଥିଲା। ଏହାପରେ ହାତୀଟି ସହର ଅଭିମୁଖେ ଆଗକୁ ବଢ଼ିଥିଲା। ହଠାତ୍ ଜନବସତି ମଧ୍ୟରେ ଦନ୍ତା ହାତୀକୁ ଦେଖି ସ୍ଥାନୀୟ ବାସିନ୍ଦା ଭୟଭୀତ ହୋଇପଡ଼ିଥିଲେ। ରାତି ସମୟରେ ହାତୀର ଗତିବିଧିକୁ ନେଇ ଲୋକଙ୍କ ମଧ୍ୟରେ ଆଶଙ୍କା ବଢ଼ିଥିଲା ।ଘଟଣା ସମ୍ପର୍କରେ ଖବର ପାଇବା ପରେ ବନ ବିଭାଗ ଓ ପୁଲିସ କର୍ମଚାରୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ହାତୀଟିର



ଗତିବିଧି ଉପରେ ନଜର ରଖିବା ସହ ତାକୁ ଜନବସତିରୁ ସୁରକ୍ଷିତ ଭାବେ ଜଙ୍ଗଲ ଆଡ଼କୁ ଘଉଡ଼ାଇବା ପାଇଁ ଉଦ୍ୟମ କରାଯାଇଥିଲା। ଏହି କ୍ରମରେ ହାତୀଟିକୁ ଆଜାଦ ବସ୍ତି ଓ ଲକ୍ଷ୍ମୀ ପଡ଼ିଆ ଦେଇ ବନେଇକଳା ବସ୍ତି ଆଡ଼କୁ ନିଆଯାଇଥିଲା। ଶେଷରେ ହାତୀଟିକୁ ରଣାଶାଳ ଘାଟି ଜଙ୍ଗଲ ଅଞ୍ଚଳକୁ ଫେରାଇବାରେ ବନ ବିଭାଗ ଓ ପୁଲିସ ସଫଳ ହୋଇଥିଲେ ।ଅନ୍ୟପକ୍ଷରେ, ଗଜଲକ୍ଷ୍ମୀ ପୂଜା ସମୟରେ ସହରକୁ ଗଜରାଜଙ୍କ ଆଗମନକୁ କେତେକ ଲୋକ ଶୁଭ ସଙ୍କ?ତ ଭାବେ ଗ୍ରହଣ କରି ଆନନ୍ଦ ପ୍ରକାଶ କରିଥିବା ଦେଖାଯାଇଥିଲା। ତେବେ ବନ୍ୟପ୍ରାଣୀଙ୍କ ଗତିବିଧିକୁ ନେଇ ସତର୍କ ରହିବା ସହ ହାତୀକୁ ଦେଖିଲେ ନିକଟକୁ ନଯିବା, ଭିଡ଼ ନକରିବା ଏବଂ ତାକୁ ଉତ୍ତ୍ୟକ୍ତ ନକରିବା ଜରୁରୀ ବୋଲି ସଚେତନ ମହଲରେ ମତ ପ୍ରକାଶ ପାଇଛି ।ଗଜଲକ୍ଷ୍ମୀ ପୂଜାର ଉତ୍ସବମୁଖର ପରିବେଶ ମଧ୍ୟରେ ଏହି ଘଟଣା ସହରବାସୀଙ୍କୁ କିଛି ସମୟ ପାଇଁ ଆତଙ୍କିତ କରିଥିଲେ ମଧ୍ୟ ହାତୀଟି ସୁରକ୍ଷିତ ଭାବେ ଜଙ୍ଗଲକୁ ଫେରିଯିବା ପରେ ଲୋକେ ଆଶ୍ୱସ୍ତ ହୋଇଥିଲେ।

# ଦୁର୍ଗାପୁର ଗ୍ରାମରେ କରମା ପୂଜା ଉତ୍ସବ ପାଳିତ

**ଛେଣ୍ଡିପଦା,୨୭।୧୦ :(ମନ୍ଥନ)**ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ତଥା ଜରପଡା ଥାନା ଅନ୍ତର୍ଗତ ଦୁର୍ଗାପୁର ମାଟିଆ ସାହି ଗ୍ରାମରେ ପବିତ୍ର କରମା ପୂଜା ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି । ତେବେ ଆଦିମ ଅଧିବାସୀ (ଆଦିବାସୀ କୋଡା ସମ୍ପ୍ରଦାୟ) କିଷାନ ସମାଜ ପକ୍ଷରୁ ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପବିତ୍ର କୁମାର ପୂର୍ଣ୍ଣିମା ତିଥିରେ ପାରମ୍ପରିକ ଭାବେ ଏହି ଉତ୍ସବ ଆୟୋଜନ କରିବା ସହ ପାଳନ କରାଯାଇଥିଲା ।



ତେବେ କିଷାନ ସମାଜ ର ଆରାଧ୍ୟ ଦେବତା କରମା ଠାକୁର ଏବଂ ଆରାଧ୍ୟା ଦେବୀ ମା କର୍ମଶୁଣି ଙ୍କ ଯଥାବିଧି ପୂଜାନୀତି ପୂର୍ବକ ପୂଜାର୍ଚ୍ଚନା କରାଯାଇଥିଲା । ଏହି ଅବସରରେ କିଷାନ ସମାଜ ଭାଇ ଭଉଣୀ ତଥା ସମସ୍ତ ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ଭକ୍ତ ମାନେ ଅତ୍ୟନ୍ତ ନିଷ୍ଠାର ସହିତ ପୂଜାର୍ଚ୍ଚନା କରିଥିଲେ। ଏଥିସହ ଢୋଲ , ମାଦଳ ଓ ତାଳ ଆଦି ତାଳେ ତାଳେ ପାରମ୍ପାରିକ ବାଦ୍ୟଯନ୍ତ୍ର ଓ ସ୍ୱର ସଙ୍ଗୀତ ମାଧ୍ୟମରେ କରମା ଗୀତ ସଙ୍ଗୀତ, ଭଜନ ଜଣାଣ ଆଦି ଗାନ କରିବା ସହ ନାଚ ଗୀତରେ ଅହୋରାତ୍ର ଝୁମିଥିଲେ । ଆଖପାଖ ଅଞ୍ଚଳର ବହୁ ସଂଖ୍ୟକ ଦର୍ଶକ ଓ ବନ୍ଧୁ ବାନ୍ଧବ ପହଞ୍ଚି ଥିଲେ । ପୂଜକ ଅଥବା ଦେହୁରୀ ଯଥାବିଧି ପୂଜାର୍ଚ୍ଚନା କରିଥିଲେ। ଏହାପରେ ସୋମବାର ସକାଳେ ଏକ ବଡ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିବା ସହ ଠାକୁର ଏବଂ ଠାକୁରାଣୀଙ୍କ ପୂଜା ନୀତି ସମ୍ପୂର୍ଣ୍ଣ ହେଲା ପରେ ବିସର୍ଜନ କରାଯାଇଥିଲା । କିଷାନ ସମାଜ ଗ୍ରାମ ସଭାପତି ଚନ୍ଦ୍ରମଣି ବେହେରା ଓ ସମ୍ପାଦକ ଅଜୟ କୁମାର ପଧାନ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମସ୍ତ ଗ୍ରାମବାସୀ ଉତ୍ସାହ ଉଦ୍ଦୀପନା ସହିତ ସକ୍ରିୟ ସହଯୋଗ କରିଥିଲେ ।

# ଜରପଡା : ମହର୍ଷି ବାଲ୍ମୀକି ଙ୍କ ଜୟନ୍ତୀ ପାଳିତ

**ଛେଣ୍ଡିପଦା,୨୭।୧୦ :(ମନ୍ଥନ)**ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ଜରପଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କୁମୁରୁସିଂ ଗ୍ରାମ ସ୍ଥିତ ମା ମଙ୍ଗଳା ଦଳିତ ସାହି ଠାରେ ଆଜି ସନ୍ଧ୍ୟା ସାଢେ ଛଅଟା ସମୟରେ ଜରପଡା ମଣ୍ଡଳ ବିଜେପି ଅନୁସୂଚିତ ଜାତି ମୋର୍ଚ୍ଚା ପକ୍ଷରୁ ଅନୁଗୋଳ ଜିଲ୍ଲା ଅନୁସୂଚୀତ ଜାତି ମୋର୍ଚ୍ଚା ସମ୍ପାଦକ ଭୋଳେଶ୍ୱର ଗୋଛାୟତ ଙ୍କ ଅଧ୍ୟକ୍ଷତାରେ ମହର୍ଷି ବାଲ୍ମୀକି ଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ବିଜେପି ଅନୁସୂଚିତ ଜାତି ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ତଥା ଅନୁଗୋଳ ଜିଲ୍ଲା ଅନୁସୂଚୀତ ଜାତି ମୋର୍ଚ୍ଚା ପ୍ରଭାରୀ ସଂଗ୍ରାମ କେଶରୀ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ



ବକ୍ତବ୍ୟରେ କହିଥିଲେ କି, ଆଜିର ଏହି ଶୁଭ ଦିନରେ ମହର୍ଷି ବାଲ୍ମୀକି ଙ୍କ ଆଦର୍ଶକୁ ଅନୁସରଣ କରିବା ଏବଂ ସମାଜ ରେ ପ୍ରେମ ଓ ଭାଇ ଚାରା । ବଜାଇ ରଖିବା ପାଇଁ ସଂକଳ୍ପ ନେବା। ଏଥି ସହିତ କୁମୁରୁସିଂ ମା ମଙ୍ଗଳା ସାହି ତଥା ଜରପଡା ଗ୍ରାମ ପଞ୍ଚାୟତ ଯୁବ ନେତା ତ୍ରିନାଥ ଗୋଛାୟତ,ବରିଷ୍ଠ କାର୍ଯ୍ୟକର୍ତ୍ତା ଶୀତ ଗୋଛାୟତ,ବିଦେଶୀ ଗୋଚ୍ଛାୟତ, ଡ୍ରାଇଭର ଗୋଛାୟତ, ସୁନୀଲ ଗୋଛାୟତ,ରଞ୍ଜନ ଗୋଛାୟତ, ଙ୍କ ସମେତ ବହୁ ସଂଖ୍ୟାରେ ଭାଇ ଓ ଭଉଣୀ ମାନେ ତଥା ଅତିଥି ଗଣ ଉପସ୍ଥିତ ରହି ମହର୍ଷି ବାଲ୍ମୀକି ଙ୍କ ଫଟୋ ଚିତ୍ରରେ ଧୂପ, ଦୀପ ସହ ପୁଷ୍ପମାଲ୍ୟ ଅର୍ପଣ କରି ଭକ୍ତି ପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ସକ୍ରିୟ ସହଯୋଗ କରିଥିଲେ।

# 'ଭୋଟ ବଞ୍ଚାଅ ଦେଶ ବଞ୍ଚାଅ' ଆନ୍ଦୋଳନରେ ଅନୁଗୋଳ ଜିଲ୍ଲା କଂଗ୍ରେସ

**ଅନୁଗୋଳ, ୨୭।୧୦ :(ମନ୍ଥନ)** ଭାରତର ଗଣତନ୍ତ୍ରକୁ ବିପଦରେ ପକାଇଥିବା ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଇସାରାରେ ବିଜେପି ଦଳର କାର୍ଯ୍ୟ କରୁଥିବା ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ଅନୁଗୋଳ ଜିଲ୍ଲା କଂଗ୍ରେସ ଭବନଠାରେ ଜିଲ୍ଲା ସଭାପତି ସୁନୀଲ କୁମାର ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅଖିଳ ଭାରତ କଂଗ୍ରେସ କମିଟିର ପୂର୍ବତନ ସମ୍ପାଦକ ତଥା ପର୍ଯ୍ୟବେକ୍ଷକ ସି ପି ମିତ୍ତଲ କହିଛନ୍ତି । ସେ ଆହୁରି ମଧ୍ୟ କହିଥିଲେ ଯେ, ଅବୈଧ ଏସଆଇଆର ବାତିଲ, କଟିଥିବା ସମସ୍ତ ଭୋଟରଙ୍କ ନାମ ତୁରନ୍ତ ଯୋଡ଼ିବା, ପୂର୍ବଭଳି ନିୟମିତ ବ୍ୟବଧାନରେ ଭୋଟର ତାଲିକାକୁ ସଂଶୋଧନ, ନିର୍ବାଚନ ଆୟୁକ୍ତଙ୍କ ନିଯୁକ୍ତି ସମ୍ପର୍କିତ ଆଇନ ବାତିଲ, ନିର୍ବାଚନ ଆୟୋଗଙ୍କ ସ୍ୱାଧୀନତା ଓ ବିଶ୍ୱାସନୀୟତା ସୁନିଶ୍ଚିତ କରିବା ଉଚିତ। ଆନୁପାତିକ ପ୍ରତିନିଧିତ୍ୱ ବ୍ୟବସ୍ଥା ପ୍ରଚଳନ, ନିର୍ବାଚନରେ ଅର୍ଥ ଓ ବାହୁବଳର ପ୍ରଭାବ ହ୍ରାସ ଆଦିକୁ ପ୍ରାଥମିକତା ଦେବାକୁ ଶ୍ରୀ ମିତ୍ତଲ ଦାବି କରିଥିଲେ । ବିଶେଷକରି ମୁଖ୍ୟ ନିର୍ବାଚନ କମିଶନ ଜ୍ଞାନେଶ କୁମାରଙ୍କ ବିବାଦୀୟ କାର୍ଯ୍ୟ ପାଇଁ ଆଜି ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ଦେଶ ଭାରତର ଗଣତନ୍ତ୍ର ବିପଦରେ । କେହି ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି । କେହି ବି ଜାଣିନାହାନ୍ତି ସେମାନଙ୍କ ନାମ ଭୋଟର ତାଲିକାରେ ଥିବ କି ନାହିଁ? ତେଣୁ ଭୋଟର ତାଲିକା ସଂଶୋଧନ ଓ ଏସଆଇଆରରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଜରୁରୀ ବୋଲି ସେ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରକାଶ କରିଥିଲେ । ପ୍ରଦେଶ କଂଗ୍ରେସ ଉପସଭାନେତ୍ରୀ ସସ୍ମିତା ବେହେରା, ପ୍ରଦେଶ କଂଗ୍ରେସ ସାଧାରଣ ସମ୍ପାଦକ ତଥା ଅନୁଗୋଳ ଜିଲ୍ଲା ପ୍ରଭାରୀ ହଳଧର ସେଠୀ, ପିସିସି ସାଧାରଣ ସମ୍ପାଦକ ତଥା ଜିଲ୍ଲାପ୍ରଭାରୀ ଲଲାଟେନ୍ଦୁ ଦାସ, ବିଜୟାନନ୍ଦ ଚାଉଳିଆ, ପିସିସି ସମ୍ପାଦକ ଆଦିତ୍ୟ ଦିବ୍ୟସିଂହ, ସୁଦୀପ ମିଶ୍ର, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ଅମ୍ବିକା ପ୍ରସାଦ ଭଟ୍ଟ ପ୍ରମୁଖ ଉପସ୍ଥିତ ରହି ଗଣତନ୍ତ୍ରର ସୁରକ୍ଷା ପାଇଁ ସମ୍ମିଳିତ ସଂଗ୍ରାମର ଆବଶ୍ୟକ?ତା ରହିଛି ବୋଲି ପ୍ରକାଶ କରିଥିଲେ ।ଏହି ଅବସରରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଥମେ ସମ୍ବିଧାନର ଅନୁଚ୍ଛେଦ ୩୨୬ ପଠ କରିବା ସହ ସେବା ଦଳ ତରଫରୁ ଜିଲ୍ଲା ଅଧ୍ୟକ୍ଷ ସୌମ୍ୟ ସଞ୍ଜିତ ମିଶ୍ର ଓ ରାଜ୍ୟ ସେବା ଦଳ ସମ୍ପାଦକ ସଞ୍ଜିବ ନାଏକଙ୍କ ଦ୍ୱାରା ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା । ଉକ୍ତ ସମ୍ମିଳନୀରେ ବରିଷ୍ଠ ନେତା ଉମେଶ ଚନ୍ଦ୍ର ସାହୁ, ଦିଗାମ୍ବର ଗଡନାୟକ, ତପନ ପ୍ରଧାନ, ଦାଶରଥି ସାହୁ, ଗୋବିନ୍ଦ ନାଏକ, ଟିକନ ବେହେରା, ପ୍ରଫୁଲ୍ଲ ଦାସ, ଗୋପାଳ ଚନ୍ଦ୍ର ନାଥ, ଚିତ୍ତରଞ୍ଜନ ନାଏକ, ଅମୂଲ୍ୟ ବେହେରା, ବିରଞ୍ଚି ନାରାୟଣ ଧର, ବଲବୀର ସିଂ, ଅନୁଗୋଳ ବ୍ଲକ କଂଗ୍ରେସ ସଭାପତି ରାକେଶ ମିଶ୍ର, ବଣ୍ଟରପାଳ ବ୍ଲକ ସଭାପତି ବିନୋଦ ମାଝୀ, କଣିହାଁ ବ୍ଲକ ସଭାପତି ମାନସ ରଞ୍ଜନ ପ୍ରଧାନ, ଛେଣ୍ଡିପଦା ବ୍ଲକ୍ ସଭାପତି ଅଜୟ ବେହେରା, ନଗର ମହିଳା ସଭାନେତ୍ରୀ କସିଦା ଖାନ, ଭଜମନ ଦାସ, ସୁବାସ ସାହୁ, ଅଳକା ରାଣୀ ମହାପାତ୍ର, ମାନିନୀ ପ୍ରଧାନ, ସଂଗ୍ରାମ ବେହେରା, ପଦ୍ମିନୀ ଗଡ଼ନାୟକ, ଅରୁପ ସାମଲ, ଅରୁଣ ଦାସ, ଅବିନାଶ ଦଳବେହେରା, ଜିତେନ୍ଦ୍ର କୁମାର ସାହୁ, ମନୋଜ ସାହୁ ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।



ମୃଜନ

ପୃଷ୍ଠା ୦୪

ବୁଧବାର ୨୮ ଅକ୍ଟୋବର, ୨୦୨୬, ଭୁବନେଶ୍ୱର

Wednesday October 28, 2026 Bhubaneswar




'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ଯ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ଏଲଏସି ସ୍ଥିତି

ଏଲଏସି ସ୍ଥିତି ନେଇ ଆଇଟିବିପି ମହାନିର୍ଦ୍ଦେଶକଙ୍କ ବିବାଦୀୟ ବୟାନ ପରେ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଏହା ଉପରେ ସ୍ପଷ୍ଟିକରଣ ଦେବାକୁ ପଡ଼ିଛି। ଏଲଏସିରେ ସ୍ଥିତି ଏବେ ନିୟନ୍ତ୍ରଣାଧିନ ରହିଛି ବୋଲି ଭାରତ ସରକାରଙ୍କ ପକ୍ଷରୁ କୁହାଯାଇଛି। ଭାରତ ଓ ଚୀନ ମଧ୍ୟରେ ନିର୍ଦ୍ଧାରିତ ବାସ୍ତବ ସୀମା ରେଖା ଯାହା ଏଲଏସି ନାମରେ ପରିଚିତ ତାହା ଏବେ ଶାନ୍ତ ପଡ଼ିଛି। ୨୦୨୦ରୁ ଏହା ଅଶାନ୍ତ ଏବଂ ଅସ୍ଥିର ରହିଥିଲା। ୨୦୨୦ ମେ'ରେ ପୂର୍ବ ଲଦାଖର ଗଲୱାନ ଉପତ୍ୟକାରେ ଭାରତ ଓ ଚୀନ ସେନା ମୁହାଁମୁହିଁ ହେବା ପରେ ଉଭୟ ପକ୍ଷ ମଦ୍ୟରେ ଏକ ପ୍ରକାର ଖଣ୍ଡଯୁଦ୍ଧ ହୋଇଥିଲା। ଏଥିରେ ଉଭୟ ପକ୍ଷର ଅନେକ ମୃତାହତ ହୋଇଥିଲେ। ପରେ ଏଲଏସିର ଅନ୍ୟ କେତେକ ସ୍ଥାନରେ ମଧ୍ୟ ଚୀନ ସେନା ଭାରତୀୟ ସୀମାରେ ଅନୁପ୍ରବେଶ କରିବାକୁ ଉଦ୍ୟମ କରିବା ବେଳେ ଦୁଇ ପକ୍ଷ ମଧ୍ୟରେ ସଂଘର୍ଷ ହୋଇଛି। କହିବା ବାହୁଲ୍ୟ ଯେ, ଏଲଏସି ହେଉଛି ବିଶ୍ୱର ସବୁଠାରୁ ଦୀର୍ଘତମ ଦ୍ୱିପାକ୍ଷିକ ଭୌଗଳିକ ସୀମାରେଖା। ଏହା ମଧ୍ୟ ବିଶ୍ୱର ସବୁଠାରୁ ବିପଜ୍ଜନକ ଏବଂ ଆନ୍ତ ସୀମା। ପାକିସ୍ତାନ ସହିତ ସୀମାରେଖା ବା ଏଲଓସି ଏବଂ ଚୀନ ସହିତ ସୀମାରେଖା ଏଲଏସି ଅତି ନିକଟତର ଏବଂ ଉଭୟ ସୀମାରେଖା ଭାରତ ପାଇଁ ପ୍ରତିରକ୍ଷା ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ଭାରତକୁ ବିପୁଳ ଅର୍ଥ ବ୍ୟୟ କରିବାକୁ ପଡୁଛି। ଏହା ଭାରତର ସୁରକ୍ଷା ଏବଂ ନିରାପତ୍ତା ସହ ଜଡ଼ିତ। ଏହାକୁ ଅଣଦେଖା କରାଯାଇପାରିବ ନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୀମାରେ ଶାନ୍ତି ବଜାୟ ରଖିବାକୁ ପ୍ରାଥମିକତା ଦିଆଯିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ପାରସ୍ପରିକ ବିଶ୍ୱାସ, ସମ୍ମାନ ଏବଂ ସଦଭାବନା ମାଧ୍ୟମରେ ଏହା ସମ୍ଭବ। ତେବେ ଚୀନ ରାଷ୍ଟ୍ରପତି ଜିନ ପିଙ୍ଗ ଏହାକୁ କେତେଦୂର ଗ୍ରହଣ କରିଛନ୍ତି ବା ଏହାକୁ କେତେଦୂର କାର୍ଯ୍ୟକାରୀ କରିବେ ତାହା ସନ୍ଦେହରେ। କାରଣ ଯେତେବେଳେ ଯାହା ହେଲେବି ଚୀନ ନିଜର ବିସ୍ତାରବାଦୀ ଚରିତ୍ରକୁ କେବେ ହେଲେ ପରିତ୍ୟାଗ କରି ନାହିଁ କିମ୍ବା କରିବ ନାହିଁ। ଅତୀତରେ ବାରମ୍ବାର ଏହା ପ୍ରମାଣିତ ହୋଇଛି। ଚୀନର ପ୍ରତିଶ୍ରୁତି ସବୁ ବେଳେ ପାଣିର ଗାର ହୋଇଛି। ଚୀନ ପାଇଁ ବନ୍ଧୁତା କେବଳ ଲାଭକ୍ଷତିର ହିସାବ ଉପରେ ଆଧାରିତ। ମୋଦି ଓ ଜିନ ପିଙ୍ଗଙ୍କ ମଧ୍ୟରେ ଆଲୋଚନା ପୂର୍ବରୁ ଦୁଇ ପକ୍ଷ ମଧ୍ୟରେ ଏକ ବୁଝାମଣା ହୋଇଛି। ବୁଝାମଣା ଅନୁଯାୟୀ ଏଲଏସିରେ ପୁଣି ପୂର୍ବପରି ପାଟ୍ରୋଲିଂ ବ୍ୟବସ୍ଥା କାର୍ଯ୍ୟକାରୀ ହେବ। କିନ୍ତୁ ସମୟ କହିବ ଚୀନ ଏହି ବୁଝାମଣାକୁ କେତେଦୂର କାର୍ଯ୍ୟକାରୀ କରିବ ବା ଗ୍ରହଣ କରିବ। କାରଣ ଭାରତ ସହ ଚୀନର ସୀମା ବିବାଦ ଅନେକ ଦଶନ୍ଧି ପୁରୁଣା। ଅରୁଣାଚଳ ପ୍ରଦେଶରୁ ଆରମ୍ଭ କରି ଲଦାଖ ପର୍ଯ୍ୟନ୍ତ ଏହି ବିବାଦ ପରିବ୍ୟାପ୍ତ। ଭାରତର ଅରୁଣାଚଳ ପ୍ରଦେଶକୁ ଚୀନ ସର୍ବଦା ନିଜର ଅଞ୍ଚଳ ଭାବେ ଦାବି କରି ଆସୁଛି। ପ୍ରତିବର୍ଷ ଚୀନ ସରକାରଙ୍କ ପକ୍ଷରୁ ଜାରି ହେଉଥିବା ମାନଚିତ୍ରରେ ଅରୁଣାଚଳକୁ ନିଜର ଅଞ୍ଚଳ ଭାବେ ଚୀନ ଚିତ୍ରଣ କରି ଆସୁଛି। ପ୍ରତିବର୍ଷ ଭାରତ ଏହାର ପ୍ରତିବାଦ କରି ଆସୁଛି। କିନ୍ତୁ ସ୍ଥିତିରେ ପରିବର୍ତ୍ତନ ଆସୁନି କିମ୍ବା ଚୀନ ଭାରତର ପ୍ରତିବାଦକୁ ଗ୍ରହଣ କରୁନାହିଁ। ୧୯୬୧ରେ ଭାରତ-ଚୀନ ଯୁଦ୍ଧରେ ଅରୁଣାଚଳ ପ୍ରଦେଶର ଏକ ବଡ଼ ଅଞ୍ଚଳ ଚୀନ ଦଖଲକୁ ଚାଲିଯାଇଛି। ଏହାବ୍ୟତିତ କାଶ୍ମୀର ଏବଂ ଲଦାଖର ଅନେକ ଅଞ୍ଚଳକୁ ମଧ୍ୟ ଚୀନ ଜବର ଦଖଲ କରିଛି। ୧୯୬୧ରେ ଭାରତର ସାମରିକ ଶକ୍ତି ଚୀନର ମୁକାବିଲା ପାଇଁ ପର୍ଯ୍ୟାପ୍ତ ନଥିଲା। ତେଣୁ ଭାରତ ଚୀନଠାରୁ ଏସବୁ ଅଞ୍ଚଳ ଛଡ଼ାଇ ଆଣିପାରିଲା ନାହିଁ। ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହରୁଙ୍କ ଭୁଲ ନୀତି ଯୋଗୁ ଭାରତକୁ ବହୁ ମୂଲ୍ୟ ଦେବାକୁ ପଡ଼ିଲା। ପରବର୍ତ୍ତୀ ସମୟରେ ଚୀନ ବାରମ୍ବାର ଲଦାଖ ଓ ଅରୁଣାଚଳ ପ୍ରଦେଶରେ ଅନୁପ୍ରବେଶ କରିବା ଲାଗି ପ୍ରୟାସ କରିଛି। ଅନେକ ଥର ଭାରତ ଓ ଚୀନ ସେନା ଏଥିଲାଗି ଏଲଏସିରେ ମୁହାଁ ମୁହିଁ ହୋଇଛନ୍ତି। ତିନି ବର୍ଷ ତଳେ ଲଦାଖର ଗଲୱାନ ଉପତ୍ୟକାରେ ଚୀନ ସେନା ଭାରତୀୟ ଅଞ୍ଚଳରେ ଅନୁପ୍ରବେଶ ଲାଗି ଉଦ୍ୟମ କରିବା ଫଳରେ ଉଭୟ ସେନା ମଧ୍ୟରେ ସଂଘର୍ଷ ସୃଷ୍ଟି ହୋଇଥିଲା ଏବଂ ଭାରତୀୟ ସେନାର ଅନେକ ଏଥିରେ ପ୍ରାଣ ହରାଇଥିଲେ। ଅରୁଣାଚଳ ପ୍ରଦେଶରେ ମଧ୍ୟ ଭାରତ ଓ ଚୀନ ସେନା ବାରମ୍ବାର ମୁହିଁ ମୁହିଁ ହୋଇଛନ୍ତି। ଉଭୟ ଦେଶ ମଧ୍ୟରେ ସୀମା ବିବାଦର ସମାଧାନ ଲାଗି ଉଭୟ ପକ୍ଷର ସେନାଧିକାରୀଙ୍କ ମଧ୍ୟରେ ଅନେକ ଥର ଆଲୋଚନା ହେଲାଣି। କିନ୍ତୁ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରୁନି। ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନହାଇପାରିବ ଏଭଳି ବିଶ୍ୱାସ ଆଉ ନାହିଁ। ଚୀନ ତା'ର ବିସ୍ତାରବାଦୀ ନୀତି ପରିହାର ନକରିବା ପର୍ଯ୍ୟନ୍ତ ବିବାଦର ସମାଧାନ ହୋଇପାରିବ ନାହିଁ। କେବଳ ଅରୁଣାଚଳ ପ୍ରଦେଶ ନୁହେଁ, ଲଦାଖ,ହିମାଚଳ ପ୍ରଦେଶ ଏବଂ କାଶ୍ମୀରର କିଛି ଅଞ୍ଚଳ ଉପରେ ଚୀନ ଲୋଲୁପ ଦୃଷ୍ଟି ପକାଇଛି। ଭାରତ ଭଳି ହଂକଂ ଏବଂ ତାଇୱାନକୁ ଚୀନ ନିଜ କବଜାରେ ରଖିବାକୁ ଉଦ୍ୟମ କରୁଛି। ଦକ୍ଷିଣ ଚୀନ ସାଗରରେ ଚୀନ ନିଜର ଏକାନ୍ତ ଆଧିପତ୍ୟ ବିସ୍ତାର କରିବାକୁ ପ୍ରୟାସ କରୁଛି। ଫଳରେ ଏ ଅଞ୍ଚଳରେ ଉତ୍ତେଜନା ଲାଗି ରହିଛି। ଭାରତ ଓ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଅଶାନ୍ତିର ମୂଳ କାରଣ ହେଉଛି ଚୀନ। ଏହାର ମୁକାବିଲା ଲାଗି ଆମେରିକା, ଭାରତ, ଜାପାନ ଓ ଅଷ୍ଟ୍ରେଲିଆ ମିଳିତ ହୋଇ ଏକ ନୂଆ ସଙ୍ଗଠନ ଗଠନ କରିଛନ୍ତି। ଚୀନ ଏହାକୁ ତାଚ୍ଛଲ୍ୟ କରୁଥିଲେ ମଧ୍ୟ ଏହାକୁ ଭୟ କରୁଛି। ଚୀନର ଏହି ସଂକୀର୍ଣ୍ଣ ମାନସିକତା ଆଧୁନୀକ ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ। ଭାରତର ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ଯାହା କହିଛନ୍ତି ତାହା ଗୁରୁତ୍ୱପୂର୍ଣ୍ଣ। ସେ କହିଛନ୍ତି ଯେ, ଏଲଏସି ନେଇ ଯେଉଁ ବୁଝାମଣା ହୋଇଛି ତାହାକୁ ଚୀନ କେତେଦୂର ନିଷ୍ଠାର ସହ କାର୍ଯ୍ୟକାରୀ କରିବ ତାହା ସମୟକ୍ରମେ ଜଣାପଡ଼ିବ। ଅର୍ଥାତ ଚୀନ ସହ ବୁଝାମଣା ହୋଇଥିଲେ ମଧ୍ୟ ତାହାର କାର୍ଯ୍ୟକାରୀତା ନେଇ ଭାରତର ସନ୍ଦେହ ରହିଛି। ବେଜିଂକୁ ବିଶ୍ୱାସ ନାହିଁ। ଅତୀତରେ ଅନେକ ଥର ଚୀନ ଭାରତକୁ ଧୋକା ଦେଇଛି। ୧୯୬୨ର ଯୁଦ୍ଧ ଥିଲା ଚୀନ ଧୋକାଦାରୀର ନମୂନା। ୧୯୬୨ ତୁଳନାରେ ଭାରତୀୟ ସେନା ଏବେ ଅଧିକ ସୁଦୃଢ଼ ଏବଂ ଶକ୍ତିଶାଳି। ଏବେ ବି ଚୀନ ସହ ଭାରତ ପ୍ରତିରକ୍ଷା ଦୃଷ୍ଟିରୁ ସମକକ୍ଷ ହୋଇପାରିନି। କିନ୍ତୁ ଚୀନ ସେନାର ଜବାବ ଦେବାକୁ ଭାରତ ସମର୍ଥ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଢ଼ ନିଷ୍ପତ୍ତି, ଭବିଷ୍ୟତ ଦୃଷ୍ଟିଭଙ୍ଗୀ ଏବଂ ଯୋଜନା ବାସ୍ତବରେ ପ୍ରଶଂସନୀୟ। ପ୍ରତିରକ୍ଷା କ୍ଷେତ୍ରରେ ଭାରତ ଏବେ ଆତ୍ମନିର୍ଭରଶୀଳ। ଏହାକୁ ଚୀନ ଆଉ ହୀନ ଦୃଷ୍ଟିରେ ଦେଖିପାରିବ ନାହିଁ। ଚୀନ ସହ ଭାରତ ସାମରିକ କ୍ଷେତ୍ରରେ ସମକକ୍ଷ ହେବାକୁ ଉଦ୍ୟମ କରିବା ବଡ଼ କଥା। ଏଥିଲାଗି ହୁଏତ ଶହେ ବର୍ଷ ଲାଗିଯାଇପାରେ। କିନ୍ତୁ ଭାରତ ନିଜକୁ ସେହି ସ୍ଥିତିକୁ ନେଇଯିବା ଉଚିତ ଯେପରିକି ଚୀନ ବା ଅନ୍ୟ କେହି ଭାରତ ସହ ମୁକାବିଲା କରିବା ପୂର୍ବରୁ ଏହାର ପରିଣାମ ସମ୍ପର୍କରେ ତିନି ଥର ଚିନ୍ତା କରିବାକୁ ବାଧ୍ୟ ହେବ।

# ମନ୍ଥର ନ୍ୟାୟିକ ପ୍ରକ୍ରିୟା

**ଗଙ୍ଗାଧର ସାମଲ**

ଦେଶର ସର୍ବୋଚ୍ଚ ନ୍ୟାୟାଳୟରେ ବିଚାରପତି ସଂଖ୍ୟା ବର୍ତ୍ତମାନ ୩୩ରୁ ୩୭କୁ ବୃଦ୍ଧି କରିବା ପାଇଁ ସରକାର ଜାରି କରିଥିବା ଅଧ୍ୟାଦେଶକୁ ଇତିମଧ୍ୟରେ ରାଷ୍ଟ୍ରପତି ମଞ୍ଜୁର କରିଛନ୍ତି। ୯୦ ହଜାରରୁ ଉର୍ଦ୍ଧ୍ୱ ମାମଲା ବୋଝ ଧରିଥିବା ସର୍ବୋଚ୍ଚ ନ୍ୟାୟାଳୟ ଏହାଦ୍ୱାରା କ୍ରମଶଃ ଚାପମୁକ୍ତ ହେବ ବୋଲି ଆଶା କରାଯାଉଛି। ତେବେ ବାସ୍ତବତା ବା ଆମ ଆଇନ ବ୍ୟବସ୍ଥା ଅନେକ ଜଟିଳ ହୋଇଥିବାରୁ ବହୁ ଅଧିକ ଆଶା କରିବା ବୃଥା। ତଥାପି ପୂର୍ବାପେକ୍ଷା ସ୍ଥିତିରେ ଅନେକ ସୁଧାର ଆସିବା ନିଃସନ୍ଦେହ। ୧୯୫୦ରେ ଆମ ଦେଶରେ ମାତ୍ର ଆଠଜଣ ସାତ ଜଣ ବିଚାରପତି ଓ ଜଣେ ପ୍ରଧାନ ବିଚାରପତିଙ୍କୁ ନେଇ ଆରମ୍ଭ ହୋଇଥିବା ସର୍ବୋଚ୍ଚ ନ୍ୟାୟାଳୟରେ ୧୯୫୬ରେ ଆଇନ ପ୍ରଣୟନ ପରେ ବିଚାରପତି ସଂଖ୍ୟା ୧୧କୁ ବୃଦ୍ଧି ପାଇଥିଲା। ଏହାପରେ ୧୯୬୦ରେ ୧୩, ୧୯୭୭ରେ ୧୭, ୧୯୮୬ରେ ୨୫, ୨୦୦୮ରେ ୩୦, ୨୦୧୯ରେ ୩୩କୁ ବୃଦ୍ଧି ପାଇଥିଲା। ତେଣୁ ବିଚାରପତି ନିଯୁକ୍ତି ମଧ୍ଯ ଆବଶ୍ୟକ ତୁଳନାରେ ପର୍ଯ୍ୟାପ୍ତ ହୋଇନାହିଁ।

ଆମ ଦେଶରେ ବିଳମ୍ବିତ ବିଚାର ପ୍ରକ୍ରିୟା ନ୍ୟାୟିକ କ୍ଷେତ୍ରରେ ଏକ ବିଡ଼ମ୍ବନା ବୋଲି ଅଭିଯୋଗ ହୋଇ ଆସୁଛି। ଏପରିକି ବିଳମ୍ବିତ ନ୍ୟାୟ ପ୍ରକୃତ ନ୍ୟାୟ ନୁହେ ବୋଲି କୁହାଯାଉଥିଲେ ମଧ୍ଯ ବହୁବିଧ କାରଣରୁ ସେ ଦିଗରେ ଇପସ୍ମିତ ସୁଧାର ଆସିପାରୁନାହିଁ। କୌଣସି ମାମଲାର ତୃଣମୂଳସ୍ତରରୁ ଆରମ୍ଭ କରି ଅଦାଲତର କାଠଗଡ଼ା ପର୍ଯ୍ୟନ୍ତ ପ୍ରକ୍ରିୟା ଏତେ ଜଟିଳ ଓ କୁଟିଳ ଯେ ବିଚାର ଆବେଦନକାରୀ ହିଁ ଆର୍ଥିକ, ଶାରୀରିକ ଓ ମାନସିକ ଭାବେ ନିର୍ଯାତିତ ହେବା ସାର ହେଉଛି। ଏପରିକି କେତେକ କ୍ଷେତ୍ରରେ ଆବେଦନକାରୀକୁ ତା ଜୀବନ କାଳ ମଧ୍ଯରେ ନ୍ୟାୟ ମିଳିପାରୁନାହିଁ। ଆଉ କେତେକ କ୍ଷେତ୍ରରେ ପକ୍ଷଭୁକ୍ତମାନେ ମାନସିକ ଭାରସାମ୍ୟ ହରାଉଛନ୍ତି। ଏପରିକି ବାଦୀ/ପ୍ରତିବାଦୀମାନେ ଜମିବାଡ଼ି ବିକି ସର୍ବସ୍ୱ ହରାଇବା ପରେ ଆପେ ଆପେ କୋର୍ଟ କଚେରୀ ଦୌଡ଼ରୁ ଓହରି ଆସି ଭାଗ୍ୟକୁ ଆଦରି ଜୀବନ କାଟୁଛନ୍ତି। ବିଳମ୍ବିତ ବିଚାର ପ୍ରକ୍ରିୟା ଯୋଗୁଁ ଏଭଳି ପରିସ୍ଥିତି ମଧ୍ଯ ସୃଷ୍ଟି ହେଉଛି ଯେ ବିଚରା ବିଚାରାଧୀନ କଏଦୀଟିଏ ଭୁଲି ଯାଉଛି ତାର ଅପରାଧ କ'ଣ ଏବଂ କର୍ତ୍ତୃପକ୍ଷ ମଧ୍ଯ ତା ବିରୋଧରେ ଆସିଥିବା ଅଭିଯୋଗର ପ୍ରମାଣ ଆଧାରିତ କାଗଜପତ୍ର ଖୋଜି ପାଉନାହାନ୍ତି। ଏହି ପୃଷ୍ଠଭୂମିରେ ବିଭିନ୍ନ ସ୍ତରର ଅଦାଲତମାନଙ୍କରେ ଅଧିକରୁ ଅଧିକ ବିଚାରପତି ନିଯୁକ୍ତି ବା ପଦବୀ ସଂଖ୍ୟା ବୃଦ୍ଧି ପାଇଁ ନିରନ୍ତର ଦାବି ହୋଇ ଆସୁଛି। ଏହି ତୃଣମୂଳସ୍ତରୀୟ ସମସ୍ୟା ସମାଧାନ ହେଲେ ବିଚାର ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିବ।

ବିଳମ୍ବିତ ନ୍ୟାୟିକ ପ୍ରକ୍ରିୟା କେବଳ ସାଧାରଣ ନାଗରିକଙ୍କ ଜନଜୀବନକୁ ପ୍ରଭାବିତ କରୁନାହିଁ, ବରଂ ଦେଶର ସାମାଜିକ ଓ ଅର୍ଥନୈତିକ ବିକାଶକୁ ମଧ୍ଯ ପ୍ରଭାବିତ କରୁଛି। ଏକ ଅନୌପଚାରିକ ଗବେଷଣା ଅନୁଯାୟୀ ବିଳମ୍ବିତ ନ୍ୟାୟ ଯୋଗୁଁ ଜିଡ଼ିପିର ୧.୫ରୁ ୨% କ୍ଷତି ହେଉଛି। କିନ୍ତୁ ନ୍ୟାୟିକ ପ୍ରକ୍ରିୟା ବିଳମ୍ବିତ ହେବା ପଛରେ ରହିଥିବା ଲୁକ୍କାୟିତ କାରଣ ମାନ ଏବଂ ସେଥିରେ କଣ ସୁଧାର ଅଣାଯାଇପାରିବ ସେ ସମ୍ପର୍କିତ କୌଣସି ଗବେଷଣା ଭାରତରେ ହୋଇଥିବା ଜଣାଯାଇନାହିଁ। ତ୍ରୟୋଦଶ ଅର୍ଥ ଆୟୋଗ ଏ ସମ୍ପର୍କରେ କିଛିଟା ଦୃଷ୍ଟିପାତ କରିଥିବା ଜଣାଯାଏ। ଆୟୋଗଙ୍କ ତର୍ଜମା ଅନୁଯାୟୀ ଭାରତୀୟ ଅଦାଲତରେ ବିଚାରପତିମାନେ ଅନେକ ପ୍ରକାରର ଅଣନ୍ୟାୟିକ କାର୍ଯ୍ୟ ଦ୍ୱାରା ଚାପଗ୍ରସ୍ତ ହୋଇପଡୁଛନ୍ତି। ତେଣୁ ଜିଲ୍ଲା ଅଦାଲତରୁ ଉଚ୍ଚ ନ୍ୟାୟାଳୟ ପର୍ଯ୍ୟନ୍ତ ପେସାଦାର ଅଦାଲତ ପରିଚାଳକ ଏମବିଏ ଡିଗ୍ରୀଧାରୀ କୋର୍ଟ ମ୍ୟାନେଜର ନିଯୁକ୍ତି ପାଇଁ ଅର୍ଥ ଆୟୋଗ ସୁପାରିସ କରିବା ସହିତ ଏଥିପାଇଁ ସେତେବେଳେ ୨୦୧୦-୧୫ରେ ୩୦୦ କୋଟି ଟଙ୍କା ମଞ୍ଜୁର କରିଥିଲେ। କିନ୍ତୁ ଏହାର ମାତ୍ର ୧୩% ଉପଯୋଗ ହୋଇପାରିଥିଲା। ଏ କ୍ଷେତ୍ରରେ ହରିଆଣା, ତାମିଲନାଡୁ, ପଞ୍ଜାବ, ରାଜସ୍ଥାନ ପରି କେତେକ ରାଜ୍ୟ ଅସ୍ଥାୟୀ ବା ଚୁକ୍ତିଭିତ୍ତିକ କୋର୍ଟ ମ୍ୟାନେଜର ନିଯୁକ୍ତି କରିଥିଲେ ମଧ୍ଯ ଦେଶରେ ସମୁଦାୟ କୋର୍ଟ ମ୍ୟାନେଜର ସଂଖ୍ୟା ମାତ୍ର ୧୨୮ରେ ସୀମିତ ରହିଯାଇଥିଲା।

ତ୍ରୟୋଦଶ ଅର୍ଥ ଆୟୋଗଙ୍କ କାର୍ଯ୍ୟକାଳ ଶେଷ ହେବା ପରେ କୋର୍ଟ ମ୍ୟାନେଜର ନିଯୁକ୍ତି ଓ ଦରମା ବାବଦ ଅର୍ଥ ବୋଝ ରାଜ୍ୟ ମାନଙ୍କ ଉପରେ ନ୍ୟସ୍ତ ହେଲା ଏବଂ ସମ୍ପୃକ୍ତ ରାଜ୍ୟ ଉଚ୍ଚ ନ୍ୟାୟାଳୟ ମାନଙ୍କୁ ସୁପାରିସ କରିବା ପାଇଁ କୁହାଗଲା। ଏଥି ସହିତ ଏହି ଯୋଜନା ମଧ୍ଯ ଏକ ପ୍ରକାର ସ୍ଥାଣୁ ହୋଇଗଲା। ଯୋଜନା ବିଫଳ ହେବା ପଛରେ କେନ୍ଦ୍ର ସରକାରଙ୍କ ଅନାଗ୍ରହ, ବିଚାରପତି ଓ କୋର୍ଟ ମ୍ୟାନେଜରଙ୍କ ମଧ୍ଯରେ ସୃଷ୍ଟି ହୋଇଥିବା ପଦପଦବୀର କର୍ତ୍ତୃତ୍ୱ, ସମ୍ମାନ ଓ ଆତ୍ମାଭିମାନର ପ୍ରଶ୍ନ, ଏକ ସୁସ୍ଥ ବ୍ୟବସ୍ଥା ବିକାଶରେ ଅବହେଳା ଆଦି ଅନେକ କାରଣ ଥିଲା। ଏହି ଯୋଜନାକୁ ଯଦି ସଫଳତାର ସହିତ ବ୍ୟବସ୍ଥିତ କରାଯାଇପାରିଥାନ୍ତା ତେବେ ବିଳମ୍ବିତ ନ୍ୟାୟିକ ଅପବାଦ ଅନେକ ମାତ୍ରାରେ ସୁଧାରି ଆସି ପାରିଥାନ୍ତା।

ବର୍ତ୍ତମାନ ଭାରତ ସ୍ୱାଧୀନତାର ଅମୃତକାଳର ଯାତ୍ରା କରୁଛି। ଏହି ସମୟରେ ଅନେକ ସୁଧାର ଓ ସଂସ୍କାର ଆଶା କରାଯାଇପାରେ। କାରଣ ସ୍ୱାଧୀନତାର ଶହେ ବର୍ଷ ପରେ ମଧ୍ଯ ଜଣେ ସାଧାରଣ ନାଗରିକ ଠିକ ସମୟରେ ନ୍ୟାୟ ପାଇପାରିବ ନାହିଁ ତେବେ ସ୍ୱାଧୀନ ଗଣତାନ୍ତ୍ରିକ ରାଷ୍ଟ୍ରର ମୂଲ୍ୟବୋଧ ହିଁ ବ୍ୟାହତ ହେବ। ବିଚାରପତି ନିଯୁକ୍ତିରେ କେନ୍ଦ୍ର ସରକାର ଓ କଲେଜିୟମ୍ ବ୍ୟବସ୍ଥା ମଧ୍ଯରେ ବିରୋଧାଭାସ ଏକ ଅଭିଲିଖିତ ପରମ୍ପରାରେ ପରିଣତ ହୋଇସାରିଛି। ଏଥିଯୋଗୁଁ ମଧ୍ଯ ବିଚାରପତି ନିଯୁକ୍ତି ପ୍ରକ୍ରିୟା ବିଳମ୍ବିତ ହୋଇ ନ୍ୟାୟିକ ପ୍ରକ୍ରିୟାକୁ ମନ୍ଥର କରୁଛି। ତେଣୁ ଏ ଦିଗରେ ମଧ୍ଯ ସର୍ବସମ୍ମତ ନିଷ୍ପତ୍ତି ବାଞ୍ଛନୀୟ।


ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୮୩୨୮୯୪୮୬୪୩ / ୯୪୩୭୨୨୬୬୪


# ଧର୍ମର ବୈଜ୍ଞାନିକ ମାର୍ଗ

**ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ପ୍ରତ୍ୟେକ କର୍ମର ଫଳ, କର୍ମ କରାଯିବାର ଉଦ୍ଦେଶ୍ୟ ଉପରେ ନିର୍ଭର କରିଥାଏ। ଯଥା ହତ୍ୟାକାରୀଙ୍କୁ ଦଣ୍ଡିତ କରାଯାଇ ଫାଶୀଖୁଣ୍ଟରେ ଝୁଲାଇ ଦିଆଯାଏ ଏବଂ ଜଣେ ଡାକ୍ତରଙ୍କ ଦ୍ୱାରା କରାଯାଇଥିବା କଷ୍ଟସାଧ୍ଯ ଅସ୍ତ୍ରୋପଚାର ପରେ ମଧ୍ଯ ରୋଗୀ ଯଦି ମରିଯାଏ ତେବେ ବି ସେହି ଡାକ୍ତରଙ୍କୁ ରୋଗୀଙ୍କ ସଂପର୍କୀୟମାନେ ପ୍ରଶଂସା କରିବାରେ କୁଣ୍ଠାବୋଧ କରନ୍ତି ନାହିଁ। ଉଭୟ କ୍ଷେତ୍ରରେ ଜଣେ ମଣିଷର ମୃତ୍ୟୁ ହୋଇଥାଏ। ଅସ୍ତ୍ରୋପଚାର ସମୟରେ ରୋଗୀର ମୃତ୍ୟୁ ହେଲେ ଡାକ୍ତରଙ୍କୁ ଆମେ ନିନ୍ଦା କରୁନା। କାରଣ ଏଠାରେ ଡାକ୍ତର ଯେଉଁ ଅସ୍ତ୍ରୋପଚାର କରନ୍ତି ତାହାର ଉଦ୍ଦେଶ୍ୟ ଥାଏ ରୋଗୀର ଜୀବନ ରକ୍ଷା। ଏପରିକି ଆଇନରେ ମଧ୍ଯ ଅଛି ଯେ ଯଦି ହତ୍ୟା କରାଯାଇଥିବାର କୌଣସି ଉଦ୍ଦେଶ୍ୟ ସଂପର୍କରେ ପ୍ରମାଣ ନମିଳେ ତେବେ ତାହାକୁ ନରହତ୍ୟା କୁହାନଯାଇ ନିନ୍ଦନୀୟ ନରସଂହାର କୁହାଯିବ।

ଦର୍ଶନ ଶାସ୍ତ୍ରରେ ଏହାକୁ ସ୍ୱୟଂସିଦ୍ଧ ନିୟମ କୁହାଯାଏ। ଭଗବତ ଗୀତାରେ ଶ୍ରୀକୃଷ୍ଣ କହିଛନ୍ତି ଯେତେବେଳେ ବାସନାର ପୂରଣ ନିମନ୍ତେ ଯଜ୍ଞ କରାଯାଏ ସେତେବେଳେ ଯଜ୍ଞ ସରିବା ପରେ କର୍ତ୍ତାଙ୍କୁ ସ୍ୱର୍ଗଲୋକ ଯିବାକୁ ଅନୁମତି ମିଳେ। କର୍ତ୍ତା ସ୍ୱର୍ଗଲୋକ ଯାଇ ଦେବତାମାନେ ଉପଭୋଗ କରୁଥିବା ସବୁ ଆନନ୍ଦ ଲାଭ କରନ୍ତି। କର୍ତ୍ତାଙ୍କର କର୍ମଫଳ ସରିବାଯିବାରେ ପୁଣି ସେ ମର୍ତ୍ତ୍ୟଲୋକକୁ ପ୍ରତ୍ୟାବର୍ତ୍ତନ କରିଥାଆନ୍ତି। ଏହି କର୍ତ୍ତାମାନଙ୍କର କାମନା ପୂରଣ ନହେବା ପର୍ଯ୍ୟନ୍ତ ସେମାନଙ୍କର ମର୍ତ୍ତ୍ୟଲୋକକୁ ଯିବା ଆସିବା ଲାଗି ରହିଥାଏ। ଆନନ୍ଦ ଲାଭ ନିମନ୍ତେ ମନରେ ଯେଉଁ କାମନା ଜାତ ହୁଏ ତାହା ନିର୍ଦ୍ଦିଷ୍ଟ ବସ୍ତୁ ବା ସ୍ଥିତି ପାଇଁ ହୋଇଥାଏ। ତେଣୁ ସ୍ୱର୍ଗଲୋକରେ ସେମାନେ ରହି ପାରନ୍ତି ନାହିଁ। ଇଚ୍ଛା ପୂରଣ ନିମନ୍ତେ ବାରମ୍ବାର ସେମାନଙ୍କୁ ସଂସାରକୁ ଆସିବାକୁ ପଡ଼ିଥାଏ। ବିଭିନ୍ନ ଆଶା ରଖି ଯଦି ଧର୍ମ କାର୍ଯ୍ୟ କରାଯାଏ ଏବଂ ତାହା ଫଳରେ ସଂସାର ମିଳେ ତେବେ କୌଣସି କାମନା ନକରି ନିଷ୍କାମ ଭାବେ ଯେଉଁମାନେ ପ୍ରଭୁଙ୍କର ଆରାଧନା କରନ୍ତି ସେମାନେ କଣ ଲାଭ କରିବେ ? ସମଗ୍ର ବିଶ୍ୱ ସେମାନଙ୍କୁ ମିଳିପାରିବ।

ଶ୍ରୀକୃଷ୍ଣ କହିଛନ୍ତି ଯେଉଁମାନେ ତଥାକଥିତ ପୁଣ୍ୟରୂପକ ସିଡ଼ିରେ ଉଠୁ ଉଠୁ ଇନ୍ଦ୍ରପଦ ପ୍ରାପ୍ତ କରିଥାନ୍ତି ସେମାନଙ୍କ ପୁଣ୍ୟର ଫଳ ଶେଷ ହୋଇଯିବା ମାତ୍ରେ ଇନ୍ଦ୍ରତ୍ୱର ତେଜ କମିଆସେ। ସେହି ସ୍ୱର୍ଗକାମୀ ବ୍ୟକ୍ତି ବା ଦେବତା ଭୋଗ ଶେଷ ହୋଇଗଲେ ପୁଣି ମର୍ତ୍ତ୍ୟଲୋକକୁ ଖସିଆସେ। ପ୍ରଭୁ କହିଛନ୍ତି 'ହେ ଅର୍ଜୁନ ବୈଦିକ ଅନୁଷ୍ଠାନ କଲେ କଣ ହେବ ? ଯିଏ ମୋ ସ୍ୱରୂପକୁ ଜାଣେନା ତା ଲାଗି ଚାଉଳକୁ ଫିଙ୍ଗି ଦେଇ ତଷ୍ଣୁକୁ ସାଇତି ରଖିବା ଭଳି ସବୁ ନିରର୍ଥକ। ମତେ ଛାଡ଼ି ବେଦୋକ୍ତ ଧର୍ମ ନିଷ୍ଫଳ। ତୁମେ ଆଉ କିଛି ଜାଣି ନପାରିଲେ ମଧ୍ଯ ମତେ କେବଳ ଜାଣିରଖ।'

ପୁନଶ୍ଚ ପ୍ରଭୁ କହିଛନ୍ତି 'ଅନନ୍ୟାଶ୍ଚିନ୍ତୟନ୍ତୋ ମାଂ ଯେ ଜନାଃ ପର୍ଯ୍ୟୁପାସତେ। ତେଷାଂ ନିତ୍ୟାଭିଯୁକ୍ତାନାଂ ଯୋଗକ୍ଷେମଂ ବହାମ୍ୟହମ୍'। ଅର୍ଥାତ ଏକମନ ହୋଇ ଯିଏ ନିଜ ବିତ୍ତକୁ ମୋ ଠାରେ ସମର୍ପଣ କରିଥାଏ ଗର୍ଭସ୍ଥ ପିଣ୍ଡଭଳି କୌଣସି କ୍ରିୟା ସହିତ ପରିଚିତ ନୁହେଁ ଯାହା ନିକଟରେ ମୋ ବ୍ୟତୀତ ଉପାଦେୟ ଅନ୍ୟ କିଛି ନାହିଁ, ଯିଏ ମତେ ହିଁ ଭଲ ପାଏ, ଯିଏ ନିଜ ଜୀବନକୁ ମୋ ଜୀବନ ବୋଲି ଅନୁଭବ କରେ, ଏକ ନିଷ୍ଠ ଭାବେ ମତେ ହିଁ ଭକ୍ତି କରେ ମୋ ଚିନ୍ତାରେ କେବଳ ବୁଡ଼ି ରହେ ଏବଂ ମୋର ନାମ ଜପି ଚାଲେ ମୁଁ ତାର ସେବା କରିଥାଏ। ଜୀବନ କଣ ଏବଂ କେଉଁଠି ଏହାର ସ୍ଥିତି ସଂପର୍କରେ କେବଳ କହିଦେବା ଧର୍ମ ନୁହେଁ। ଧର୍ମ ରଚିତ ମାର୍ଗ ପ୍ରଦର୍ଶନ ସହିତ ସଠିକ ଭାବେ କିପରି ଦୈନନ୍ଦିନ ଜୀବନରେ ଦେଖାଯାଉଥିବା ସମସ୍ୟା ଗୁଡ଼ିକର ସମାଧାନ କରି ସଂସାରରେ ବାସ କରିବାକୁ ହେବ ତାହାର ଉଚିତ ଶିକ୍ଷା ମଧ୍ଯ ଦେଇଥାଏ।

ସାଂସାରିକ ବିଷୟ ଭୋଗ ଏବଂ ଆଧାତ୍ମିକ ଆନନ୍ଦ କିପରି ସଫଳତାର ସହ ଲାଭ କରିବା ଘେନି ଯେଉଁ ଗୁପ୍ତ ତତ୍ତ୍ୱଟି ରହିଛି ତାହାର ବର୍ଣ୍ଣନା ମଧ୍ଯ କରାଯାଇଛି। ଆମର ଜୀବନ ଶକ୍ତି ମୁଖ୍ୟତଃ ତିନିଟି ମାର୍ଗରେ ବ୍ୟୟ ହୋଇଥାଏ। ପ୍ରଥମଟି ହେଉଛି ସମାଜରେ ବା ଜୀବନ ଯାନରେ ଆମର ଯେଉଁ ସ୍ଥିତି ରହିଛି ସେଥିରେ ଉନ୍ନତି କରିବାରେ ଏବଂ ଅଧିକ କିଛି ଲାଭ କରିବା ନିମନ୍ତେ ଆମେ ଶକ୍ତିର ବ୍ୟବହାର କରିଥାଉ। ଦ୍ୱିତୀୟଟି ହେଉଛି ଆମର ଯାହା ଅଛି ତାହା କିପରି ସୁରକ୍ଷିତ ହୋଇ ରହିବ ସେଥିନିମନ୍ତେ ମଧ୍ଯ ଶକ୍ତିର ବ୍ୟୟ କରିଥାଉ। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ମରିବାର ଭୟକୁ କିପରି ଦୂର କରାଯାଇପାରିବ ସେଥି ନିମନ୍ତେ ଅଧିକ ଶକ୍ତିର ବ୍ୟୟ କରିଥାଉ। ଯଦିଓ ଏସବୁ ହେଉଛି ଅଳିକ। ଘରଟିଏ ନିର୍ମାଣ କଲେ ତାହାର ସୁରକ୍ଷା ଏବଂ ଉତ୍ତମ ଭାବେ ତାହାର ବ୍ୟବହାର କିପରି କରାଯାଇପାରିବ ସେଥିନିମନ୍ତେ ଆମେ ବ୍ୟସ୍ତ ହେଉ। ଆମେ ଅର୍ଥ ଉପାର୍ଜନ କରୁ ଏବଂ ତାହାକୁ କିପରି ସୁରକ୍ଷିତ ଭାବେ ରଖିବୁ ସେଥି ନିମନ୍ତେ କାର୍ଯ୍ୟ କରୁ। ଏସବୁ ଅଳିକ। ଏହା ସତ୍ତ୍ୱେ ଏଥିନିମନ୍ତେ ଆମେ ଆରମର ଶକ୍ତି, ସମୟ ଏବଂ ଚିନ୍ତା ସବୁ ବ୍ୟୟ କରିଥାଉ। ଏଥିନିମନ୍ତେ ଆମକୁ ବାରମ୍ବାର ମର୍ତ୍ତ୍ୟରେ ଜନ୍ମ ନେବାକୁ ପଡ଼େ। ଯଦି ଏ ସବୁଠାରୁ ଧ୍ୟାନକୁ ଟାଣି ଆଣି କେବଳ ପରମାତ୍ମାଙ୍କ ଉଦ୍ଦେଶ୍ୟରେ ସବୁ ଶକ୍ତି ଏବଂ ସମୟର ବ୍ୟୟ କରାଯିବ ତାହାଲେ ସଂସାର ସାଗରରୁ ମୁକ୍ତି ମିଳିବ। ଏହା ନକରି ଆଧାତ୍ମିକ ଜ୍ଞାନ ଅର୍ଜନ ବେଳେ ଆମେ ଯଦି ଭାବୁ ଯେ ଈଶ୍ୱର ଆରାଧନାରେ ସବୁ ସମୟ ଦେଇ ଦେଲେ ମୋର ସାଂସାରିକ ସାମଗ୍ରୀ ଗୁଡ଼ିକ କିପରି ସୁରକ୍ଷିତ ରହିବ ? ତାହାର ସୁରକ୍ଷା ମଧ୍ଯ ଏକ କର୍ତ୍ତବ୍ୟ। ଏଥିରୁ କିପରି ମୁଁ ନିଜକୁ ଦୂରେଇ ରଖିପାରିବି ? ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - 'ଯିଏ ମୋ ପ୍ରତି ନିଜର ମନକୁ ସଂପୂର୍ଣ୍ଣ ଭାବେ ସମର୍ପଣ କରିଦିଏ ତାହାର ସବୁ କିଛି ମୁଁ ବୁଝେ'।

ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି 'ଯିଏ ପ୍ରକୃତ ଭକ୍ତ ସେ ମୋ ବ୍ୟତୀତ ଆଉ କିଛି ଦେଖେ ନାହିଁ କିମ୍ବା ଆଉ କାହାରିକୁ ପ୍ରାର୍ଥନା କରେ ନାହିଁ। ପରମାତ୍ମାଙ୍କ ସହିତ ଯିଏ ନିଜକୁ ସଂପୂର୍ଣ୍ଣ ଭାବେ ଲିପ୍ତ କରିଦିଏ ତାହାର ଆଉ କିଛି ଭୟ ରହେ ନାହିଁ।' ସଂସାର ମଧ୍ଯରେ ଯିଏ ଝାଳନାଳ ହୋଇ ଖଟି ଚାଲିଥାଏ ସିଏ ନିଜର ମନକୁ ବଝାଇ କୁହେ ଯେ ସଂସାରରେ ସେ ସଫଳତା ଲାଭ କରିବାରେ ସକ୍ଷମ ହୋଇଛି। ମନରେ ଯଦି ସଂକଳ୍ପ ଦୃଢ଼ ଥାଏ ଏବଂ ଲକ୍ଷ୍ୟ ନିର୍ଦ୍ଦିଷ୍ଟ ଥାଏ ତେବେ ସଫଳତା ଲାଭ ନିଶ୍ଚୟ ହୁଏ। କିନ୍ତୁ ଦୁଃଖ ହେଉଛି ଯେ ସାଧାରଣ ମଣିଷ ନିଜର ଲକ୍ଷ୍ୟ ସ୍ଥିର ରଖିପାରେ ନାହିଁ। ତାହାର ସଂକଳ୍ପରେ ମଧ୍ଯ ଦୋଦୁଲ୍ୟମାନ ଦେଖାଯାଏ। ଏପରି ବ୍ୟକ୍ତି ପକ୍ଷରେ ସଫଳତା ସମ୍ଭବ ହୁଏନାହିଁ।

ଆମର ଗୋଟେ ଭ୍ରାନ୍ତ ଧାରଣା ରହିଛି ଯେ କାର୍ଯ୍ୟକ୍ରମ ଦ୍ୱାରା କିଛି ସାଧିତ ହୋଇଥାଏ। କେବଳ ଚିନ୍ତା ଦ୍ୱାରା କାର୍ଯ୍ୟ ସାଧନ ହୋଇନଥାଏ। ଆମେ ଭୁଲିଯିବା ଉଚିତ ନୁହେଁ ଯେ ଆମର ଯେଉଁ କାର୍ଯ୍ୟକ୍ରମ ତାହାର ଚିନ୍ତା ପ୍ରଥମେ କରାଯାଏ। ଯଦି ଚିନ୍ତାଧାରାରେ ବିଭ୍ରାଟ ହୁଏ ତେବେ ସବୁ କିଛି ଓଲଟପାଲଟ ହୋଇଯାଏ। ସଂକଳ୍ପବଦ୍ଧ ବ୍ୟକ୍ତିଙ୍କର ଚିନ୍ତାଧାରାରେ ବିକ୍ଷିପ୍ତତା ନଥାଏ। ଏହା ଲକ୍ଷ୍ୟ ହାସଲରେ ସାହାଯ୍ୟ କରିଥାଏ। ଏପରି ବ୍ୟକ୍ତିକୁ ସଫଳତା ମିଳିଥାଏ।

ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତିନିଟି ପରାମର୍ଶ ଦେଇଛନ୍ତି। 'ପ୍ରଥମଟି ହେଉଛି ଇଚ୍ଛା ଏବଂ ବିଚାରରେ ଦୃଢ଼ତା। ଦ୍ୱିତୀୟଟି ହେଉଛି ଯାହା ହାସଲ କରିବାକୁ ଚାହୁଁଛେ ସେଥିପ୍ରତି ଏକାଗ୍ରତା। ଏବଂ ତୃତୀୟଟି ହେଉଛି ଉଲ୍ଲେଖନୀୟ ସଫଳତା ହାସଲ ନିମନ୍ତେ ଆତ୍ମ ନିୟନ୍ତ୍ରଣ। ଆତ୍ମନିୟନ୍ତ୍ରଣର ଅଭାବ ଯୋଗୁଁ ଆମେ ବାରମ୍ବାର ନିଜର ଲକ୍ଷ୍ୟରେ ପରିବର୍ତ୍ତନ କରିଥାଉ।' ଅନେକ ସମୟରେ ଏଇଥିପାଇଁ ଆମେ ନିଜ ସହିତ ବିଶ୍ୱାସଘାତକତା କରି ଭିନ୍ନ କାର୍ଯ୍ୟରେ ଧ୍ୟାନ ଦେଇଥାଉ। ଯଦି ପ୍ରଭୁ ଦେଇଥିବା ତିନିଟି ପରାମର୍ଶକୁ ଆମେ ନିଷ୍ଠାର ସହିତ ପାଳନ କରିବା ତେବେ ପରମାତ୍ମା ଆମକୁ ପ୍ରାପ୍ତି ମାର୍ଗରେ ନେଇଯିବେ। ଲକ୍ଷ୍ୟ ହାସଲ ନିମନ୍ତେ ଆମେ ବିବ୍ରତ ହେବାର ପ୍ରଶ୍ନ ଉଠୁନାହିଁ। କାରଣ ଆମର ସୁରକ୍ଷା ହେଉଛି ତାଙ୍କର ଦାୟିତ୍ୱ।


ପ୍ରତିରତ୍ୱିକ ଓ ଅବସର ପ୍ରାପ୍ତ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭


# ସାନ ଆକାର ,ସୋମ୍ୟ ବିଚାର

**ବିରଜା ରାଉତରାୟ**

ଏହି ଶୀର୍ଷକଟି ଆପଣମାନଙ୍କୁ ଏକ ପହେଳି ପରି ଲାଗୁଥାଇ ପାରେ । ମାତ୍ର ଏହାର ସଂକେତ ଓଡ଼ିଶାର ଏକ ଅନ୍ୟତମ ସାର୍ଥକ ପୁରୁଷକୁ ସୂଚାଇଥାଏ । ସିଏ ଆଉ କେହି ନୁହନ୍ତି,ଦୀନଜନଙ୍କର ବନ୍ଧୁ,ଦୀନବନ୍ଧୁ ସାହୁ । ଓଡ଼ିଶାର ଇତିହାସ ଯଦିଓ ତାଙ୍କୁ ଜଣେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ,ପୂର୍ବତନ ଆଇନମନ୍ତ୍ରୀ,ଆଡ଼ଭୋକେଟ୍ ଜେନରାଲ୍ ଓ ପ୍ରଖ୍ୟାତ ଆଇନଜ୍ଞ ଭାବରେ ସ୍ତୁତିଚାରଣ କରିଥାଏ,ମାତ୍ର ଏହି ଅନନ୍ୟ ବ୍ୟକ୍ତିବିଶେଷଙ୍କ ଉଦାରତା, ଅସୀମ ସେବାନୁବର୍ତ୍ତିତା ତଥା ତ୍ୟାଗପୂର୍ଣ୍ଣ ଜୀବନର ଛାପ ତାଙ୍କ ବହୁମୁଖୀ ବ୍ୟକ୍ତିତ୍ୱର ଅନ୍ୟ ଏକ ଉଲ୍ଲେଖନୀୟ ଦିଗ କହିଲେ ଅତ୍ୟୁକ୍ତି ହେବନାହିଁ ।ଭାରତୀୟ ପୁରାଣ ଶାସ୍ତ୍ରରେ ଉଲ୍ଲେଖ ରହିଛି- "ପରୋପକାରାୟ ସ୍ୱର୍ଗାୟଃ" । ଏହି ଉକ୍ତିଟିକୁ ନିଜ ଜୀବନର ଆଦର୍ଶ ରୂପେ ଯେପରି ସ୍ୱର୍ଗତ ଦୀନବନ୍ଧୁ ବାବୁ ଗ୍ରହଣ କରି ନେଇଥିଲେ । ତତ୍କାଳୀନ କଟକ ଜିଲ୍ଲାର କେନ୍ଦ୍ରାପଡ଼ା ସବଡିଭିଜନ୍ ସଦର ମହକୁମାର ଏକ ଜମିଦାର ପରିବାରରେ ୧୯୧୦ ମସିହା ଅକ୍ଟୋବର ମାସ ୧୦ ତାରିଖରେ ସେ ଜନ୍ମଗ୍ରହଣ କରିଥିଲେ । ପିତା ଶୋଭନୀ ସାହୁ ଓ ମାତା ସୁମିତ୍ରା ଦେବୀ ଉଭୟ ଥିଲେ ପରୋପକାରୀ ଓ ଧର୍ମପ୍ରାଣ । ଅତଏବ,ବାଲ୍ୟ ଅବସ୍ଥାରୁ ସେବା କାର୍ଯ୍ୟ ପ୍ରତି ତାଙ୍କର ଅତ୍ୟନ୍ତ ଆଗ୍ରହ ପରିଲକ୍ଷିତ ହୋଇଥିଲା । ୧୯୩୪ ମସିହାରେ ପାଟଣା ବିଶ୍ୱବିଦ୍ୟାଳୟରୁ କଳା ଓ ଆଇନରେ ସ୍ନାତକୋତ୍ତର ଉପାଧି ଲାଭ କଲାପରେ ୧୯୩୬ ମସିହାରୁ ସେ କଟକ ସର୍କିଟ୍ କୋର୍ଟରେ ଆଇନଜୀବୀ ରୂପେ ଯୋଗ ଦେଇଥିଲେ। ତାଙ୍କ ଜୀବନର ଗୋଟିଏ ପଟେ ଜାରି ରହିଥିଲା ଆଇନ ସେବା ଓ ରାଜନୀତି । ଆରପଟରେ ସାମାଜିକ ପ୍ରତିବଦ୍ଧତା । ଯେଉଁଥିପାଇଁ ବେଜେଲ୍ ଗେଟ୍ ହତ୍ୟାକାଣ୍ଡର ଅଭିଯୁକ୍ତ ଆସାମୀମାନଙ୍କ ସପକ୍ଷରେ କେସ୍ ଲଢ଼ିବାଠାରୁ ଆରମ୍ଭ କରି ଗଡଜାତ ପ୍ରଜା ଆନ୍ଦୋଳନ ଓ ସ୍ୱାଧୀନତା ସଂଗ୍ରାମୀମାନଙ୍କ ପକ୍ଷରେ କେସ୍ ଲଢ଼ିବାକୁ ସେ ଆଗଭର ହୋଇଥିଲେ । ସାମାଜିକ ସେବା ତାଙ୍କ ବୃହତ୍ତର ରାଜନୈତିକ ଜୀବନର ଏକ ଅପରିହାର୍ଯ୍ୟ ଅଂଶ ପାଲଟି ଯାଇଥିଲା । ନିଜ ପିତା ଶୋଭନୀ ସାହୁଙ୍କୁ ସେ ପ୍ରବର୍ତ୍ତାଇ ଜମିଦାରୀର ବହୁ ଭୂ-ସମ୍ପତି ଓଡିଶା ଭୂ-ଦାନ ସମିତି ପାଇଁ ଦାନ କରି ଦେଇଥିଲେ ।୧୯୪୮-୫୪ ମସିହା ଓଡିଶା ବିଧାନସଭାର ସଦସ୍ୟ ଓ ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ରୂପେ ସେ ନିଜର ଦକ୍ଷତା ପ୍ରତିପାଦିତ କରି ଯାଇଛନ୍ତି । ଏତଦବ୍ୟତୀତ ୧୯୬୧-୬୭ ମସିହ ଓଡିଶାର ଆଡଭୋକେଟ୍ ଜେନେରାଲ୍ ଭାବେ ତାଙ୍କର କାର୍ଯ୍ୟକାଳ ମଧ୍ଯ ଅନେକ ଦୃଷ୍ଟିରୁ ଥିଲା ସ୍ମରଣୀୟ ।କେନ୍ଦ୍ରାପଡ଼ାର ଅଧିବାସୀ ଭାବେ ନିଜ ଅଞ୍ଚଳର ସାମଗ୍ରିକ ବିକାଶ ତାଙ୍କ ଅଭିଷ୍ଟ ସ୍ୱପ୍ନର ରୂପରେଖରେ ସ୍ଥାନିତ ହୋଇଥିଲା । ଏହି ଅଞ୍ଚଳର ନିର୍ବାଚିତ ପ୍ରତିନିଧି ଭାବେ ନିଜର ପ୍ରିୟ ଜନ୍ମମାଟିକୁ ତାଙ୍କର ଅବଦାନ ଯଥାର୍ଥରେ ପ୍ରଶଂସନୀୟ । ବୈଷୟିକ ଓ ପ୍ରଯୁକ୍ତିଗତ ଜ୍ଞାନ ଯେ ବିକାଶର ଅସଲ ଚାବିକାଠି,ଏହା ଅନୁଭବ କରି ସେ କେନ୍ଦ୍ରାପଡ଼ାଠାରେ ଏକ ଇଞ୍ଜିନିୟରିଙ୍ଗ ସ୍କୁଲ ସ୍ଥାପନା କରିଥିଲେ । ପରବର୍ତ୍ତୀ କାଳରେ କେନ୍ଦ୍ରାପଡ଼ା ମହାବିଦ୍ୟାଳୟ ପ୍ରତିଷ୍ଠା ତାଙ୍କର ପୁରୋଦୃଷ୍ଟିର ଏକ ଚାକ୍ଷୁସ ଉଦାହରଣ ଅଟେ ।ମାତ୍ର, କେନ୍ଦ୍ରାପଡାବାସୀଙ୍କର ଦୁର୍ଭାଗ୍ୟ, ଏହି ଜିଲ୍ଲାର ପରବର୍ତ୍ତୀ ରାଜନୈତିକ ଉତ୍ତରାଧିକାରୀମାନେ ଏପରି ଏକ ପୁରାତନ ଉଚ୍ଚଶିକ୍ଷାଅନୁଷ୍ଠାନକୁ ଉଭୟ ଗୁଣାତ୍ମକ ଓ ପରିମାଣାତ୍ମକ ଉତ୍କର୍ଷତା ପ୍ରଦାନ କରିବାରେ ବିଫଳ ହେଲେ ।ଏହି ଆଲେଖ୍ୟର ପ୍ରାରମ୍ଭରୁ ସାରା ଓଡ଼ିଶା ଜଣେ ବିଚକ୍ଷଣ ଆଇନଜ୍ଞ ଭାବେ ଜାଣିଥିବ ଦୀନବନ୍ଧୁ ସାହୁଙ୍କ ବ୍ୟକ୍ତିତ୍ୱର ଏକ ଦରଦୀ ଦିଗକୁ ଉପସ୍ଥାପିତ କରିବା ଏହି ଲେଖକର ଅଭିପ୍ରାୟ ରହିଥିଲା । ଜମିଦାର ପରିବାରର ସନ୍ତାନ ହୋଇଥିବା ସତ୍ତ୍ୱେ ଗାଁ ମଣିଷର ସୁଖ ଦୁଃଖ ଅଭାବ ଅନଟନ ତାଙ୍କୁ ବେଶ୍ ଦ୍ରବୀଭୂତ କରି ରଖିଥିଲା । ସେଥିପାଇଁ ସମବାୟ ଆନ୍ଦୋଳନରେ ତାଙ୍କର ଅନବଦ୍ୟ ଭୂମିକା ଦେଖିବାକୁ ମିଳିଥାଏ । ସାଧାରଣ ଲୋକଙ୍କ ପାଇଁ ପାନୀୟ ଜଳ ଯୋଗାଣ,ଜମିରେ ଜଳସେଚନର ବ୍ୟବସ୍ଥା,ଗ୍ରାମସ୍ତରୀୟ ଗମନାଗମନ,ଶିକ୍ଷା ଓ ସ୍ୱାସ୍ଥ୍ୟ ପ୍ରତି ମଧ୍ଯ ସେ ଧ୍ୟାନ ଦେଇଥିଲେ । ରାଜନୀତିକ ଜୀବନର ଶେଷାର୍ଦ୍ଧରେ ସେ ଏକ ସରଳ ଧାର୍ମିକ ଜୀବନ ଅତିବାହିତ କରିଥିଲେ । ସାଧୁସନ୍ଥଙ୍କ ଗହଣରେ ନାନାଦି ଧର୍ମଶାସ୍ତ୍ର ଆଲୋଚନା,ଭାଗବତ ଚର୍ଚ୍ଚା ଓ ଜନସେବାରେ ନିଜର ସମୟ ଅତିବାହିତ କରୁଥିଲେ ।କହିବାକୁ ଗଲେ,ଆକାରରେ ଥିଲେ ସେ ଜଣେ ମଧ୍ୟମ ଉଚ୍ଚତାର ମଣିଷ । ଅଥଚ ବିବେକ,ଦକ୍ଷତା ଓ ବିଚାରରେ ତାଙ୍କ ଠାରେ ଯଥାର୍ଥରେ ଭରି ରହିଥିଲା ଅତୁଳନୀୟ ସୌମ୍ୟଦର୍ଶିତା ।


ମାଧପୁର,କେନ୍ଦ୍ରାପଡ଼ା
ସମ୍ପର୍କ -୯୬୫୮୮୧୦୨୪୪



# ଗଣତନ୍ତ୍ର ବଞ୍ଚାଅ, ଅରାଜକତା ହଟାଅ' ନାରାରେ ବିଜେପିର ପଦଯାତ୍ରା

**ନୂଆଦିଲ୍ଲୀ,୨୭।୧୦(ଏଜେନ୍ସି):** ଦିଲ୍ଲୀରେ ଭୋଟର ତାଲିକାର ସ୍ୱତନ୍ତ୍ର ଗଭୀର ସଂଶୋଧନକୁ ନେଇ ରାଜନୈତିକ ଟଣାଓଟରା ତୀବ୍ର ହେବାରେ ଲାଗିଛି । ଗୋଟିଏ ପଟେ କଥିତ 'ଭୋଟ୍ ଚୋରି' ପ୍ରସଙ୍ଗକୁ ନେଇ ନଭେମ୍ବର ୧ ତାରିଖରେ ଦିଲ୍ଲୀର ରାମଲୀଳା ମୈଦାନରେ ବଡ଼ ରାଲି କରିବାକୁ ପ୍ରସ୍ତୁତ ହେଉଛି କଂଗ୍ରେସ ସମେତ INDIA ମେଣ୍ଟର ଦଳଗୁଡ଼ିକ । ଅନ୍ୟପଟେ ବିରୋଧୀଙ୍କ ଅଭିଯୋଗର ଜବାବ ଦେବାକୁ ରାସ୍ତାକୁ ଓହ୍ଲାଇବାକୁ ଯାଉଛି ବିଜେପି ।ଏହି କ୍ରମରେ ବୁଧବାର ଦିଲ୍ଲୀର ଚାନ୍ଦନୀ ଚୌକ୍‌ରେ 'ଗଣତନ୍ତ୍ର ବଞ୍ଚାଅ, ଅରାଜକତା ହଟାଅ' ନାରା ଦେଇ ପଦଯାତ୍ରା କରିବ ବିଜେପି। ଦଳର ଜାତୀୟ ଅଧ୍ୟକ୍ଷ ନୀତିନ ନବୀନ ଏହି ପଦଯାତ୍ରାର ନେତୃତ୍ୱ ନେବେ । ବିରୋଧୀଙ୍କ ଅଭିଯାନ ମଧ୍ୟରେ ନିଜ ପକ୍ଷକୁ ମଜଭୁତ କରିବା ପାଇଁ ବିଜେପି ଏହି ପଦକ୍ଷେପ ନେଇଥିବା କୁହାଯାଉଛି ।ବିଜେପିର ଏହି ପ୍ରସ୍ତାବିତ ପଦଯାତ୍ରାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା, ଦିଲ୍ଲୀ ବିଜେପି ଅଧ୍ୟକ୍ଷ ହର୍ଷ ମଲହୋତ୍ରା, ସାଂସଦ ଏବଂ ଦଳର ଅନ୍ୟ ବରିଷ୍ଠ ନେତାମାନେ ସାମିଲ ହେବାର ସମ୍ଭାବନା ରହିଛି । ବୁଧବାର ଅପରାହ୍ନ ପ୍ରାୟ ୪ଟାରେ ଏହି ପଦଯାତ୍ରା ଆରମ୍ଭ ହୋଇପାରେ । ଏଥିରେ ୧୫ ହଜାରରୁ ଅଧିକ ଲୋକ ଯୋଗଦେବା ନେଇ ଆକଳନ କରାଯାଉଛି ।SIRକୁ ନେଇ ବିରୋଧୀ ଉଠାଉଥିବା ପ୍ରଶ୍ନର ଜବାବ ଦେବା ସହ ନିଜର ଅଭିଯାନକୁ ଅଧିକ



ଲୋକଙ୍କ ପାଖରେ ପହଞ୍ଚାଇବା ଏହି ପଦଯାତ୍ରାର ଉଦ୍ଦେଶ୍ୟ । ତେବେ ଭୋଟର ତାଲିକା ସଂଶୋଧନକୁ ନେଇ ଉଭୟ ପକ୍ଷ ମଧ୍ୟରେ ଅଭିଯୋଗ ଓ ପ୍ରତିଅଭିଯୋଗ ଜାରି ରହିଛି । ଭୋଟର ତାଲିକାର ସ୍ୱତନ୍ତ୍ର ଗଭୀର ସଂଶୋଧନ ପ୍ରକ୍ରିୟାକୁ ନେଇ କଂଗ୍ରେସ ଓ INDIA ମେଣ୍ଟର ଅନ୍ୟ ଦଳଗୁଡ଼ିକ ନିର୍ବାଚନୀ ପ୍ରକ୍ରିୟାରେ ଅନିୟମିତତା ହେଉଥିବା ଅଭିଯୋଗ କରୁଛନ୍ତି । ଭୋଟର ତାଲିକାରେ ଅନିୟମିତତା ମାଧ୍ୟମରେ କଥିତ 'ଭୋଟ୍ ଚୋରି'କୁ ପ୍ରୋତ୍ସାହନ ଦିଆଯାଉଥିବା ବିରୋଧୀ ଦାବି କରୁଛନ୍ତି । ଏହି ପ୍ରସଙ୍ଗରେ ନିର୍ବାଚନ ଆୟୋଗର ଭୂମିକାକୁ ନେଇ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି ବିରୋଧୀ ଦଳ ।ଅନ୍ୟପଟେ ଝଓଜ ପ୍ରକ୍ରିୟାକୁ ନେଇ ବିରୋଧୀ ଲୋକଙ୍କୁ ଭ୍ରମିତ କରୁଥିବା ବିଜେପି ଅଭିଯୋଗ କରିଛି। ଏହି ଆଭିମୁଖ୍ୟକୁ ନେଇ 'ଗଣତନ୍ତ୍ର ବଞ୍ଚାଅ, ଅରାଜକତା ହଟାଅ' ନାରାରେ ଦଳ ଦେଶବ୍ୟାପୀ ଅଭିଯାନ ଆରମ୍ଭ କରିଛି। ଦିଲ୍ଲୀରେ ହେବାକୁ ଥିବା ପଦଯାତ୍ରା ମଧ୍ୟ ଏହି ଅଭିଯାନର ଏକ ଅଂଶ ।ବିଜେପିର ପଦଯାତ୍ରାର କିଛି ଦିନ ପରେ ଦିଲ୍ଲୀରେ ବିରୋଧୀ ଦଳଗୁଡ଼ିକର ଏକ ବଡ଼ ରାଜନୈତିକ ସମାବେଶ ହେବାକୁ ଯାଉଛି । ନଭେମ୍ବର ୧ ତାରିଖରେ ରାମଲୀଳା ମୈଦାନରେ ମହାରାଲି କରିବାକୁ ପ୍ରସ୍ତୁତି ଚଳାଇଛି INDIA ମେଣ୍ଟ। ଏହି ରାଲିରେ ବହୁ ସଂଖ୍ୟାରେ ଲୋକଙ୍କୁ ଏକାଠି କରିବା ପାଇଁ କଂଗ୍ରେସ ନିଜ ନେତା ଓ ସହଯୋଗୀ ସଂଗଠନଗୁଡ଼ିକୁ ସକ୍ରିୟ କରିଛି । ଏହି ରାଲିରେ କଥିତ 'ଭୋଟ୍ ଚୋରି' ଅଭିଯୋଗ ଉଠାଇବା ସହ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କୁ ପଦରୁ ହଟାଇବା ପାଇଁ ଦାବି କରିବ ବିରୋଧୀ ମେଣ୍ଟ ।ଏହି ରାଲି ବିରୋଧୀଙ୍କ 'ଦିଲ୍ଲୀ ଚଲୋ ପଦଯାତ୍ରା'ର ଶେଷ କାର୍ଯ୍ୟକ୍ରମ ହେବ । ନିର୍ବାଚନୀ ଅନିୟମିତତା ଓ SIR ପ୍ରକ୍ରିୟା ବିରୋଧରେ ବିରୋଧୀଙ୍କ ଏକତା ପ୍ରଦର୍ଶନ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଅବସର ବୋଲି କଂଗ୍ରେସ ନେତାମାନେ କହିଛନ୍ତି । ନିର୍ବାଚନ ଆୟୋଗଙ୍କ ବିରୋଧରେ ଉଠୁଥିବା ଅଭିଯୋଗକୁ ନେଇ ରାଜନୈତିକ ବିବାଦ ଜାରି ରହିଥିବାବେଳେ ଦିଲ୍ଲୀରେ ଲଗାତାର ହେବାକୁ ଥିବା ଏହି ଦୁଇଟି ବଡ଼ କାର୍ଯ୍ୟକ୍ରମ ଯୋଗୁଁ ଭୋଟର ତାଲିକା ସଂଶୋଧନ ପ୍ରସଙ୍ଗ ପୁଣିଥରେ ଦେଶର ରାଜନୈତିକ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି ।

# ଦେଶକୁ କ୍ଷମା ମାଗୁ କଂଗ୍ରେସ

**ନୂଆଦିଲ୍ଲୀ,୨୭।୧୦(ଏଜେନ୍ସି):** ଅରୁଣାଚଳ ପ୍ରଦେଶରେ ଚୀନର ଅନୁପ୍ରବେଶ ନେଇ ସୋସିଆଲ୍ ମିଡିଆରେ ଭାଇରାଲ୍ ଭିଡିଓକୁ ଭାରତୀୟ ସେନା ଫେକ୍ ବୋଲି କହିଛି । ଭାରତୀୟ ସେନା ଦ୍ୱାରା ଫ୍ୟାକ୍ଟ ଚେକ୍ ପରେ କେନ୍ଦ୍ରମନ୍ତ୍ରୀ କିରେନ ରିଜିଜୁ ଭିଡିଓ ସେୟାର କରିବା ନେଇ କଂଗ୍ରେସକୁ କଡ଼ା ସମାଲୋଚନା କରିଛନ୍ତି । କଂଗ୍ରେସ ଭାରତୀୟ ସେନାର ଛବି ଖରାପ କରିବା ସହିତ ଦେଶର ଶତ୍ରୁଙ୍କ ଏଜେଣ୍ଡାକୁ ଆଗକୁ ବଢ଼ାଉଥିବା ସେ ଅଭିଯୋଗ କରିଛନ୍ତି ଉଲ୍ଲେଖଯୋଗ୍ୟ ଯେ ବିହାରରେ କଂଗ୍ରେସର ମୁଖପାତ୍ର ରିତୁ ଚୌଧୁରୀ ଏକ ପୋଷ୍ଟ ସେୟାର କରିଥିଲେ । ଏଥିରେ ଦାବି କରାଯାଇଥିଲା ଯେ ଚୀନର ଗାଡ଼ି ଭାରତୀୟ ଅଞ୍ଚଳରେ ପଶିଆସିଛି । ଅନ୍ୟ ଏକ ପୋଷ୍ଟରେ ଅଭିଯୋଗ କରାଯାଇଥିଲା ଯେ ଚୀନ ଅରୁଣାଚଳ ପ୍ରଦେଶର ଅଞ୍ଚଳରେ କବଜା କରିଛି ଏବଂ ସେନାକୁ ଆବଶ୍ୟକୀୟ ଯୋଗାଣ କରାଯାଉନାହିଁ ଭାରତୀୟ ସେନା ଆନୁଷ୍ଠାନିକ ବୟାନ ଜାରି କରି ଉଭୟ ଭିଡିଓ ସଂପୂର୍ଣ୍ଣ ମିଛ ବୋଲି କହିଛି । ପ୍ରଥମ ଭିଡିଓକୁ ମିଛ କହି ସେନା କହିଛି ଯେ ଏଥିରେ ସିକ୍କିମର ନାଥୁ ଲା ପାସ୍ ନିକଟରେ ଚୀନର ବାଣିଜ୍ୟିକ ଗାଡ଼ି ରହିଛି, ଯାହା ଭାରତ-ଚୀନ ବର୍ଡର ଟ୍ରେଡ୍ ପଏଣ୍ଟ ଅଟେ । ସେନା କହିଛି, ଏକ



ଅନୁମୋଦିତ ବର୍ଡର ଟ୍ରେଡ୍ ମାର୍ଗରେ ବାଣିଜ୍ୟିକ ଗାଡ଼ିର ଗତିବିଧିକୁ ଚୀନ ମିଲିଟାରୀ ଅନୁପ୍ରବେଶର ପ୍ରମାଣ ବୋଲି ଭୁଲ ଭାବରେ ଉପସ୍ଥାପନ କରାଯାଇଛି ।ଦ୍ୱିତୀୟ ଫେକ୍ ଭିଡିଓରେ ଲେଫ୍ଟନାଣ୍ଟ ଜେନେରାଲ ଗିରିଶ କାଲିଆଙ୍କ ବୟାନ ରହିଛି, ଯେଉଁଥିରେ ଚୀନ୍ ଅରୁଣାଚଳ ପ୍ରଦେଶର କିଛି ଅଂଶ ଦଖଲ କରିଛି କହୁଥିବା ଶୁଣିବାକୁ ମିଳୁଛି । ସେ ସମ୍ପର୍କରେ ସେନା ସ୍ପଷ୍ଟ କରିଛି ଯେ ଭିଡିଓଟି ଡିପ୍ ଫେକ୍ । ସେନା ପକ୍ଷରୁ କୁହାଯାଇଛି, 'ମୂଳ ଫୁଟେଜ୍ ୨୦୨୩ ଅକ୍ଟୋବର ୨୭ରେ ଜମ୍ମୁ ଏବଂ କାଶ୍ମୀରର କୁପଓ୍ୱାଡ଼ାରେ ନିୟନ୍ତ୍ରଣ ରେଖା ପାର ହୋଇ ଅନୁପ୍ରବେଶ ପ୍ରୟାସ ସମ୍ପର୍କରେ ଏକ ପ୍ରେସ ବ୍ରିଫିଂରୁ ନିଆଯାଇଛି । ଅରୁଣାଚଳ ପ୍ରଦେଶ ଉପରେ ଚୀନର ନିୟନ୍ତ୍ରଣ କିମ୍ବା ଭାରତୀୟ ସେନାକୁ ଯୋଗାଣ କରିବାକୁ ମନା କରିବା ବିଷୟରେ ସେମାନେ ଏପରି କୌଣସି ବିବୃତ୍ତି ଦେଇ ନାହାନ୍ତି ।'ଦାବିର ସତ୍ୟତା ସେନା ସ୍ପଷ୍ଟ କରିବା ପରେ କେନ୍ଦ୍ରମନ୍ତ୍ରୀ କିରେନ ରିଜିଜୁ କଂଗ୍ରେସ ଉପରେ କଡ଼ା ଆକ୍ରମଣ କରିଛନ୍ତି । କେନ୍ଦ୍ରମନ୍ତ୍ରୀ କହିଛନ୍ତି, 'ଭାରତୀୟ ସେନାର ପ୍ରତିଷ୍ଠାକୁ ନଷ୍ଟ କରିବା ପାଇଁ ନକଲି ଏଆଇ ଭିଡିଓ ପ୍ରସାରଣ ପାଇଁ କଂଗ୍ରେସ ଦଳ ସମଗ୍ରଦେଶ ନିକଟରେ କ୍ଷମା ମାଗିବା ଦରକାର । ଏହା ସ୍ପଷ୍ଟ ଭାବରେ ଏକ ପ୍ରତାରଣା ଏବଂ ଆମ ଶତ୍ରୁମାନଙ୍କ ଏଜେଣ୍ଡାକୁ ପ୍ରୋତ୍ସାହିତ କରୁଛି । କଂଗ୍ରେସ ଦଳ ଭାରତର ଶତ୍ରୁମାନଙ୍କ ପକ୍ଷରୁ ଏକ ଅଭିଯାନ ଚଳାଉଛି ।'

# ସୁଦାନରେ ଭୟାବହ ଡ୍ରୋନ୍ ଆକ୍ରମଣ: ୨୧ ମୃତ

**ନୂଆଦିଲ୍ଲୀ,୨୭।୧୦(ଏଜେନ୍ସି):** ସୁଦାନରେ ସେନାବାହିନୀ ଏବଂ ପାରାମିଲିଟାରୀ 'ରାପିଡ୍ ସପୋର୍ଟ ଫୋର୍ସେସ୍' (ଆରଏସଏଫ୍) ମଧ୍ୟରେ ଚାଲିଥିବା ରକ୍ତାକ୍ତ ସଂଘର୍ଷ ଏବେ ଭୟାବହ ଡ୍ରୋନ୍ ଯୁଦ୍ଧର ରୂପ ନେଇଛି। ଦେଶର ପଶ୍ଚିମ ଡାରଫୁର୍ ଅଞ୍ଚଳରେ ହୋଇଥିବା ପୃଥକ୍ ଡ୍ରୋନ୍ ଆକ୍ରମଣରେ ୨୧ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୪୦ ରୁ ଊର୍ଦ୍ଧ୍ୱ ଗୁରୁତର ଆହତ ହୋଇଛନ୍ତି। ଏଥିସହିତ ଗୁରୁତ୍ୱପୂର୍ଣ୍ଣ ବିଦ୍ୟୁତ୍ ଗ୍ରିଡଗୁଡ଼ିକ ଉପରେ ଆକ୍ରମଣ ଯୋଗୁଁ ଦେଶର ଏକ ବଡ଼ ଅଞ୍ଚଳ ଅନ୍ଧକାରମୟ ହୋଇପଡ଼ିଛି।

ସୂଚନା ଅନୁଯାୟୀ, ଡାରଫୁରର ନ୍ୟାଲା ସହରସ୍ଥିତ ଏକ ବ୍ୟସ୍ତବହୁଳ ବଜାର ଉପରେ ହୋଇଥିବା ଡ୍ରୋନ୍ ଆକ୍ରମଣରେ ୨୧ ଜଣ ନିରୀହ ଲୋକ ପ୍ରାଣ ହରାଇଛନ୍ତି। ଆରଏସଏଫର ଗଡ଼ କୁହାଯାଉଥିବା ଏହି ଅଞ୍ଚଳରେ ସୁଦାନ ସେନା ପକ୍ଷରୁ ନିୟମିତ ଆକ୍ରମଣ କରାଯାଉଛି। ଏହାର ପ୍ରତିଶୋଧ ନେବାକୁ ଯାଇ ଆରଏସଏଫ୍ ବିଦ୍ରୋହୀମାନେ ପୂର୍ବ ସୁଦାନର ଅଲ୍-ଜଜିରା, ହ୍ୱାଇଟ୍ ନାଇଲ୍, ସେନ୍ନାର୍ ଏବଂ ଗେଦାରେଫ୍ ରାଜ୍ୟର ଅନେକ ପାଓ୍ୱାର ଷ୍ଟେସନ୍ ଓ ଅଲ୍-ମାରଖିୟାତ୍ ଟ୍ରାନ୍ସଫର୍ମର ଷ୍ଟେସନ୍ ଉପରେ ଡ୍ରୋନ୍ ମାଡ଼ କରିଛନ୍ତି, ଯାହାଫଳରେ ଲକ୍ଷ ଲକ୍ଷ ଲୋକ ବିଦ୍ୟୁତ୍ ସେବାରୁ ବଞ୍ଚିତ ହୋଇଛନ୍ତି। ମିଳିତ ଜାତିସଂଘର ଆକଳନ ଅନୁଯାୟୀ, କେବଳ ଅକ୍ଟୋବର ମାସର ପ୍ରଥମ ତିନି ସପ୍ତାହ ମଧ୍ୟରେ ଡ୍ରୋନ୍ ଆକ୍ରମଣ ଯୋଗୁଁ ୩୦୦ ରୁ ଅଧିକ ଲୋକ ପ୍ରାଣ ହରାଇସାରିଛନ୍ତି। ୨୦୨୩ ଏପ୍ରିଲରୁ ଆରମ୍ଭ ହୋଇଥିବା ଏହି ଗୃହଯୁଦ୍ଧରେ ଏପର୍ଯ୍ୟନ୍ତ ୨ ଲକ୍ଷରୁ ଅଧିକ ଲୋକଙ୍କ ଜୀବନ ଗଲାଣି। ଏହି ସଂଘର୍ଷ ଯୋଗୁଁ ସୁଦାନରେ ବିଶ୍ୱର ସବୁଠାରୁ ବଡ଼ ଦୁର୍ଭିକ୍ଷ ଓ ବିସ୍ଥାପନ ସଙ୍କଟ ସୃଷ୍ଟି ହୋଇଛି। ଆମେରିକା, ଫ୍ରାନ୍ସ, ବ୍ରିଟେନ୍ ସମେତ ୩୦ଟି ଦେଶ ଜରୁରୀକାଳୀନ ସାହାଯ୍ୟ ନପହଞ୍ଚିଲେ ଦେଶବ୍ୟାପୀ ଅଭୂତପୂର୍ବ ଦୁର୍ଭିକ୍ଷ ଦେଖାଦେବ ବୋଲି ଚେତାବନୀ ଦେଇଛନ୍ତି।

# ସରକାର ଏବଂ ନିର୍ବାଚନ କମିସନଙ୍କୁ ଜବାବ ତଲବ କଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୨୭।୧୦(ଏଜେନ୍ସି):** ବିଧାନସଭା କିମ୍ବା ସଂସଦରୁ ଇସ୍ତଫା ଦେଇ ଅନ୍ୟ ରାଜନୈତିକ ଦଳରୁ ନିର୍ବାଚନ ଲଢ଼ିଥିବା ପ୍ରାର୍ଥୀଙ୍କଠାରୁ ଉପନିର୍ବାଚନ ଖର୍ଚ୍ଚ ଆଦାୟ ପାଇଁ ଦାୟର ଏକ ଆବେଦନ ଉପରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାର, ନିର୍ବାଚନ କମିସନ ଏବଂ ଅନ୍ୟାନ୍ୟ ପକ୍ଷଙ୍କଠାରୁ ଜବାବ ମାଗିଛନ୍ତି। ଏହି ମାମଲା ତାମିଲନାଡୁର ଏଆଇଏଡିଏମ୍‌କେ ବିଧାୟକମାନଙ୍କ ସହିତ ଜଡ଼ିତ। ଆବେଦନକାରୀ କେ. ସୁଥାନ ତାମିଲନାଡୁର ମଦୁରନ୍ତକମ୍ ଏବଂ ଧରାପୁରମ୍ ନିର୍ବାଚନମଣ୍ଡଳୀରେ ସମ୍ପ୍ରତି ହୋଇଥିବା ଉପନିର୍ବାଚନରେ



ନିର୍ବାଚନ କମିସନ ଏବଂ ସରକାରଙ୍କ ଦ୍ୱାରା ହୋଇଥିବା ଖର୍ଚ୍ଚର ବିବରଣୀ ମଧ୍ୟ ମାଗିଛନ୍ତି। ନିର୍ବାଚନ ଜିତିବା ପରେ, ଅନ୍ୟ ଦଳ ଟିଭିକେରେ ଯୋଗଦେବା ଏବଂ ପୁଣି ଥରେ ନିର୍ବାଚନ ଲଢ଼ିବା ପରେ ତାମିଲନାଡୁର କିଛି ଏଆଇଏଡିଏମ୍‌କେ ବିଧାୟକଙ୍କ ଇସ୍ତଫା ସମ୍ପର୍କରେ ଏହି ଆବେଦନ ଦାଖଲ କରାଯାଇଛି। ସୁପ୍ରିମକୋର୍ଟ ଆବେଦନକୁ ଗ୍ରହଣ କରି ଏଆଇଏଡିଏମ୍‌କେ ବିଧାୟକ ପଦରୁ ଇସ୍ତଫା ଦେଇ ଟିଭିକେରେ ଯୋଗ ଦେଇଥିବା ସି. ବିଜୟଭାସ୍କର, ଏମ.ଆର. ବିଜୟଭାସ୍କର, ଏସ.କେ. ସୁବିୟା ଏବଂ ଏସ. ଜୟକୁମାରଙ୍କୁ ନୋଟିସ୍ ଜାରି କରିଥିଲେ। ଆବେଦନରେ ଦାବି କରାଯାଇଥିଲା ଯେ, ଯେଉଁ ବିଧାୟକ କିମ୍ବା ସାଂସଦମାନେ ସ୍ୱେଚ୍ଛାକୃତ ଭାବରେ ଇସ୍ତଫା ଦେଇ ଅନ୍ୟ ରାଜନୈତିକ ଦଳରୁ ନିର୍ବାଚନ ଲଢ଼ିବେ ସେମାନଙ୍କଠାରୁ ଉପନିର୍ବାଚନ ଖର୍ଚ୍ଚ ଆଦାୟ କରାଯିବ। ଅର୍ଥାତ୍ ସାଧାରଣ ପାଣ୍ଠିର ଅପବ୍ୟବହାର ରୋକିବା ପାଇଁ ସେମାନଙ୍କଠାରୁ ନିର୍ବାଚନ ଖର୍ଚ୍ଚ ଆଦାୟ କରାଯିବ। ଆବେଦନରେ କୁହାଯାଇଛି ଯେ, ବିଧାୟକମାନଙ୍କ ଇସ୍ତଫା ଯୋଗୁଁ ସମ୍ପୃକ୍ତ ବିଧାନସଭା ନିର୍ବାଚନମଣ୍ଡଳୀରେ ଉପନିର୍ବାଚନ ଆବଶ୍ୟକ ହୋଇଥିଲା। ଆବେଦନକାରୀ ମାନେ ଅଭିଯୋଗ କରିଛନ୍ତି ଯେ ବିଧାୟକମାନେ କୌଣସି ବାଧ୍ୟବାଧକତାପୂର୍ଣ୍ଣ ପରିସ୍ଥିତି ବିନା ରାଜନୈତିକ କାରଣରୁ ଇସ୍ତଫା ଦେଇଥିଲେ। ସେମାନଙ୍କର ଯୁକ୍ତି ହେଉଛି ଏହା ସରକାରୀ ରାଜକୋଷ ଉପରେ ଅତିରିକ୍ତ ଆର୍ଥିକ ବୋଝ ପକାଇଛି ।ଯଦି ଜଣେ ବିଧାୟକଙ୍କ ସ୍ୱେଚ୍ଛାକୃତ ଇସ୍ତଫା ଯୋଗୁଁ ସେହି ଆସନ ପାଇଁ ପୁନଃନିର୍ବାଚନ ହୁଏ, ତେବେ କରଦାତାମାନେ ପୁନଃନିର୍ବାଚନର ଖର୍ଚ୍ଚ କାହିଁକି ବହନ କରିବେ ବୋଲି ଆବେଦନରେ ପ୍ରଶ୍ନ କରାଯାଇଛି। ଆବେଦନକାରୀଙ୍କ ଯୁକ୍ତି ହେଉଛି ଯେ, ଏହି ପ୍ରସଙ୍ଗ କେବଳ ରାଜନୈତିକ ଦଳ ପରିବର୍ତ୍ତନ ପର୍ଯ୍ୟନ୍ତ ସୀମିତ ନୁହେଁ, ବରଂ ଏଥିରେ ଭୋଟରଙ୍କ ଜନାଦେଶ ଏବଂ ସାଧାରଣ ପାଣ୍ଠିର ବ୍ୟବହାର ମଧ୍ୟ ଜଡ଼ିତ ।ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଏବଂ ବିଚାରପତି ଭି. ମୋହନଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ପ୍ରସଙ୍ଗରେ ଆବେଦନର ଶୁଣାଣି କରି ନୋଟିସ୍ ଜାରି କରିଛନ୍ତି। ସୁପ୍ରିମକୋର୍ଟ କେନ୍ଦ୍ର ସରକାର, ଭାରତୀୟ ନିର୍ବାଚନ କମିସନ(ଇସିଆଇ), ତାମିଲନାଡୁର ମୁଖ୍ୟ ନିର୍ବାଚନ ଅଧିକାରୀ ଏବଂ ସମ୍ପୃକ୍ତ ବିଧାୟକଙ୍କ ସମେତ ଅନ୍ୟ ପକ୍ଷଙ୍କଠାରୁ ଜବାବ ମାଗିଛନ୍ତି।

# ଆସାରାମ ବାପୁଙ୍କୁ ସୁପ୍ରିମ୍ କୋର୍ଟରୁ ବଡ଼ ଝଟକା

**ନୂଆଦିଲ୍ଲୀ,୨୭।୧୦(ଏଜେନ୍ସି):** ରାଜସ୍ଥାନର ନାବାଳିକା ଦୁଷ୍କର୍ମମାମଲାରେ ଆଜୀବନ କାରାଦଣ୍ଡ ଭୋଗୁଥିବା ଆସାରାମ ବାପୁଙ୍କୁ ସୁପ୍ରିମ୍ କୋର୍ଟରୁ ବଡ଼ ଝଟକା ଲାଗିଛି। ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ପାରୋଲର ଅବଧି ବୃଦ୍ଧି ପାଇଁ ଆସାରାମ କରିଥିବା ଆବେଦନକୁ କୋର୍ଟ ଖାରଜ କରିଦେଇଛନ୍ତି। ଏଥିସହ ମଙ୍ଗଳବାର ସନ୍ଧ୍ୟା ୫ଟା ସୁଦ୍ଧା ସେ ଜେଲ୍ କର୍ତ୍ତୃପକ୍ଷଙ୍କ ନିକଟରେ ଆତ୍ମସମର୍ପଣ (ସରେଣ୍ଡର) କରିବାକୁ ସର୍ବୋଚ୍ଚ ଆଦାଲତ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଜେଲ୍ ମଧ୍ୟରେ ଆସାରାମଙ୍କ ଚିକିତ୍ସା ଓ ସ୍ୱାସ୍ଥ୍ୟର ଉଚିତ୍ ଯତ୍ନ ନେବାକୁ ସୁପ୍ରିମ୍‌କୋର୍ଟ ରାଜସ୍ଥାନ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।ଆସାରାମଙ୍କ ଓକିଲ କୋର୍ଟରେ ଯୁକ୍ତି ଦର୍ଶାଇଥିଲେ ଯେ, ସେ ବର୍ତ୍ତମାନ ମଧ୍ୟପ୍ରଦେଶର ଉଜ୍ଜୟିନୀସ୍ଥିତ ଏକ ହସ୍ପିଟାଲରେ ଭର୍ତ୍ତି ଅଛନ୍ତି ଏବଂ ତାଙ୍କର ଚିକିତ୍ସା ଚାଲିଛି।



ଛାତିରେ ଯନ୍ତ୍ରଣା ଅଭିଯୋଗ ପରେ ତାଙ୍କୁ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବାରୁ ଚିକିତ୍ସା ଆଧାରରେ ତାଙ୍କ ପାରୋଲ୍ ଅବଧି ବୃଦ୍ଧି କରାଯାଉ। ମାତ୍ର ସୁପ୍ରିମ୍ କୋର୍ଟ ଏହି ଯୁକ୍ତିକୁ ଗ୍ରହଣ ନକରି ପାରୋଲ୍ ମିଆଦ ବଢ଼ାଇବାକୁ ମନା କରିଦେଇଛନ୍ତି। ଗତ ଅଗଷ୍ଟ ୩ ତାରିଖରେ ରାଜସ୍ଥାନ ହାଇକୋର୍ଟ ଆସାରାମଙ୍କୁ ୨୦ ଦିନର ପାରୋଲ୍ ମଞ୍ଜୁର କରିଥିଲେ। ତେବେ ଗୁଜରାଟର ଅନ୍ୟ ଏକ ଦୁଷ୍କର୍ମ ମାମଲାରେ ଦଣ୍ଡାଦେଶ କାରଣରୁ ତାଙ୍କ ମୁକ୍ତିରେ ଆଇନଗତ ପ୍ରତିବନ୍ଧକ ସୃଷ୍ଟି ହୋଇଥିଲା। ପରବର୍ତ୍ତୀ ସମୟରେ ଅକ୍ଟୋବର ୬ ତାରିଖରେ ହାଇକୋର୍ଟ ସ୍ପଷ୍ଟ ନିର୍ଦ୍ଦେଶ ଦେବା ପରେ ସେ ଜେଲ୍ରୁ ବାହାରି ଉଜ୍ଜୟିନୀ ଯାଇଥିଲେ। ଅକ୍ଟୋବର ୨୬ ରେ ତାଙ୍କର ୨୦ ଦିନିଆ ପାରୋଲ୍ ମିଆଦ ଶେଷ ହୋଇଥିବାରୁ ଆଜି ସନ୍ଧ୍ୟା ସୁଦ୍ଧା ତାଙ୍କୁ ଜେଲକୁ ଫେରିବାକୁ ପଡ଼ିବ।

# ବଲୁଚିସ୍ତାନରେ ରକ୍ତାକ୍ତ ସଂଘର୍ଷ ! ୭ ଦିନରେ ୨୭ ସୈନିକଙ୍କ ମୃତ୍ୟୁ

**ନୂଆଦିଲ୍ଲୀ,୨୭।୧୦(ଏଜେନ୍ସି):** ପାକିସ୍ତାନ ସେନାକୁ ବଡ଼ ଝଟ୍‌କା! ବଲୁଚିସ୍ତାନରେ ପୁଣି ତେଜିଲା ସାମରିକ ସଂଘର୍ଷ। ମାତ୍ର ୭ ଦିନ ମଧ୍ୟରେ ୨୭ ପାକିସ୍ତାନୀ ସୈନିକଙ୍କୁ ହତ୍ୟା କରିଥିବା ଦାବି କରିଛି ବଲୁଚ୍ ଲିବରେସନ୍ ଆର୍ମି । ଏଥିସହ ପାକିସ୍ତାନ କୋଷ୍ଟ ଗାର୍ଡ୍ସର ଜଣେ ଲେଫ୍ଟନାଣ୍ଟ କର୍ଣ୍ଣଲଙ୍କ ଗାଡ଼ିକୁ ରିମୋଟ୍ କଣ୍ଟ୍ରୋଲ୍ ବିସ୍ଫୋରଣରେ ଉଡ଼ାଇ ଦେଇଥିବା ମଧ୍ୟ ସଂଗଠନ ଦାବି କରିଛି। ତେବେ ଏହି ଦାବିଗୁଡ଼ିକର ସ୍ୱାଧୀନ ପୁଷ୍ଟି ହୋଇନାହିଁ ।BLAର ଦାବି ଅନୁସାରେ, ଅକ୍ଟୋବର ୨୦ରୁ ୨୬ ତାରିଖ ମଧ୍ୟରେ ବଲୁଚିସ୍ତାନର ବିଭିନ୍ନ ଅଞ୍ଚଳରେ ୧୫ଟି ସଂଗଠିତ ଆକ୍ରମଣ କରାଯାଇଛି। ଏହି ଅଭିଯାନରେ ପାକିସ୍ତାନୀ ସେନାର ଅନେକ ଯବାନ ନିହତ ହୋଇଥିବା ବେଳେ ବହୁ ସୈନିକ ଆହତ ହୋଇଥିବା ଦାବି କରିଛି ସଂଗଠନ। ମସ୍ତୁଙ୍ଗ, କଲାତ, ନୁସ୍କି ଓ କେଚ୍ ଭଳି ଅଞ୍ଚଳରେ ସେନାକୁ ଟାର୍ଗେଟ୍ କରି ଆକ୍ରମଣ କରାଯାଇଥିବା BLA କହିଛି। କେତେକ ସ୍ଥାନରେ ସେନାର ଗାଡ଼ି ଉପରେ ଆକ୍ରମଣ ହୋଇଥିବା ବେଳେ ଅନ୍ୟ କିଛି ସ୍ଥାନରେ ଆଇଇଡି ବିସ୍ଫୋରଣ ଓ ସ୍ନାଇପର୍ ଆକ୍ରମଣ କରାଯାଇଥିବା ଦାବି ହୋଇଛି। ସୁରାବର ଗୀଦର ଅଞ୍ଚଳରେ ଦୀର୍ଘ ଚାରି ଘଣ୍ଟାରୁ ଅଧିକ ସମୟ ଧରି ଗୁଳି ବିନିମୟ ହୋଇଥିବା ମଧ୍ୟ ସଂଗଠନ ଦାବି କରିଛି ।ଅନ୍ୟପଟେ, ଗ୍ୱାଦର ଜିଲ୍ଲାର ପସନି ନିକଟରେ ପାକିସ୍ତାନ କୋଷ୍ଟ ଗାର୍ଡ୍ସର ଲେଫ୍ଟନାଣ୍ଟ କର୍ଣ୍ଣେଲ ବିଲାଲ ଜାଲିବଙ୍କ ଗାଡ଼ିକୁ ଟାର୍ଗେଟ୍ କରାଯାଇଥିବା BLA କହିଛି। ଏହି ବିସ୍ଫୋରଣରେ ଦୁଇ ଜଣ ଯବାନ ଗୁରୁତର ଆହତ ହୋଇଥିବା ଓ ଗାଡ଼ିଟି କ୍ଷତିଗ୍ରସ୍ତ ହୋଇଥିବା ଦାବି କରାଯାଇଛି। ବଲୁଚିସ୍ତାନରେ ଦୀର୍ଘଦିନ ଧରି ବିଚ୍ଛିନ୍ନତାବାଦୀ ହିଂସା ଜାରି ରହିଛି।

# ନୂଆ ୧୦୦୦ ଟଙ୍କିଆ ନୋଟ୍ ଜାରି ନେଇ ଭାରତୀୟ ରିଜର୍ଭ ବ୍ୟାଙ୍କ କୌଣସି ଘୋଷଣା କରିନାହିଁ

**ନୂଆଦିଲ୍ଲୀ,୨୭।୧୦(ଏଜେନ୍ସି):** ସାମାଜିକ ଗଣମାଧ୍ୟମରେ ଏବେ ହଳଦିଆ ରଙ୍ଗର ନୂଆ ୧୦୦୦ ଟଙ୍କିଆ ନୋଟ୍‌ର ଫଟୋ ଓ ଭିଡ଼ିଓ ଜୋର୍‌ରେ ପ୍ରସାରିତ ହେଉଛି। ଉକ୍ତ ନୋଟ୍ ଜାରି କରାଯାଇ ସାରିଛି କିମ୍ବା ଚଳିତମାସ ୧୫ ତାରିଖରେ ଜାରି ହେବ ବୋଲି ଦାବି କରାଯାଉଛି। କିନ୍ତୁ ସୂଚନା ଓ ପ୍ରସାରଣ ମନ୍ତ୍ରାଳୟର ପତ୍ର ସୂଚନା ବ୍ୟୁରୋ(ପିଆଇବି)ର ତଥ୍ୟ ଯାଞ୍ଚ ୟୁନିଟ୍ ପକ୍ଷରୁ ମଙ୍ଗଳବାର ଏଭଳି ଦାବିକୁ ଖଣ୍ଡନ କରାଯାଇଛି। ନୂଆ ୧୦୦୦ ଟଙ୍କିଆ ନୋଟ୍ ଜାରି ନେଇ ଭାରତୀୟ ରିଜର୍ଭ ବ୍ୟାଙ୍କ କୌଣସି ଘୋଷଣା କରିନାହିଁ ବୋଲି କୁହାଯାଇଛି। ଉଲ୍ଲେଖଯୋଗ୍ୟ, ୨୦୧୬ ନଭେମ୍ବର ୮ ତାରିଖରୁ ସେତେବେଳେ ପ୍ରଚଳନରେ ଥିବା ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍‌କୁ ସରକାର ପ୍ରତ୍ୟାହାର କରି ନେଇଛନ୍ତି। ପରବର୍ତ୍ତୀ ପର୍ଯ୍ୟାୟରେ ୫୦୦ ଟଙ୍କିଆ ଓ ୨୦୦୦ ଟଙ୍କିଆ ନୋଟ୍ ସରକାର ପ୍ରଚଳନ କରିଥିଲେ ମଧ୍ୟ ୨୦୨୩ ମେ ମାସରେ ୨୦୦୦ ଟଙ୍କିଆ ନୋଟ୍‌କୁ ପ୍ରଚଳନରୁ କାଢ଼ି ନେଇଛନ୍ତି। କିନ୍ତୁ ୧୦୦୦ ଟଙ୍କିଆ ନୋଟ୍‌କୁ ସେବେଠାରୁ ଆଉ ଅଣାଯାଇ ନାହିଁ।

# ଭାରତୀୟ-ଆମେରିକୀୟମାନେ ଟ୍ରମ୍ପଙ୍କୁ ଭୋଟ ଦେବାକୁ ଚାହୁଁନାହାନ୍ତି

**ନୂଆଦିଲ୍ଲୀ,୨୭।୧୦(ଏଜେନ୍ସି):** ଆମେରିକାର ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ପୂର୍ବରୁ ଏକ ସର୍ଭେ ଦକ୍ଷିଣ ଏସୀୟ ଆମେରିକୀୟ ଭୋଟରଙ୍କ ମନୋଭାବ ବିଷୟରେ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରିଛି । ଇଣ୍ଡିଆନ୍ ଆମେରିକୀୟ ଇମ୍ପାକ୍ଟ ନାମକ ଏକ ଆଡଭୋକେସି ଗ୍ରୁପ୍ ଦ୍ୱାରା କରାଯାଇଥିବା ଏକ ସର୍ଭେ ଅନୁଯାୟୀ, ୨୦୨୪ ରାଷ୍ଟ୍ରପତି ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପଙ୍କୁ ଭୋଟ ଦେଇଥିବା ଦକ୍ଷିଣ ଏସୀୟ ଆମେରିକୀୟ ଭୋଟରଙ୍କ ମଧ୍ୟରୁ ୨୫% ଆଗାମୀ ନିର୍ବାଚନରେ ଡେମୋକ୍ରାଟିକ୍ ପ୍ରାର୍ଥୀଙ୍କୁ ସମର୍ଥନ କରିବାକୁ ଯୋଜନା କରୁଛନ୍ତି ।ସର୍ଭେରେ ସାମିଲ ହୋଇଥିବା ଭୋଟରମାନେ ଜୀବନଯାପନର ବୃଦ୍ଧିକୁ ସେମାନଙ୍କର ସର୍ବୋଚ୍ଚ ପ୍ରାଥମିକତା ବୋଲି ଉଲ୍ଲେଖ କରିଛନ୍ତି। ପ୍ରାୟ ୬୫% ଏହାକୁ ସେମାନଙ୍କର ସର୍ବୋଚ୍ଚ ପ୍ରାଥମିକତା ବୋଲି ଉଲ୍ଲେଖ କରିଥିବାବେଳେ ୫୩% ସ୍ୱାସ୍ଥ୍ୟସେବା, ୩୩% ଚାକିରି ଏବଂ ମଜୁରୀ ଏବଂ ୨୮% ଶିକ୍ଷାକୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଭାବରେ ଉଲ୍ଲେଖ କରିଛନ୍ତି। ସର୍ଭେରେ ୮୦୦ ପଞ୍ଜିକୃତ ଦକ୍ଷିଣ ଏସୀୟ ଆମେରିକୀୟ ଭୋଟରଙ୍କୁ ସାମିଲ କରାଯାଇଥିଲା ।ରିପୋର୍ଟ ଅନୁଯାୟୀ, ସର୍ଭେ କରାଯାଇଥିବା ଲୋକଙ୍କ ମଧ୍ୟରୁ ୮୭% ଭାରତୀୟ - ଆମେରିକୀୟ । ଯେତେବେଳେ ବାକି ୧୩% ପାକିସ୍ତାନୀ, ବାଂଲାଦେଶୀ, ଶ୍ରୀଲଙ୍କା, ନେପାଳୀ, ଭୁଟାନି, ମାଳଦ୍ୱୀପ, ଆଫଗାନ, କାମ୍ବୋଡ଼ିଆ ଏବଂ ମିଆଁମାରର ଲୋକ ଥିଲେ। ଡୋନାଲ୍ଡ ଟ୍ରମ୍ପ ଲଗାତାର ଏପରି ନୀତିଗୁଡ଼ିକୁ ସମର୍ଥନ କରିଛନ୍ତି ଯାହା ଭାରତୀୟ-ଆମେରିକୀୟମାନଙ୍କୁ ସବୁଠାରୁ ଅଧିକ କ୍ଷତି ପହଞ୍ଚାଇପାରେ ।ସର୍ଭେ ଅନୁଯାୟୀ, ଟ୍ରମ୍ପଙ୍କ ପ୍ରତି ଭାରତୀୟ-ଆମେରିକୀୟଙ୍କ ବିଶ୍ୱାସ ହ୍ରାସ ପାଉଛି। ଟେକ୍ସାସ ସମେତ ଅନେକ ରାଜ୍ୟରେ ପ୍ରାରମ୍ଭିକ ମତଦାନ ଆରମ୍ଭ ହେବା ପରେ ଏହି ରିପୋର୍ଟ ଆସିଛି । ସର୍ଭେରେ ଦକ୍ଷିଣ ଏସୀୟ ସମ୍ପ୍ରଦାୟ ମଧ୍ୟରେ ଭେଦଭାବ ସମ୍ପର୍କରେ ମଧ୍ୟ ଚିନ୍ତା ପ୍ରକାଶ ପାଇଛି। ପ୍ରାୟ ୯୦% ପଞ୍ଜୀକୃତ ଭୋଟର କହିଛନ୍ତି ଯେ, ସେମାନେ ଭେଦଭାବର ସମ୍ମୁଖୀନ ହୋଇଛନ୍ତି। ୪୮% ବ୍ୟକ୍ତିଗତ ଭାବରେ ଭେଦଭାବର ସମ୍ମୁଖୀନ ହୋଇଥିବା ରିପୋର୍ଟ କରିଛନ୍ତି।

# ଆମେ ଯେକୌଣସି ସମୟରେ ପ୍ରତିବାଦ କରିପାରିବୁ

ନୂଆଦିଲ୍ଲୀ: କଂଗ୍ରେସମହାସଚିବ କେସି ଭେଣୁଗୋପାଳ କହିଛନ୍ତି, ଆମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଗୃହମନ୍ତ୍ରୀ ଅମିତ ଶାହଙ୍କ ବାସଭବନ ନିକଟରେ ପ୍ରତିବାଦ କରିପାରିବୁ। ଆମେ ଯେକୌଣସି ସମୟରେ ପ୍ରତିବାଦ କରିପାରିବୁ। ଦିଲ୍ଲୀ ପୁଲିସ ଆମକୁ କିପରି ଅଟକାଇବ ? ଗଣମାଧ୍ୟମ ସହିତ କଥାବାର୍ତ୍ତା କରି କଂଗ୍ରେସ ନେତା କହିଛନ୍ତି, ପ୍ରତିବାଦ କରିବା ଏକ ଗଣତାନ୍ତ୍ରିକ ଅଧିକାର,କିନ୍ତୁ ସରକାର ବିରୋଧୀଙ୍କ ସ୍ୱରକୁ ଦବାଇବାକୁ ଚାହୁଁଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ଏବଂ



ଶାହ ମୁଖ୍ୟ ନିର୍ବାଚନ କମିସନର(ସିଇସି) ଜ୍ଞାନେଶ କୁମାରଙ୍କୁ ସୁରକ୍ଷା ଦେଉଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି ।ଦିଲ୍ଲୀରେ ଗଣମାଧ୍ୟମ ସହିତ କଥାବାର୍ତ୍ତା ସମୟରେ ଭେନୁଗୋପାଳ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦୀ ଏବଂ ଶାହ ଏକ ଛୋଟ ସମାବେଶକୁ କାହିଁକି ଏତେ ଭୟ କରୁଛନ୍ତି ତାହା ଆମେ ଜାଣିନାହୁଁ। ଆମେ ଜ୍ଞାନେଶ କୁମାରଙ୍କ ବିରୋଧରେ ସାର୍ବଜନୀନ ମହାଭିଯୋଗ ଘୋଷଣା କରିଥିଲୁ। ଆମେ ନଭେମ୍ବର ୧ ରେ ଏକ ଶୋଭାଯାତ୍ରା ଯୋଜନା କରିଥିଲୁ। ଆମେ ଅକ୍ଟୋବର ୨୫ ରୁ ନଭେମ୍ବର ୩ ପର୍ଯ୍ୟନ୍ତ ରାମଲୀଳା ମଇଦାନ ବୁକ୍ କରିଛୁ। ଏହି ସମୟ ପାଇଁ ଆମେ ଅନୁମତି ମଧ୍ୟ ପାଇଛୁ। ଆମେ ସେଠାରେ ସାର୍ବଜନୀନ ମହାଭିଯୋଗ କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ନେଇଥିଲୁ। ଦୁଇ ଦିନ ପୂର୍ବରୁ ଆମର କର୍ମୀମାନେ କାର୍ଯ୍ୟକ୍ରମ ପାଇଁ ଭିତ୍ତିଭୂମି ପ୍ରସ୍ତୁତ କରିବାକୁ ପହଞ୍ଚିଥିଲେ, କିନ୍ତୁ ପୁଲିସ ସେମାନଙ୍କୁ ବାଧା ଦେଇଥିଲା। ଏହା ପଛରେ କାରଣ ଆମେ ଜାଣିନାହୁଁ।ଏହାର ଅର୍ଥ ହେଉଛି ଏହା ଦିଲ୍ଲୀ ପୁଲିସର ନିଷ୍ପତ୍ତି ନୁହେଁ, ବରଂ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ଅମିତ ଶାହଙ୍କର। ସେମାନେ ଜ୍ଞାନେଶ କୁମାରଙ୍କୁ ସୁରକ୍ଷା ଦେଉଛନ୍ତି। କିନ୍ତୁ ଆମେ ସେମାନଙ୍କ ଚାପ ଆଗରେ ମୁଣ୍ଡ ନୁଆଁଇବୁ ନାହିଁ। ଆମେ ଆମର କାର୍ଯ୍ୟକ୍ରମ କିପରି ଆୟୋଜନ କରିବାକୁ ହୁଏ ତାହା ଜାଣୁ। ଗୋଟିଏ ପଟେ ପ୍ରକୃତ ଭୋଟରଙ୍କ ନାମ ଭୋଟର ତାଲିକାରୁ ବ୍ୟାପକ ପରିମାଣରେ କଟାଯାଉଛି। ଅନ୍ୟପଟେ ସରକାର ଲୋକଙ୍କ ଗଣତାନ୍ତ୍ରିକ ଅଧିକାରକୁ ସୁରକ୍ଷା ଦେବା ପାଇଁ ପ୍ରତିବାଦ କରୁଥିବା ଲୋକଙ୍କୁ ରୋକିବାକୁ ଚେଷ୍ଟା କରୁଛନ୍ତି ।କଂଗ୍ରେସ ନେତା କହିଛନ୍ତି, ଆମେ ଯେକୌଣସି ସ୍ଥାନରେ ପ୍ରତିବାଦ କରିପାରିବୁ। ଦିଲ୍ଲୀରେ ଅନେକ ସ୍ଥାନ ଅଛି। ଦିଲ୍ଲୀ ପୁଲିସ ଆମକୁ କିପରି ଅଟକାଇବ ? ଆମର ଚୂଡ଼ାନ୍ତ ଲକ୍ଷ୍ୟ ସ୍ପଷ୍ଟ। ଜ୍ଞାନେଶ କୁମାରଙ୍କୁ ତାଙ୍କ ପଦବୀରୁ ହଟାଇବା ଏବଂ ଦେଶର ନିର୍ବାଚନ ବ୍ୟବସ୍ଥାକୁ ଶୁଦ୍ଧ ନ କରିବା ପର୍ଯ୍ୟନ୍ତ ଆମେ ଚୁପ୍ ରହିବୁ ନାହିଁ।

# ନେତାନ୍ୟାହୁ ଏବଂ ଆଇଜେନକୋଟଙ୍କ ମଧ୍ୟରେ ମେଣ୍ଟ ଗଠନ ପାଇଁ ମଧ୍ୟସ୍ଥତା କରୁଛି ଓ୍ୱାସିଂଟନ

**ନୂଆଦିଲ୍ଲୀ,୨୭।୧୦(ଏଜେନ୍ସି):** ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ଭବିଷ୍ୟତକୁ ନେଇ ଇସ୍ରାଏଲ ରାଜନୀତିରେ ଆଲୋଚନା ଜୋର ଧରିଛି। ନିର୍ବାଚନରେ ନେତାନ୍ୟାହୁ ଅବସରପ୍ରାପ୍ତ ସାମରିକ ମୁଖ୍ୟ ଗାଦି ଆଇଜେନକୋଟଙ୍କଠାରୁ ପରାସ୍ତ ହୋଇପାରନ୍ତି ବୋଲି ଆଶଙ୍କା ସୃଷ୍ଟି ହୋଇଛି। ଜନମତ ସର୍ଭେ ଅନୁଯାୟୀ ପୂର୍ବତନ ସାମରିକ ମୁଖ୍ୟ ଗାଦି ଆଇଜେନକୋଟ ତାଙ୍କଠାରୁ ଆଗରେ ଅଛନ୍ତି। ପଛୁଆ ରହିବା ସତ୍ତ୍ୱେ ନେତାନ୍ୟାହୁ ପୁଣି ଥରେ ପ୍ରଧାନମନ୍ତ୍ରୀ ହୋଇପାରନ୍ତି, ଯଦି କୌଣସି ମେଣ୍ଟ ସରକାର ଗଠନ ପାଇଁ ଆବଶ୍ୟକ ବହୁମତ ହାସଲ ନ କରେ ଏବଂ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ଏକ ଆପୋଷ ସମାଧାନ ହୁଏ, ତେବେ ଏହା ହୋଇପାରେ ।ଇସ୍ରାଏଲରେ ଭୋଟିଂ ମଧ୍ୟରେ ଓ୍ୱାସିଂଟନ ନେତାନ୍ୟାହୁ ଏବଂ ଆଇଜେନକୋଟଙ୍କ ମଧ୍ୟରେ ଏକ ମେଣ୍ଟ ଗଠନ ପାଇଁ ମଧ୍ୟସ୍ଥତା କରୁଛି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଲୋକମାନଙ୍କୁ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ସମର୍ଥନ କରୁଛନ୍ତି। ଇସ୍ରାଏଲର ସଂସଦରେ ମୋଟ ୧୨୦ଟି ଆସନ ଅଛି ଏବଂ ସରକାର ଗଠନ ପାଇଁ ଅତି କମରେ ୬୧ ଜଣ ସାଂସଦଙ୍କ ସମର୍ଥନ ଆବଶ୍ୟକ। ଯଦି ନେତାନ୍ୟାହୁ ଏବଂ ଆଇଜେନକୋଟଙ୍କ ମେଣ୍ଟ ବହୁମତ ହାସଲ କରିବାରେ ବିଫଳ ହୁଏ, ତେବେ ସେମାନଙ୍କୁ ଅନ୍ୟ ଦଳ ସହିତ ମିଶିବାକୁ ପଡିବ। ଏପରି ପରିସ୍ଥିତିରେ ଦୁଇ ନେତା ପ୍ରଧାନମନ୍ତ୍ରୀ ଭାବରେ ପାଳି ନେବାକୁ ରାଜି ହୋଇ ଏକ ମେଣ୍ଟ ସରକାର ଗଠନ କରିପାରନ୍ତି ।ଗାଦି ଆଇଜେନକୋଟ ନେତାନ୍ୟାହୁଙ୍କ ସରକାର ବିଷୟରେ ଅନେକ ପ୍ରଶ୍ନ ଉଠାଇଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ସରକାର ୭ ଅକ୍ଟୋବର ୨୦୨୩ରେ ହମାସ ଆକ୍ରମଣକୁ ରୋକିବାରେ ବିଫଳ ହୋଇଥିଲା ଏବଂ ଗାଜା ଓ ଲେବାନନରେ ଯୁଦ୍ଧ ସମାପ୍ତ କରିବାରେ ବିଫଳ ହୋଇଥିଲା। ଆଇଜେନକୋଟ ସ୍ପଷ୍ଟ ଭାବରେ କହିଛନ୍ତି ଯେ ସେ ନେତାନ୍ୟାହୁଙ୍କ ଅଧୀନରେ କାର୍ଯ୍ୟ କରିବେ ନାହିଁ। ଏପରିକି ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ପଦବୀ ବାଣ୍ଟିବା ପାଇଁ ଉଭୟଙ୍କ ମଧ୍ୟରେ ଚୁକ୍ତି ହେଲେ ସେ ଇସ୍ତଫା ଦେବେ ।ରାଜନୈତିକ ବିଶ୍ଲେଷକଙ୍କ ଅନୁସାରେ, ଦୁଇ ନେତାଙ୍କ ମଧ୍ୟରେ ବିଶ୍ୱାସର ଅଭାବ ରହିଛି। ଯଦି ଆଇଜେନକୋଟ ନେତାନ୍ୟାହୁଙ୍କ ସହ ସରକାର ଗଠନ କରିବାକୁ ମନା କରନ୍ତି, ତେବେ ଏକ ରାଜନୈତିକ ଅଚଳାବସ୍ଥା ସୃଷ୍ଟି ହୋଇପାରେ।



# ଭୀମ୍ ପେମେଣ୍ଟସ୍ ଆପ୍ 'ମିଠି ଦୀପାବଳି' ଅଭିଯାନ ପାଇଁ ଗୁଞ୍ଜ ସହିତ ସହଭାଗିତା କରିଛି

**କଟକ, ୨୭।୧୦ (ନି.ପ୍ର) :** ଏନ୍ ପିସିଆଇ ଭୀମ୍ ଦ୍ୱାରା ବିକଶିତ ଭାରତର ନିଜସ୍ୱ ପେମେଣ୍ଟ ଆପ୍ ଭୀମ୍ ପେମେଣ୍ଟସ୍ ଆପ୍, ଏହାର 'ମିଠି ଦୀପାବଳି' ଅଭିଯାନର ତୃତୀୟ ସଂସ୍କରଣ ମାଧ୍ୟମରେ ପର୍ବପର୍ବାଣୀର ଆନନ୍ଦ ଓ ଆଲୋକ ବିସ୍ତାର କରୁଛି। ଅକ୍ଟୋବର ୧୯ରୁ ନଭେମ୍ବର ୮ ମଧ୍ୟରେ ଆପ୍ରେ ଜଣେ ବ୍ୟବହାରକାରୀଙ୍କ ଦ୍ୱାରା କରାଯାଉଥିବା ପ୍ରତ୍ୟେକ ସପ୍ତମ ଟ୍ରାଞ୍ଜାକ୍ସନ୍‌ରେ, ଶିକ୍ଷା ପାଇଁ ସହାୟତା ଆବଶ୍ୟକ କରୁଥିବା ପିଲାମାନଙ୍କୁ ସ୍କୁଲ୍ କିଟ୍ ଯୋଗାଇବାରେ ଭୀମ୍ ପେମେଣ୍ଟସ୍ ଆପ୍ ଅବଦାନ ଦେବ।

ଏହି ଅଭିଯାନ ପାଇଁ ଭୀମ୍ ଆପ୍, ଗୁଞ୍ଜ ସହିତ ସହଭାଗିତା କରିଛି। ଗୁଞ୍ଜ ହେଉଛି ଏକ ସାମାଜିକ ଓ ବିକାଶମୂଳକ ସଂଗଠନ, ଯାହା ଶିକ୍ଷା, ସମୁଦାୟ ବିକାଶ ଏବଂ ବିପର୍ଯ୍ୟୟ ସମୟରେ ସହାୟତା ଭଳି କ୍ଷେତ୍ରରେ ସମଗ୍ର ଭାରତରେ ଦୀର୍ଘଦିନ ଧରି ଲୋକଙ୍କ ମର୍ଯ୍ୟାଦାକୁ ଗୁରୁତ୍ୱ ଦେଇ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଆସୁଛି। ଏହି ଅଭିଯାନ ଗ୍ରାହକମାନଙ୍କୁ ଦୈନନ୍ଦିନ ଟ୍ରାଞ୍ଜାକ୍ସନ୍ ପାଇଁ ଭୀମ୍ ଆପ୍ ବ୍ୟବହାର କରିବାକୁ ଉତ୍ସାହିତ କରୁଛି ଏବଂ ଅଧିକ ପିଲାଙ୍କ ପାଖରେ ଶିକ୍ଷା ପାଇଁ ଆବଶ୍ୟକ ସାମଗ୍ରୀ ପହଞ୍ଚାଇବା ଲାଗି ଏକ ସାମୂହିକ ପ୍ରୟାସର ଅଂଶ ହେବାର ସୁଯୋଗ ଦେଉଛି।




ଦୀପାବଳିର ଆନନ୍ଦ ଏକାଠି ହେବାର ମୁହୂର୍ତ୍ତ, ନୂଆ ଆରମ୍ଭର ଆଶା ଏବଂ ନିଜ ପରିସର ବାହାରେ ମଧ୍ୟ ଖୁସି ବାଣ୍ଟିବାରେ ରହିଛି। ଏହି ବର୍ଷ ଭୀମ୍ ଆପ୍ ଏହି ଉଷ୍ମତାକୁ ଶ୍ରେଣୀଗୃହ ପର୍ଯ୍ୟନ୍ତ ପହଞ୍ଚାଉଛି, ଯେଉଁଠାରେ ଏକ ସାଧାରଣ ସ୍କୁଲ୍ କିଟ୍ ଭଳି ସାମଗ୍ରୀ ମଧ୍ୟ ବଞ୍ଚିତ ବର୍ଗର ପିଲାମାନଙ୍କ ଜୀବନରେ ବଡ଼ ପରିବର୍ତ୍ତନ ଆଣିପାରେ। ଏହି ପଦକ୍ଷେପ ଦୈନନ୍ଦିନ ଜୀବନରେ ଡିଜିଟାଲ୍ ପେମେଣ୍ଟକୁ ଏକ ଅଂଶ ଭାବେ ଗ୍ରହଣ କରିବା ସହିତ ସାର୍ଥକ ପରିବର୍ତ୍ତନ ଆଣିବାର ସୁଯୋଗ ସୃଷ୍ଟି କରିବା ପ୍ରତି ଭୀମ୍ ଆପ୍ ର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏହା ସହିତ, 'ଭାରତ କା ଅପନା ପେମେଣ୍ଟସ୍ ଆପ୍' ପଛରେ ଥିବା ଚିନ୍ତାଧାରାକୁ ମଧ୍ୟ ଏହା ଆହୁରି ଦୃଢ଼ କରୁଛି ଯେ, ଏକ ସରଳ ଓ ପରିଚିତ କାର୍ଯ୍ୟ ମଧ୍ୟ ଏକ ବଡ଼ ଉଦ୍ଦେଶ୍ୟରେ ଯୋଗଦାନ ଦେଇପାରେ ଏବଂ ଦୀପାବଳିର ଆନନ୍ଦକୁ ଆହୁରି ଅଧିକ ଲୋକଙ୍କ ପାଖରେ ପହଞ୍ଚାଇପାରେ।

ଏହି ପଦକ୍ଷେପ ସମ୍ପର୍କରେ ମତ ରଖି ଗୌରବ କୋଚ୍‌ଚର, ଚିଫ୍ ଅଫ୍ ବିଜନେସ୍, ଏନ୍ ପିସିଆଇ ଭୀମ୍ କହିଛନ୍ତି, "ଦୀପାବଳି ଆମକୁ ମନେ ପକାଇଦିଏ ଯେ, ଅନ୍ୟମାନଙ୍କ ଜୀବନରେ ଖୁସି ଆଣିବାରେ ହିଁ ଉତ୍ସବ ପାଳନର ପ୍ରକୃତ ଆନନ୍ଦ ରହିଛି। 'ମିଠି ଦୀପାବଳି ୨୦୨୬' ମାଧ୍ୟମରେ, ଆମେ ଡିଜିଟାଲ୍ ପେମେଣ୍ଟ ଭଳି ଏକ ସରଳ କାର୍ଯ୍ୟକୁ ପିଲାମାନଙ୍କ ଶିକ୍ଷା ଭଳି ଏକ ମହତ୍ତ୍ୱପୂର୍ଣ୍ଣ ବିଷୟ ସହ ଯୋଡ଼ି ଏହି ଆନନ୍ଦକୁ ଆହୁରି ଅଧିକ ଲୋକଙ୍କ ପାଖରେ ପହଞ୍ଚାଇବାକୁ ଚାହୁଁଛୁ। ପ୍ରତ୍ୟେକ ପିଲା ଶିଖିବା, ବଢ଼ିବା ଏବଂ ଏକ ଉଜ୍ଜ୍ୱଳ ଭବିଷ୍ୟତର ସ୍ୱପ୍ନ ଦେଖିବାର ସୁଯୋଗ ପାଇବା ଉଚିତ।

ଗୁଞ୍ଜ୍ ର ପ୍ରତିଷ୍ଠାତା ତଥା ଏକଜିକ୍ୟୁଟିଭ ଡ଼ାଇରେକ୍ଟର, ଅଂଶୁ ଗୁପ୍ତା କହିଛନ୍ତି, "ଭୀମ୍ ଆପ୍ ସହିତ ଆମର ଏହି ସହଭାଗିତା ଦୈନନ୍ଦିନ ଜୀବନରେ ବ୍ୟବହୃତ ପ୍ରଯୁକ୍ତିବିଦ୍ୟାର ପହଞ୍ଚକୁ ନାଗରିକମାନଙ୍କ ସଚେତନ ଅଂଶଗ୍ରହଣ ସହିତ ଯୋଡ଼ିବା ଦିଗରେ ଏକ ସାର୍ଥକ ପଦକ୍ଷେପ। ଦୈନନ୍ଦିନ ଟ୍ରାଞ୍ଜାକ୍ସନ୍‌ଗୁଡ଼ିକୁ ପ୍ରକୃତ ସହାୟତାରେ ପରିଣତ କରିବା ପାଇଁ ଭୀମ୍ ଆପ୍ ନେଇଥିବା ଏହି ପଦକ୍ଷେପକୁ ଆମେ ପ୍ରଶଂସା କରୁଛୁ। ଏହା ନିଶ୍ଚିତ କରିବ ଯେ ପିଲାମାନେ ନିଜର ମର୍ଯ୍ୟାଦା ବଜାୟ ରଖି ଶିକ୍ଷା ପାଇଁ ଆବଶ୍ୟକ ସାମଗ୍ରୀ ପାଇପାରିବେ।"

'ମିଠି ଦୀପାବଳି ୨୦୨୬' ମାଧ୍ୟମରେ, ଭୀମ୍ ଆପ୍ ଡିଜିଟାଲ୍ ପେମେଣ୍ଟକୁ ଏକ ଏପରି ମହତ୍ ଉଦ୍ଦେଶ୍ୟ ସହ ଯୋଡ଼ି ନିଜର ବାର୍ଷିକ ପାର୍ବଣ ପଦକ୍ଷେପକୁ ଜାରି ରଖିଛି, ଯାହାର ପ୍ରଭାବ ପର୍ବପର୍ବାଣି ପରେ ମଧ୍ୟ ଜାରି ରହିବ।

# ଓପୋ ଫାଇଣ୍ଡ ଏକ୍ସ୧୦ ସିରିଜ୍ ଏବେ ବଜାରରେ

**ଭୁବନେଶ୍ୱର, ୨୭।୧୦ (ନି.ପ୍ର) :** ଓପୋ ଇଣ୍ଡିଆ ଏହାର ନୂଆ ଫ୍ଲାଗସିପ୍ ସ୍ମାର୍ଟଫୋନ୍ ଶୃଙ୍ଖଳା ଓପୋ ଫାଇଣ୍ଡ ଏକ୍ସ୧୦ ଓ ଓପୋ ଫାଇଣ୍ଡ ଏକ୍ସ୧୦ ପ୍ରୋ ମାକ୍ସ ଉନ୍ମୋଚନ କରିଛି। ହାସେଲବ୍ଲାଡ୍ ସହଯୋଗରେ ବିକଶିତ ଏହି ଶୃଙ୍ଖଳାରେ ଉନ୍ନତ କ୍ୟାମେରା ପ୍ରଯୁକ୍ତି, ପ୍ରାକୃତିକ ରଙ୍ଗର ଫଟୋଗ୍ରାଫି, ୮୦୦୦ ଏମଏଏଚ୍ ପର୍ଯ୍ୟନ୍ତ କ୍ଷମତାବିଶିଷ୍ଟ ବ୍ୟାଟେରୀ ଏବଂ ନୂତନ କଲର ଓଏସ୍ ୧୭ ରହିଛି। ଫାଇଣ୍ଡ ଏକ୍ସ୧୦ରେ ଡୁଆଲ୍ ୨୦୦ ଏମପି କ୍ୟାମେରା ଥିବାବେଳେ, ପ୍ରୋ ମାକ୍ସ ମଡେଲ୍‌ରେ ତିନୋଟି ୨୦୦ ଏମପି ପଛ କ୍ୟାମେରା ଦିଆଯାଇଛି। ଏହା ସହିତ, ପ୍ରୋ ମାକ୍ସରେ ୨ ଏନଏମ୍ ମିଡିଆଟେକ୍ ଡାଇମେନସିଟି ୯୬୦୦ ପ୍ରୋ ପ୍ରୋସେସର୍ ରହିଛି। ଓପୋ ଏହାର ପ୍ରିମିୟମ୍ ଉତ୍ପାଦ ପରିସରକୁ ସମ୍ପ୍ରସାରଣ କରି ୮.୮ ଇଂଚର ଓପୋ ପ୍ୟାଡ୍ ମିନି ଟାବଲେଟ୍ ଏବଂ ଡାଇନାଅଡିଓ ସହଯୋଗରେ ବିକଶିତ ଓପୋ ଏନକୋ ଏକ୍ସ୪ ଇୟରବଡ୍ସ ମଧ୍ୟ ଉନ୍ମୋଚନ କରିଛି।



ଏହି ଶୁଭାରମ୍ଭ ସମ୍ପର୍କରେ ମତ ରଖି ଓପୋ ଇଣ୍ଡିଆର ଯୋଗାଯୋଗ ମୁଖ୍ୟ ଗୋଲ୍ଡି ପଟ୍ଟନାୟକ କହିଛନ୍ତି, 'ଦଶ ପିଢ଼ି ଧରି ଓପୋ ଫାଇଣ୍ଡ ଏକ୍ସ ସିରିଜ୍ ସ୍ମାର୍ଟଫୋନ୍ ନବସୃଜନର ସୀମାକୁ ଆଗକୁ ବଢ଼ାଇ ଆସିଛି। ନୂଆ ଫାଇଣ୍ଡ ଏକ୍ସ୧୦ ସିରିଜ୍ ମାଧ୍ୟମରେ ଆମେ ଫଟୋ ଓ ଭିଡିଓରେ ବାସ୍ତବ ଦୃଶ୍ୟ, ଆଲୋକ ଏବଂ ସୂକ୍ଷ୍ମ ବିବରଣୀକୁ ଅଧିକ ସ୍ୱାଭାବିକ ଭାବେ ଧରି ରଖିବା ସହ ସୃଜନଶୀଳତାକୁ ନୂଆ ଦିଗ ଦେବାକୁ ଚେଷ୍ଟା କରିଛୁ। ପ୍ୟାଡ୍ ମିନି ଏବଂ ଏନକୋ ଏକ୍ସ୪ ଆମର ସଂଯୁକ୍ତ ଉତ୍ପାଦ ପରିସରକୁ ଆହୁରି ସମୃଦ୍ଧ କରିବା ସହ ବ୍ୟବହାରକାରୀଙ୍କୁ ଫଟୋ ଉଠାଇବା, ସୃଜନ କରିବା ଓ ସେୟାର କରିବାରେ ଏକ ସୁଗମ ଅନୁଭୂତି ପ୍ରଦାନ କରିବ।'

ଓପୋ ଫାଇଣ୍ଡ ଏକ୍ସ୧୦ (୧୨ ଜିବି+୨୫୬ ଜିବି)ର ମୂଲ୍ୟ ୧,୩୯,୯୯୯ ଟଙ୍କାରୁ ଆରମ୍ଭ ହେଉଥିବାବେଳେ, ୧୨ ଜିବି+୫୧୨ ଜିବି ଭାରିଆଣ୍ଟର ମୂଲ୍ୟ ୧,୬୯,୯୯୯ ଟଙ୍କା ରହିଛି। ଓପୋ ଫାଇଣ୍ଡ ଏକ୍ସ୧୦ ପ୍ରୋ ମାକ୍ସ (୧୨ ଜିବି+୫୧୨ ଜିବି)ର ମୂଲ୍ୟ ୧,୯୯,୯୯୯ ଟଙ୍କା। ଓପୋ ପ୍ୟାଡ୍ ମିନିର ମୂଲ୍ୟ ୯୪,୯୯୯ ଟଙ୍କା, ଓପୋ ଏନକୋ ଏକ୍ସ୪ର ମୂଲ୍ୟ ୧୯,୯୯୯ ଟଙ୍କା ଏବଂ ୧୦,୦୦୦ ଏମଏଏଚ୍ ଓପୋ ପାୱାର ବ୍ୟାଙ୍କର ମୂଲ୍ୟ ୨,୧୯୯ ଟଙ୍କା ରଖାଯାଇଛି। ଗ୍ରାହକମାନେ ନିର୍ଦ୍ଦିଷ୍ଟ ସର୍ତ୍ତାବଳୀ ଅନୁଯାୟୀ କ୍ୟାଶବ୍ୟାକ୍, ଏକ୍ସଚେ ବୋନସ୍, ସହଜ କିସ୍ତି ଏବଂ ଅନ୍ୟାନ୍ୟ ଅଫରର ସୁବିଧା ମଧ୍ୟ ପାଇପାରିବେ।

# ଆଇସିଆଇସିଆଇ ଲାଇଫ ଗ୍ୟାରେଂଟିଡ ଇଣ୍ଡେକ୍ସଡ୍ ପେନସନ୍ ପ୍ଲାନର ଶୁଭାରମ୍ଭ

**ଭୁବନେଶ୍ୱର, ୨୭।୧୦ (ନି.ପ୍ର) :** ଆଇସିଆଇସିଆଇ ଲାଇଫ ଇନ୍ସୁରାନ୍ସ ଲିମିଟେଡ ପକ୍ଷରୁ ଏକ ରିଟାୟାରମେଂଟ ଇନ୍‌କମ ପ୍ରଡକ୍ଟ 'ଆଇସିଆଇସିଆଇ ଲାଇଫ ଗ୍ୟାରେଂଟିଡ ଇଣ୍ଡେକ୍ସଡ ପେନସନ୍'ର ଶୁଭାରମ୍ଭ କରାଯାଇଛି ଯାହା ଗ୍ରାହକଙ୍କୁ ନିଶ୍ଚିତ ଆୟ (ଗ୍ୟାରେଂଟିଡ ଆନୁୟିଟି) ଓ ପରିବର୍ତନଶୀଳ ଆୟ (ଭାରିଏବୁଲ ଆନୁୟିଟି)ର ଏକ ମିଶ୍ରଣ ପ୍ରଦାନ କରିଥାଏ। ଗ୍ୟାରେଂଟିଡ ଆନୁୟିଟି ଗ୍ରାହକଙ୍କୁ ଆୟ ସ୍ଥିରତା ପ୍ରଦାନ କରୁଥିବା ବେଳେ ଭାରିଏବୁଲ ଆନୁୟିଟି ସେମାନଙ୍କୁ ସୂଚକାଙ୍କ-ସଂଯୋଜିତ ଆୟ ମାଧ୍ୟମରେ ମୁଦ୍ରାସ୍ଫୀତି ବିରୋଧରେ ସୁରକ୍ଷିତ ରଖିବାରେ ସାହାଯ୍ୟ କରିଥାଏ। ଏହି ଉତ୍ପାଦର ଏକ ପ୍ରମୁଖ ଫିଚର ହେଉଛି ୬୦%ରୁ ୧୦୦% ମଧ୍ୟରେ ଏକ ଗ୍ୟାରେଂଟିଡ ଆନୁୟିଟି ଅଂଶ ଚୟନ କରିବାର ସହଜତା ଏବଂ ଅବଶିଷ୍ଟ ଅଂଶ ନିଫ୍ଟି ୫୦ ଟୋଟାଲ ରିଟର୍ଣ୍ଣ ଇଣ୍ଡେକ୍ସ ସହ ସଂଯୋଜିତ ହୋଇଥାଏ।

ଏହି ଲଂଚ୍ ଅବସରରେ ଆଇସିଆଇସିଆଇ ଲାଇଫ ଇନ୍ସୁରାନ୍ସର ମୁଖ୍ୟ ଉତ୍ପାଦ ଅଧିକାରୀ ବିକାଶ ଗୁପ୍ତା କହିଛନ୍ତି, 'ଆଇସିଆଇସିଆଇ ଲାଇଫ ଗ୍ୟାରେଂଟିଡ ଇଣ୍ଡେକ୍ସଡ ପେନସନ ସହିତ ଗ୍ରାହକମାନେ ନିଶ୍ଚିତ ଆୟର ଏକ ସ୍ତର ଚୟନ କରିପାରିବେ ଏବଂ ବଜାର ପ୍ରଦର୍ଶନରୁ ଲାଭବାନ ହେବାର ସୁଯୋଗ ମଧ୍ୟ ପାଇପାରିବେ। ଏହି ସହଜତା ସେମାନଙ୍କୁ ସୂଚିତ ନିଷ୍ପତି ନେବା ଏବଂ ଅଧିକ ଆତ୍ମବିଶ୍ୱାସ ଓ ଆର୍ଥିକ ସୁରକ୍ଷା ସହ ନିଜର ଅବସର ପରବର୍ତୀ ବର୍ଷଗୁଡିକ ପାଇଁ ଯୋଜନା କରିବା ପାଇଁ ସକ୍ଷମ କରିବ। ଏହି ଉତ୍ପାଦ କ୍ରୟ ମୂଲ୍ୟ ଫେରସ୍ତ ସୁବିଧା ସହ ସିଙ୍ଗଲ-ଲାଇଫ ଓ ଜଏଂଟ-ଲାଇଫ ବିକଳ୍ପ ପ୍ରଦାନ କରୁଛି। ଆନୁୟିଟାଂଟ ବା ପେନସନ ପାଉଥିବା ବ୍ୟକ୍ତି କିମ୍ବା ଦୁଇ ଜଣ ଜୀବନସାଥୀଙ୍କ ମଧ୍ୟରେ ଶେଷରେ ଜୀବିତ ଥିବା ବ୍ୟକ୍ତିଙ୍କର ଦୁର୍ଭାଗ୍ୟବଶତଃ ମୃତ୍ୟୁ ଘଟିଲେ, ପଇଠ କରାଯାଇଥିବା ମୋଟ ପ୍ରିମିୟମ ରାଶି ସହ ସମାନ ମୃତ୍ୟୁକାଳିନ ଲାଭକୁ ନୋମିନିଙ୍କୁ ଫେରସ୍ତ କରାଯିବ।'

ଏହି ଉତ୍ପାଦ 'ଆନୁୟିଟି ଆଡ୍‌ଭାନ୍ସ' ଫିଚର ସହିତ ଗ୍ରାହକଙ୍କ ତତ୍କାଳ ଆବଶ୍ୟକତା ପାଇଁ ଅତିରିକ୍ତ ସହଜତା ମଧ୍ୟ ପ୍ରଦାନ କରିଥାଏ। ଏହି ଫିଚର ସହ ଗ୍ରାହକମାନେ ପରବର୍ତୀ ୫ ବର୍ଷ ପର୍ଯ୍ୟନ୍ତ ମିଳିବାକୁ ଥିବା ଗ୍ୟାରେଂଟିଡ ଆନୁୟିଟି ବା ନିଶ୍ଚିତ ପେନସନ ରାଶିର ୯୯% ପର୍ଯ୍ୟନ୍ତ ଅର୍ଥକୁ ଏକକାଳିନ ଆଗୁଆ ପାଇପାରିବେ। ଗ୍ରାହକମାନେ ନିଜର ଆର୍ଥିକ ଆବଶ୍ୟକତା ଅନୁଯାୟୀ ଏକ ମାସିକ, ତ୍ରୈମାସିକ, ଅର୍ଦ୍ଧବାର୍ଷିକ କିମ୍ବା ବାର୍ଷିକ ଆଧାରରେ ଆନୁୟିଟି ପେଆଉଟ ଗ୍ରହଣ କରିବା ପାଇଁ ଚୟନ କରିପାରିବେ। ଏହାବ୍ୟତୀତ ଏହି ଉତ୍ପାଦ ଗ୍ରାହକଙ୍କୁ ମୂଲ୍ୟଯୁକ୍ତ ସେବା ମଧ୍ୟ ପ୍ରଦାନ କରିବା ସହ ହେଲ୍‌ଥ ମ୍ୟାନେଜମେଂଟ ଓ ୱେଲନେସ୍ ସର୍ଭିସଗୁଡିକୁ ହାସଲ କରିବାରେ ସାହାଯ୍ୟ କରିଥାଏ।

# ଦୀପାବଳିରୁ ଆରମ୍ଭ କରି ୫ ମାସର ବାଣିଜ୍ୟିକ ସୁଯୋଗକୁ ନେଇ ମେଟା ପକ୍ଷରୁ 'ଫେଷ୍ଟିଭ ଆକ୍ସିଲରେଟର ୨୦୨୬' ପ୍ଲେବୁକ୍ ଉନ୍ମୋଚିତ

**ଭୁବନେଶ୍ୱର, ୨୭।୧୦ (ନି.ପ୍ର) :** ଭାରତର ପାର୍ବଣ ଋତୁକୁ କେବଳ ଦୀପାବଳିର ଏକ ସ୍ୱଳ୍ପକାଳୀନ ସେଲ୍ ମଧ୍ୟରେ ସୀମିତ ନ ରଖି ଏକ ନିରନ୍ତର ପାଞ୍ଚ ମାସର ବାଣିଜ୍ୟିକ ଅଭିବୃଦ୍ଧି ସୁଯୋଗରେ ପରିଣତ କରିବା ପାଇଁ ମେଟା ପକ୍ଷରୁ 'ଫେଷ୍ଟିଭ ଆକ୍ସିଲରେଟର ୨୦୨୬: ସିଏମ୍?ଓ ପ୍ଲେବୁକ୍' ଉନ୍‌ମୋଚନ କରାଯାଇଛି। ଭାରତରେ ଗ୍ରାହକମାନଙ୍କ ସପିଂ ଶୈଳୀରେ ଆସିଥିବା ବ୍ୟାପକ ପରିବର୍ତ୍ତନ ଉପରେ ଏହି ପ୍ଲେବୁକ୍ ଆଲୋକପାତ କରିଛି। ଏବେ ୬୦% ନୂଆ ଅନଲାଇନ୍ କ୍ରେତା ଟିୟର-୨ ଏବଂ ଟିୟର-୩ ସହରରୁ ଆସୁଥିବା ବେଳେ, ୮୬% ଗ୍ରାହକ ସାମଗ୍ରୀ କିଣିବା ପୂର୍ବରୁ




ସୋସିଆଲ ମିଡିଆରୁ ପ୍ରେରଣା ଖୋଜୁଛନ୍ତି ଏବଂ ୮୦% ଉପଭୋକ୍ତା ସପିଂ ଯୋଜନା ପାଇଁ ଏଆଇ (ଇଓ) ବ୍ୟବହାର କରୁଛନ୍ତି।

ମେଟାର ଇ-କମର୍ସ ଓ ରିଟେଲ୍ (ଭାରତ) ନିର୍ଦ୍ଦେଶକ ମେଘନା ଅପ୍ପାରାଓ ଏବଂ ଏଜେନ୍ସିଜ୍ ଆଣ୍ଡ ଭିସି ପାର୍ଟନରସିପ୍?ସ ନିର୍ଦ୍ଦେଶକ ଗୌରବ ଜିତ ସିଂହ କହିଛନ୍ତି ଯେ, ପାର୍ବଣ ସପିଂ ଏବେ ଏକ ନିରନ୍ତର ଓ ଗତିଶୀଳ ପ୍ରକ୍ରିୟା ପାଲଟିଛି। ବ୍ରାଣ୍ଡଗୁଡିକ କେବଳ ସେଲ୍ ଦିନରେ ନିର୍ଭର ନ କରି, ପୂର୍ବରୁ ଚାହିଦା ସୃଷ୍ଟି କରିବା ସହ ବିବିଧ ସୃଜନଶୀଳତା, କ୍ରିଏଟର-ଭିତ୍ତିକ ବିଷୟବସ୍ତୁ ଏବଂ ଏଆଇ-ପରିଚାଳିତ ବିଜ୍ଞାପନ ମାଧ୍ୟମରେ ଦୀପାବଳି ପରବର୍ତ୍ତୀ ବିବାହ ଋତୁ, ଖ୍ରୀଷ୍ଟମାସ ଓ ରିପବ୍ଲିକ୍ ଡେ ସେଲ୍ ପର୍ଯ୍ୟନ୍ତ ଏକ ସ୍ଥାୟୀ ପ୍ରଭାବ ବଜାୟ ରଖିବା ଉଚିତ।

ରିପୋର୍ଟ ଅନୁସାରେ, ପାର୍ବଣ ଋତୁର ପ୍ରାୟ ୬ ସପ୍ତାହ ପୂର୍ବରୁ ଏକ ଯୋଜନାବଦ୍ଧ ପ୍ରାରମ୍ଭିକ ଚାହିଦା ଏବଂ ଶେଷ ୪୮ ଘଣ୍ଟାରେ ତ୍ୱରିତ କ୍ରୟର ସୁଅ ଦେଖିବାକୁ ମିଳିଥାଏ। ଏଥିସହ ପାର୍ବଣ ସମୟରେ ମେଟା ପ୍ଲାଟଫର୍ମରେ ସାଂସ୍କୃତିକ କଣ୍ଟେଣ୍ଟ ନିର୍ମାଣ ୫୦% ବୃଦ୍ଧି ପାଉଛି ଏବଂ ପ୍ରତି ଦୁଇ ଜଣ କ୍ରେତାଙ୍କ ମଧ୍ୟରୁ ଜଣେ କ୍ରିଏଟରଙ୍କୁ ଅନୁସରଣ କରୁଛନ୍ତି। ବ୍ରାଣ୍ଡଗୁଡିକ କେବଳ ରିହାତି ଉପରେ ଧ୍ୟାନ ନ ଦେଇ ସାଂସ୍କୃତିକ ଭାବନା ଓ ରୀତିନୀତିକୁ ପ୍ରତିଫଳିତ କରୁଥିବା ବିଷୟବସ୍ତୁ ପ୍ରସ୍ତୁତ କଲେ ତାହା ୨.୩ ଗୁଣ ଅଧିକ ପ୍ରଭାବଶାଳୀ ସାବ୍ୟସ୍ତ ହେଉଛି। ଆଡଭାଣ୍ଟେଜ୍+ କ୍ୟାଟାଲଗ୍, ହ୍ୱାଟସ୍?ଆପ୍ ସିଆରଏମ୍ ଏବଂ ରିମାଇଣ୍ଡର ବିଜ୍ଞାପନ ଜରିଆରେ ବ୍ୟବସାୟୀମାନେ ପୁଣି ଥରେ ଶୂନରୁ ଆରମ୍ଭ ନ କରି ଏକ ସଂଯୋଜିତ ରଣନୀତି ସହ ସମ୍ପୂର୍ଣ୍ଣ ପାର୍ବଣ ଋତୁରେ ନିଜ ବିକ୍ରି ବୃଦ୍ଧି କରିପାରିବେ ବୋଲି ଏହି ପ୍ଲେବୁକ୍?ରେ ପରାମର୍ଶ ଦିଆଯାଇଛି।

# ଚିନ୍ମୟ ମିଶନ ଦ୍ୱାରା ତିନି ଦିନିଆ ବିଶ୍ୱ ସମ୍ମେଳନ ସମାପ୍ତ ଏହି ଆନ୍ଦୋଳନର ୭୫ ବର୍ଷ ପୂର୍ତ୍ତି ପାଳନ

**ଭୁବନେଶ୍ୱର, ୨୭।୧୦ (ନି.ପ୍ର):** ଚିନ୍ମୟ ମିଶନ ଆଜି ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ତିନି ଦିନିଆ 'ଚିନ୍ମୟ ଅମୃତ ମହୋତ୍ସବ ଗ୍ଲୋବାଲ୍ ସମ୍ମେଳନ'ର ସମାପନ କରିଛି। ଏହା ସହିତ 'ଚିନ୍ମୟ ଆନ୍ଦୋଳନ'ର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ବର୍ଷବ୍ୟାପୀ ଚାଲିଥିବା ଉତ୍ସବର ମଧ୍ୟ ପୂର୍ଣ୍ଣଚ୍ଛେଦ ପଡ଼ିଛି। ଭାରତ ତଥା ବିଦେଶରୁ ୯,୦୦୦ରୁ ଅଧିକ ଅଂଶଗ୍ରହଣକାରୀଙ୍କୁ ଏକତ୍ରିତ କରିଥିବା ଏହି ସମ୍ମେଳନରେ ପୂଜ୍ୟ ଗୁରୁଦେବ ସ୍ୱାମୀ ଚିନ୍ମୟାନନ୍ଦଙ୍କ ଅବିସ୍ମରଣୀୟ ଅବଦାନକୁ ସ୍ମରଣ କରାଯାଇଥିଲା। ଏଥିରେ ଆଧ୍ୟାତ୍ମିକ ଆଲୋଚନା, ସାଂସ୍କୃତିକ କାର୍ଯ୍ୟକ୍ରମ, ବିଭିନ୍ନ ପିଢ଼ିର ଲୋକଙ୍କ ମଧ୍ୟରେ ପାରସ୍ପରିକ ସଂଯୋଗ ଏବଂ ବିଭିନ୍ନ ଅନୁଭୂତିମୂଳକ କାର୍ଯ୍ୟକ୍ରମ ମାଧ୍ୟମରେ ମିଶନର ଦାର୍ଶନିକ ଭିତ୍ତିଭୂମିକୁ ଆଧୁନିକ ଜୀବନଶୈଳୀ ସହ ଯୋଡ଼ିବାକୁ ପ୍ରୟାସ କରାଯାଇଥିଲା। ଅକ୍ଟୋବର ୨୩ ତାରିଖରେ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏହି ସମ୍ମେଳନର ଉଦ୍‌ଘାଟନ କରିଥିଲେ। ସେ ଗୁରୁଦେବଙ୍କ ଶିକ୍ଷାକୁ ଯୁବ ପିଢ଼ି ନିକଟରେ ପହଂଚାଇବା ପାଇଁ ମିଶନ୍‌ର ପ୍ରୟାସକୁ ପ୍ରଶଂସା କରିବା ସହ ରାଷ୍ଟ୍ର ନିର୍ମାଣରେ 'ଯୁବ ଶକ୍ତି'ର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ତିନି ଦିନ ଧରି ଚାଲିଥିବା ଏହି ସମ୍ମେଳନର ଉଦ୍‌ଯାପନୀ ଦିବସରେ ମାନ୍ୟବର ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଏବଂ ଭାରତରେ ମିଳିତ ଜାତିସଂଘର ଆବାସିକ ସମନ୍ୱୟକାରୀ ଷ୍ଟେଫାନ୍ ପ୍ରିସ୍ନର୍ ଅଂଶଗ୍ରହଣ କରିଥିଲେ। ଏହା ବ୍ୟତୀତ, ପ୍ରାୟ ୮୦ ଜଣ ରାଷ୍ଟ୍ରଦୂତଙ୍କୁ ନେଇ ଗଠିତ ଏକ ବିଶିଷ୍ଟ ପ୍ରତିନିଧି ଦଳ ମଧ୍ୟ ଏଥିରେ ଯୋଗ ଦେଇଥିଲେ। ଏହା ସମ୍ମେଳନର ଆନ୍ତର୍ଜାତୀୟ ବ୍ୟାପ୍ତିକୁ ଦର୍ଶାଇବା ସହ, ବିଭିନ୍ନ ସମ୍ପ୍ରଦାୟ ଓ ରାଷ୍ଟ୍ର ମଧ୍ୟରେ ଆଲୋଚନା ତଥା ପାରସ୍ପରିକ ବୁଝାମଣା ସୃଷ୍ଟି କରିବାରେ ବେଦାନ୍ତ ଦର୍ଶନର ପ୍ରାସଙ୍ଗିକତାକୁ ପ୍ରତିପାଦିତ କରିଥିଲା। ଏହି ଉଦ୍‌ଘାଟନୀ ଉତ୍ସବରେ 'ଚିନ୍ମୟ ଅମୃତ ଯାତ୍ରା'ର ଅନନ୍ୟ ଯାତ୍ରାକୁ ମଧ୍ୟ ପାଳନ କରାଯାଇଥିଲା। ଏହା ଏକ ୩୦୦ ଦିନବ୍ୟାପୀ ଆଧ୍ୟାତ୍ମିକ ଯାତ୍ରା ଥିଲା, ଯାହା ଭାରତ, ନେପାଳ ଏବଂ ଶ୍ରୀଲଙ୍କା ମଧ୍ୟରେ ପ୍ରାୟ ୪୦,୦୦୦ କିଲୋମିଟର ପଥ ଅତିକ୍ରମ କରି ଗୁରୁଦେବଙ୍କ ଶିକ୍ଷାକୁ ବିଭିନ୍ନ ଅଞ୍ଚଳର ଜନସମୁଦାୟ ନିକଟରେ ପହଂଚାଇଥିଲା। ୨୦୨୫ ମସିହା ଡିସେମ୍ବର ୩୧ ତାରିଖରେ ପୁଣେସ୍ଥିତ 'ଚିନ୍ମୟ ବିଭୂତି'ରୁ ଆରମ୍ଭ ହୋଇଥିବା ଏହି ଯାତ୍ରା, ନିଜ ପଥରେ ପଡୁଥିବା ବିଭିନ୍ନ ସମ୍ପ୍ରଦାୟ ନିକଟକୁ ଗୁରୁଦେବଙ୍କ ଶିକ୍ଷା, ପବିତ୍ର ବସ୍ତୁସମୂହ ଏବଂ ଐତିହାସିକ ସାମଗ୍ରୀ (ଆର୍କାଇଭାଲ୍ ସାମଗ୍ରୀ) ନେଇ ଯାଇଥିଲା; ଯାହା ପ୍ରାର୍ଥନା, ଶିକ୍ଷା ଏବଂ ସେବା ମାଧ୍ୟମରେ ଲୋକମାନଙ୍କୁ ଏକତ୍ରିତ କରିଥିଲା।

ସଭାରେ ଉପସ୍ଥିତ ଲୋକଙ୍କୁ ଉଦ୍‌ବୋଧନ ଦେଇ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଡ. ଏସ୍. ଜୟଶଙ୍କର କହିଲେ, 'ଚିନ୍ମୟ ମିଶନର ୭୫ ବର୍ଷ ପୂର୍ତ୍ତି ପାଳନ କରିବା ପାଇଁ ଭାରତ ତଥା ବିଶ୍ୱର ବିଭିନ୍ନ ପ୍ରା'ରୁ ଏତେ ସଂଖ୍ୟକ ଲୋକ ଏକତ୍ରିତ ହେବା, ନିଜେ ଏକତା ଭାବନାର ଏକ ଶକ୍ତିଶାଳୀ ପ୍ରତିଫଳନ ଅଟେ। ବିଭିନ୍ନ ପିଢ଼ି ଏବଂ ଭୌଗୋଳିକ ସ୍ଥାନର ଲୋକଙ୍କୁ ଯେଉଁ ବିଷୟଟି ଏକତ୍ରିତ କରେ, ତାହା ହେଉଛି ବ୍ୟକ୍ତିଗତ ସ୍ୱାର୍ଥଠାରୁ ଊର୍ଦ୍ଧ୍ୱରେ ଥିବା କୌଣସି ଏକ ବୃହତର ଲକ୍ଷ୍ୟ ପ୍ରତି ଥିବା ସାମୂହିକ ବିଶ୍ୱାସ। ଏହା 'ଅଦ୍ୱୈତବାଦ'ର ମୂଳମନ୍ତ୍ର, ଯାହା ଆମକୁ ମନେ କରାଇଦିଏ ଯେ ସତା ଅବିଭାଜ୍ୟ ଏବଂ ଆମର କଲ୍ୟାଣ ପରସ୍ପର ସହ ଗଭୀର ଭାବରେ ଜଡ଼ିତ। ରାଷ୍ଟ୍ରମାନଙ୍କ କ୍ଷେତ୍ରରେ ମଧ୍ୟ ଏହି ନୀତି ସମାନ ଭାବରେ ପ୍ରଯୁଜ୍ୟ। ପରସ୍ପର ସହ ଜଡ଼ିତ ଏହି ବିଶ୍ୱରେ, ଶାନ୍ତି ଏବଂ ସମୃଦ୍ଧିକୁ କେବଳ ନିଜ ସ୍ତରରେ ହାସଲ କରାଯାଇପାରିବ ନାହିଁ; ଏଥିପାଇଁ ସହଯୋଗ, ସାମୂହିକ ଦାୟିତ୍ୱବୋଧ ଏବଂ ସମସ୍ତଙ୍କ କଲ୍ୟାଣ ପାଇଁ କାର୍ଯ୍ୟ କରିବାର ଇଚ୍ଛାଶକ୍ତି ଆବଶ୍ୟକ। ଭାରତୀୟ ଦର୍ଶନ 'ବସୁଧୈବ କୁଟୁମ୍ବକମ୍'-ଅର୍ଥାତ୍ ସମଗ୍ର ବିଶ୍ୱ ଏକ ପରିବାର-ଏହି ଭାବନାକୁ ହିଁ ପ୍ରତିପାଦିତ କରେ।'

# ଭାରତରେ 'ଟ୍ରୁକଲର ଲାଇଟ୍' ଶୁଭାରମ୍ଭ

**ବେଙ୍ଗାଲୁରୁ, ୨୭।୧୦ (ନି.ପ୍ର):** ଭାରତର ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ଟ୍ରୁକଲର ଆଜି ଏକ ନୂତନ ହାଲୁକା ଆପ୍ 'ଟ୍ରୁକଲର ଲାଇଟ୍' ଶୁଭାରମ୍ଭ କରିବା ନେଇ ଘୋଷଣା କରିଛି। ମାତ୍ର ୧୦ ଏମବି ଆକାରର ଏହି ସ୍ୱତନ୍ତ୍ର ଆଣ୍ଡ୍ରଏଡ୍ ଆପ୍ ବିଶେଷ ଭାବରେ କମ୍ ଷ୍ଟୋରେଜ୍ ଏବଂ ୪ ଜିବି ପର୍ଯ୍ୟନ୍ତ ରାମ୍ ଥିବା ସ୍ମାର୍ଟଫୋନ୍ ପାଇଁ ନିର୍ମିତ ହୋଇଛି, ଯାହା ଅତ୍ୟନ୍ତ ଦ୍ରୁତ ଗତିରେ କାର୍ଯ୍ୟ କରିଥାଏ।




ଉତ୍ସବ ସମୟରେ ବୃଦ୍ଧି ପାଉଥିବା ନକଲି ଡେଲିଭରି, କେୱାଇସି ଠକେଇ ଏବଂ ଅବାଞ୍ଛିତ କଲ୍?ରୁ ରକ୍ଷା କରିବା ପାଇଁ ଏହି ଆପ୍?ରେ ମୁଖ୍ୟ ଟ୍ରୁକଲର ଡାଟାବେସ୍?ର ସମାନ ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦିଆଯାଇଛି। ଟ୍ରୁକଲର ଲାଇଟ୍ ବ୍ୟବହାର କରି ଗ୍ରାହକମାନେ ଫୋନ୍ ଉଠାଇବା ପୂର୍ବରୁ କଲର ଆଇଡି ଜରିଆରେ କଲ୍ କରୁଥିବା ବ୍ୟକ୍ତିଙ୍କ ପରିଚୟ ଜାଣିପାରିବେ ଏବଂ ଟ୍ରୁକଲରର ବିଶ୍ୱସ୍ତରୀୟ ନେଟୱର୍କ ସହାୟତାରେ ସ୍କାମ୍ ତଥା ଠକେଇ କଲ୍?ଗୁଡ଼ିକୁ ସହଜରେ ବ୍ଲକ୍ କରିପାରିବେ। ଏହାସହ ଏହାକୁ ଏକ ଡାଏଲର୍ ଭାବରେ ବ୍ୟବହାର କରି କଲ୍ ହିଷ୍ଟ୍ରି, କଣ୍ଟାକ୍ଟସ୍ ଏବଂ ନୂତନ ନମ୍ବର ସର୍ଚ୍ଚ ଭଳି ସୁବିଧା ଗୋଟିଏ ସ୍ଥାନରେ ପାଇପାରିବେ। ଏଥିସହିତ, ଉଭୟ ଇନକମିଂ ଏବଂ ଆଉଟଗୋଇଂ କଲ୍ ଶେଷ ହେବା ପରେ, ସେମାନେ କାହା ସହିତ କଥା ହେଉଥିଲେ ତାହା ପରବର୍ତ୍ତୀ ସ୍କ୍ରିନ୍?ରେ ମଧ୍ୟ ସ୍ପଷ୍ଟ ଭାବରେ ଦେଖିପାରିବେ।

ଟ୍ରୁକଲରର ସିଇଓ ରିଜିତ ଝୁନଝୁନୱାଲା କହିଛନ୍ତି ଯେ, ସ୍କାମରମାନେ ଫୋନ୍?ର ପ୍ରକାର ଦେଖି କଲ୍ କରନ୍ତି ନାହିଁ, ତେଣୁ ସୁରକ୍ଷା ମଧ୍ୟ ସ୍ମାର୍ଟଫୋନ୍?ର ଦାମ୍ କିମ୍ବା ଷ୍ଟୋରେଜ୍ ଉପରେ ନିର୍ଭର କରିବା ଅନୁଚିତ। 'ମୁଁ ପୁରୁଣା କିମ୍ବା ମୌଳିକ ଆଣ୍ଡ୍ରଏଡ୍ ଫୋନ୍ ଥିବା ଅନେକ ଲୋକଙ୍କୁ ଭାରୀ ଆପ୍ ସହିତ ସଂଘର୍ଷ କରୁଥିବା ଦେଖିଛି। ଏହା ସହିତ, ଭାରତରେ ଅନେକ ଲୋକ ଆମକୁ କହିଛନ୍ତି ଯେ ସେମାନେ ଟ୍ରୁକଲର ଚାହାଁନ୍ତି କିନ୍ତୁ ସେମାନଙ୍କ ପାଖରେ ଏହାର ଷ୍ଟୋରେଜ୍ ସ୍ଥାନ ନାହିଁ କିମ୍ବା ତାହା ସୁଗମ ଭାବରେ କାମ କରୁନାହିଁ। ଟ୍ରୁକଲର ଲାଇଟ୍ ଠିକ୍ ସେହି ଫୋନ୍ ପାଇଁ ନିର୍ମିତ: ଏହା ସ୍କାମ୍ ଏବଂ ଠକେଇରୁ ସମାନ ସୁରକ୍ଷା ପ୍ରଦାନ କରେ। ଏକ ଆପ୍ ଯାହା ଫିଟ୍ ହେବା ପାଇଁ ଯଥେଷ୍ଟ ଛୋଟ ଏବଂ ଦ୍ରୁତ ଗତିରେ ମଧ୍ୟ କାର୍ଯ୍ୟ କରିଥାଏ।' ସାଧାରଣ ଫୋନ୍ ବ୍ୟବହାରକାରୀଙ୍କୁ ଠକେଇରୁ ସୁରକ୍ଷିତ ରଖିବା ପାଇଁ ଏହି ହାଲୁକା ତଥା ଦ୍ରୁତ ଆପ୍ ନିର୍ମାଣ କରାଯାଇଛି।

# କେଂଟାବିଲ୍ ପକ୍ଷରୁ ରାଉରକେଲାରେ ନୂତନ ଷ୍ଟୋର୍‌ର ଶୁଭାରମ୍ଭ

**ଭୁବନେଶ୍ୱର, ୨୭।୧୦ (ନି.ପ୍ର) :** ଭାରତର ଅନ୍ୟତମ ଅଗ୍ରଣୀ ପୋଷାକ ନିର୍ମାତା ଏବଂ ଖୁଚୁରା ବ୍ୟବସାୟୀ କେଂଟାବିଲ୍ ରିଟେଲ୍ ଇଣ୍ଡିଆ ଲିମିଟେଡ୍, ରାଉରକେଲାରେ ଏହାର ନୂତନ ଷ୍ଟୋର ଖୋଲିବା ସହିତ ଓଡ଼ିଶାରେ ଏହାର ଦୃଢ଼ ଉପସ୍ଥିତିକୁ ଆହୁରି ବିସ୍ତାର କରିଛି। ଓଡିଶାର ରାଉରକେଲାର ଛେଣ୍ଡ୍ କଲୋନୀ, ପ୍ଲୁଟନ୍ ମଲ୍, ପ୍ରଥମ ମହଲା, ଏଫ-୦୦୯ ରେ ଅବସ୍ଥିତ ଏହି ୬୩୦ ବର୍ଗଫୁଟ ସ୍ଥାନରେ ବ୍ୟାପିଥିବା ଷ୍ଟୋର୍ ବ୍ରାଣ୍ଡର ସମ୍ପ୍ରସାରଣ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ସ୍ଥାପନ କରିଛି। ପୁରୁଷମାନଙ୍କ ପାଇଁ ବିଭିନ୍ନ ପ୍ରକାରର କାଜୁଆଲ୍, ପାର୍ଟି ଏବଂ ଫର୍ମାଲ୍ ପୋଷାକ, ଟ୍ରେଣ୍ଡି ଆସେସୋରିଜ୍ ପ୍ରଦାନ କରି, କେଂଟାବିଲ୍ ଖୁଚୁରା ଅଭିଜ୍ଞତାକୁ ପୁନଃପରିଭାଷିତ କରିଛି। ଫ୍ୟାଶନ୍



ଶିଳ୍ପରେ ଏକ ଅଗ୍ରଣୀ ଭାବରେ କେଂଟାବିଲ୍ ନିଜର ସ୍ଥିତିକୁ ସୁଦୃଢ଼ କରିଛି। 'ଏହି ପରିପ୍ରେକ୍ଷୀରେ, କେଂଟାବିଲ୍ ରିଟେଲ୍ ଇଣ୍ଡିଆ ଲିମିଟେଡ୍‌ର ନିର୍ଦ୍ଦେଶକ, ଶ୍ରୀଯୁକ୍ତ ଦୀପକ ବଂଶଲ ତାଙ୍କର ଉତ୍ସାହ ପ୍ରକାଶ କରି କହିଛନ୍ତି, 'ଆମେ ଓଡ଼ିଶାର ରାଉରକେଲାରେ ଆମର ନୂତନ ସ୍ୱତନ୍ତ୍ର ପୁରୁଷ ଏବଂ ଆସେସୋରିଜ୍ ଷ୍ଟୋର ଖୋଲିବାନେଇ ଅତ୍ୟନ୍ତ ଉତ୍ସାହିତ। କେଂଟାବିଲ ମଧ୍ୟ-ପ୍ରିମିୟମ୍ ସେଗମେଂଟରେ ଅନେକ ପ୍ରଶଂସା ପାଇଛି, ଯାହା ଗ୍ରାହକମାନଙ୍କ ସହିତ ପ୍ରତିଧ୍ୱନିତ ହେଉଛି। ଆମର ନୂତନ ଷ୍ଟୋର ପୁରୁଷମାନଙ୍କ ପାଇଁ ଫ୍ୟାଶନ୍-ଫରୱାର୍ଡ ପୋଷାକ ଏବଂ ଆସେସୋରିଜ୍‌ର ଏକ ବିସ୍ତୃତ ପରିସର ପ୍ରଦର୍ଶନ କରିବ। ସାରା ଭାରତରେ ଆମର ଦୃଢ଼ ଉପସ୍ଥିତି ସହିତ, ଆମେ ଆଗାମୀ ବର୍ଷଗୁଡ଼ିକରେ ଆମର ଖୁଚୁରା ପହଂଚକୁ ଆହୁରି ସଂପ୍ରସାରଣ କରିବାକୁ ପ୍ରତିଶ୍ରୁତିବଦ୍ଧ।'

# ଆଇଡିଏଫସି ଫାର୍ଷ୍ଟ ବ୍ୟାଙ୍କ ପକ୍ଷରୁ ୨ୟ ତ୍ରୈମାସିକ ଫଳାଫଳ ଘୋଷିତ

**ଭୁବନେଶ୍ୱର, ୨୭।୧୦ (ନି.ପ୍ର) :** ଆଇଡିଏଫସି ଫାର୍ଷ୍ଟ ବ୍ୟାଙ୍କ ପକ୍ଷରୁ ଗତ ସେପ୍ଟେମ୍ବର ୩୦ ତାରିଖରେ ଶେଷ ହୋଇଥିବା ଚଳିତ ଆର୍ଥିକ ବର୍ଷର ୨ୟ ତ୍ରୈମାସିକ ଓ ପ୍ରଥମ ଅର୍ଦ୍ଧଭାଗର ଅଡିଟ ହୋଇନଥିବା ଆର୍ଥିକ ଫଳାଫଳ ଘୋଷଣା କରାଯାଇଛି। ବ୍ୟାଙ୍କ ୨ୟ ତ୍ରୈମାସିକରେ ୧୦୪୫ କୋଟି ଟଙ୍କାର ଟିକସ ପରବର୍ତ୍ତୀ ଲାଭ (ପିଏଟି) ହାସଲ କରିଛି ଯାହା ବାର୍ଷିକ ଆଧାରରେ ୧୯୬.୫% ବୃଦ୍ଧି ପାଇଛି। ୨୦୨୬-୨୭ର ପ୍ରଥମ ୬ ମାସରେ ବ୍ୟାଙ୍କର ପିଏଟି ୨୧୨୦ କୋଟି ଟଙ୍କା ରହିଥିବା ବେଳେ ରିଟର୍ଣ୍ଣ ଅନ୍ ଆସେଟ୍ସ(ଆରଓଏ) ୦.୯୯% ରହିଛି। ଆଲୋଚ୍ୟ ୨ୟ ତ୍ରୈମାସିକରେ ବ୍ୟାଙ୍କର ମୋଟ ଜମା ପରିମାଣ ବାର୍ଷିକ ୨୫.୯% ଓ ତ୍ରୈମାସିକ ଆଧାରରେ ୧୧.୮% ବୃଦ୍ଧି ହୋଇ ୩,୪୮,୫୮୩ କୋଟି ଟଙ୍କାରେ ପହଂଚିଛି। ଏହାବ୍ୟତୀତ ୨ୟ ତ୍ରୈମାସିକରେ ହାରାହାରି କାସା ଅନୁପାତ ୪୮.୪%ରେ ମଜବୁତ ସ୍ଥିତିରେ ରହିଛି। ଏହି ଅବଧିରେ ଅଧିକ ପରିମାଣର ଏଫସିଏନଆର(ବି) ଜମା ସଂଗ୍ରହ କାରଣରୁ ଏହା ୫୦.୧%ରୁ ସାମାନ୍ୟ ହ୍ରାସ ପାଇଛି। ଭାରତ ବାହାରେ କୌଣସି ଶାଖା, ସହାୟକ ସଂସ୍ଥା ଓ ପ୍ରତିନିଧି କାର୍ଯ୍ୟାଳୟ ନଥାଇ ମଧ୍ୟ ବ୍ୟାଙ୍କ ୨ୟ ତ୍ରୈମାସିକ ସମୟରେ ୩୪,୩୯୦ କୋଟି ଟଙ୍କାର ଏଫସିଏନଆର(ବି) ଜମା ହାସଲ କରିଛି ଯାହା ବ୍ୟାଙ୍କର ଡିଜିଟାଲ କ୍ଷମତା ଓ ଏହା ଉପରେ ଗ୍ରାହକଙ୍କ ବିଶ୍ୱାସକୁ ଦର୍ଶାଉଛି। ୨୦୨୬-୨୭ର ୨ୟ ତ୍ରୈମାସିକରେ ଆଇଡିଏଫସି ଫାର୍ଷ୍ଟ ବ୍ୟାଙ୍କର ଋଣ ବିକଳ୍ପ ଓ ଏଫସିଏନଆର(ବି)-ସମର୍ଥିତ ଋଣ ସମେତ ଋଣ ଓ ଅଗ୍ରୀମ ପରିମାଣ ବାର୍ଷିକ ଆଧାରରେ ୩୦.୧% ବୃଦ୍ଧି ହୋଇ ୩୪୬,୯୧୩ କୋଟି ଟଙ୍କା ରହିଛି। ସେହିପରି ଏଫସିଏନଆର(ବି) ଜମା ଦ୍ୱାରା ସୁରକ୍ଷିତ ଋଣଗୁଡ଼ିକୁ ବାଦ୍ ଦେଲେ ଋଣ ଅଭିବୃଦ୍ଧି ୨୨.୨% ରହିଛି (ମୋଟ ଆଇବିପିସି ସହିତ)। ପରିଚାଳନାଗତ ବ୍ୟୟ



କ୍ରମାଗତ ଭାବେ ୨ୟ ତ୍ରୈମାସିକ ପାଇଁ ଆୟ ଅଭିବୃଦ୍ଧିଠାରୁ ପ୍ରାୟ ୫୦୦ ବିପିଏସ କମ୍ ରହିଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ ୬ ମାସରେ ଇନକ୍ରିମେଂଟାଲ କଷ୍ଟ-ଟୁ-ଇନକମ ଅନୁପାତ ୫୫% ରହିଥିଲା। ୨ୟ ତ୍ରୈମାସିକରେ ମୂଳ କଷ୍ଟ-ଟୁ-ଇନକମ ଅନୁପାତ (ଟ୍ରେଡିଂ ଲାଭ ବ୍ୟତୀତ) ୭୦.୧୬% ରହିଛି। ସେହିପରି ୨ୟ ତ୍ରୈମାସିକରେ ମୂଳ ପରିଚାଳନାଗତ ଲାଭ (ଟ୍ରେଡିଂ ଲାଭ ବ୍ୟତୀତ) ବାର୍ଷିକ ୩୮.୫% ବୃଦ୍ଧି ହୋଇ ୨୫୨୭ କୋଟି ଟଙ୍କା ରହିଛି। ଏହି ସମୟରେ ଜିଏନପିଏ ୧.୩୨% ରହିଥିବା ବେଳେ ଏନଟ୍ ଏନପିଏ ୦.୪୦% ରହିଛି। ଏହି ଫଳାଫଳ ସମ୍ପର୍କରେ ବ୍ୟାଙ୍କର ଏମ୍‌ଡି ଓ ସିଇଓ ଭି.ବୈଦ୍ୟନାଥନ କହିଛନ୍ତି, 'କ୍ରମାଗତ ଭାବେ ୨ୟ ତ୍ରୈମାସିକରେ ମଧ୍ୟ ଆମର ପିଏଟି ୧୦୦୦ କୋଟି ଟଙ୍କା ଅତିକ୍ରମ କରିଛି। ଆମେ ଏସଆଣ୍ଡପି ଗ୍ଲୋବାଲ ରେଟିଙ୍ଗ୍‌ଠାରୁ ଏକ ଇନଭେଷ୍ଟମେଂଟ-ଗ୍ରେଡ ରେଟିଂ ହାସଲ କରିବା ସହ ଏବେ ଆମେ ଆ'ର୍ଜାତୀୟ ସ୍ତରରେ ସ୍ୱୀକୃତିପ୍ରାପ୍ତ ଅଟୁ। ଆମର ପରିଚାଳନାଗତ ବ୍ୟୟ, ଆୟ ଅଭିବୃଦ୍ଧିଠାରୁ ପ୍ରାୟ ୫୦୦ ପଏଂଟ କମ୍ ରହିଛି, ଏହା ଆମର ମଜବୁତ ପରିଚାଳନାଗତ ଦକ୍ଷତାକୁ ପ୍ରଦର୍ଶିତ କରୁଛି। କ୍ରମାଗତ ଭାବେ ଆମର କଷ୍ଟ-ଟୁ-ଇନକମ ଅନୁପାତ ହ୍ରାସ ପାଇବାରେ ଲାଗିଛି ଏବଂ ଆମର ଆରଓଏ ମଧ୍ୟ ୧% ମଧ୍ୟରେ ରହିଛି। ଏହାବ୍ୟତୀତ ୩୪,୦୦୦ କୋଟି ଟଙ୍କାରୁ ଅଧିକ ଏଫସିଏନଆର(ବି) ଜମା ହାସଲ କରିବା ବ୍ୟାଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ଅଟେ। ଏହା ଆମକୁ ୩ରୁ ୫ ବର୍ଷର ଢାଂଚାଗତ ତରଳତା ପ୍ରଦାନ କରୁଛି, ଯାହା ବିଶେଷ କରି ଏକ ବର୍ଦ୍ଧିତ ସୁଧ-ହାର ପରିବେଶରେ ମୂଲ୍ୟବାନ ଅଟେ। ମୋଟାମୋଟି ଭାବେ ୨୦୨୬-୨୭ର ୨ୟ ତ୍ରୈମାସିକ ଏକ ଚମତ୍କାର ତ୍ରୈମାସିକ ଥିଲା ଏବଂ ଆମେ ଏହି ବେଗ ଆଗକୁ ମଧ୍ୟ ଜାରି ରହିବ ବୋଲି ଆଶା କରୁଛୁ।



### ବାତ୍ୟା 'ଅର୍ଣ୍ଣବ'ର ମୁକାବିଲା ଲାଗି ମାଲକାନଗିରିରେ ବ୍ୟାପକ ସ୍ଥାନାନ୍ତର ଓ ସୁରକ୍ଷା ବ୍ୟବସ୍ଥା

# ଗ୍ରାଉଣ୍ଡ ଜିରୋରେ ସ୍ଥିତି ସମୀକ୍ଷା କଲେ ମନ୍ତ୍ରୀ

**ମାଲକାନଗିରି,୨୭/୧୦ (ନି.ପ୍ର) :** ସମ୍ଭାବ୍ୟ ବାତ୍ୟା ଅର୍ଣ୍ଣବର ମୁକାବିଲା ଲାଗି ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା, ଉଦ୍ଧାର ଏବଂ ସ୍ଥାନାନ୍ତର କାର୍ଯ୍ୟ ଜାରି ରହିଛି। ଜିଲ୍ଲାରେ ଶୂନ୍ୟ ଜୀବନହାନି ଲକ୍ଷ୍ୟ ନେଇ ସମସ୍ତ ଆଗୁଆ ପଦକ୍ଷେପ ଗ୍ରହଣ କରାଯାଉଥିବା ବେଳେ ବର୍ତ୍ତମାନ ସୁଦ୍ଧା ୩୩ଟି ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀ ମାଧ୍ୟମରେ ୧,୦୦୧ ଜଣ ବିପନ୍ନଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇଛି। ସରକାରୀ ରିପୋର୍ଟ ଅନୁଯାୟୀ, ଉଦ୍ଧାର ହୋଇଥିବା ୧,୦୦୧ ଜଣ ବିପନ୍ନଙ୍କ ମଧ୍ୟରେ ୩୮୪ ଜଣ ପୁରୁଷ, ୩୪୨ ଜଣ ମହିଳା ଏବଂ ୨୭୫ ଜଣ ଶିଶୁ ସାମିଲ ଅଛନ୍ତି, ଯେଉଁଥିରେ ସର୍ବାଧିକ ୪୭୩ ଜଣଙ୍କୁ କୋରୁକୋଣ୍ଡା ବ୍ଲକ୍ ?ରୁ ସ୍ଥାନାନ୍ତରିତ କରାଯାଇଛି। ସେହିପରି ପ୍ରଶାସନ ପକ୍ଷରୁ ଗର୍ଭବତୀ ମହିଳାଙ୍କ ସୁରକ୍ଷାକୁ ବିଶେଷ ପ୍ରାଥମିକତା ଦିଆଯାଉଛି। ଆଗାମୀ ୧୫ ଦିନ ମଧ୍ୟରେ ପ୍ରସବ ତାରିଖ ଥିବା ଜିଲ୍ଲାର ୫୯୯ ଜଣ ଗର୍ଭବତୀ ମହିଳାଙ୍କୁ ଚିହ୍ନଟ କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୬୬ ଜଣଙ୍କୁ ବିଭିନ୍ନ ମା ଗୃହ ଓ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏବଂ ୭୧ ଜଣଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିରାପଦରେ ସ୍ଥାନାନ୍ତର କରାଯାଇସାରିଛି। ଜରୁରୀକାଳୀନ ମୁକାବିଲା ପାଇଁ ଚିତ୍ରକୋଣ୍ଡା ଓ ମାଥିଲି ବ୍ଲକ୍ ?ରେ ୫ଟି ଓଡ୍ରାଫ୍ ଟିମ୍, କାଲିମେଳାରେ ୧ଟି ଏନଡିଆରଏଫ ଟିମ୍ ଏବଂ ୯ଟି ଅଗ୍ନିଶମ ବାହିନୀ ଟିମ୍ ନିୟୋଜିତ ହୋଇଛନ୍ତି। ଜିଲ୍ଲାର ୪ଟି ମୁଖ୍ୟ ବହୁମୁଖୀ ବାତ୍ୟା/ବନ୍ୟା ଆଶ୍ରୟସ୍ଥଳୀ ପଡ଼ିଆ ବ୍ଲକର ଗିରକାନପଲ୍ଲୀ, କାଲିମେଳାର ମୋଟୁ ଓ ବାଡ଼ିଲି, ଏବଂ ମାଥିଲି ବ୍ଲକର ତୁଙ୍ଗିଆପୁଟଠାରେ ଜେନେରେଟର, ପାୱାର ସ', ଆସ୍କା ଟାୱାର ଲାଇଟ୍ ଏବଂ ମାଗଣା ରନ୍ଧା ଖାଦ୍ୟର ବ୍ୟବସ୍ଥା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ରହିଛି। ସେହିପରି



ସମ୍ଭାବ୍ୟ ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି ୧,୮୪୩ ପ୍ୟାକେଟ୍ ପଲିଥିନ୍ ରୋଲ୍, ୨,୧୮,୫୬୭ ପ୍ୟାକେଟ୍ ଓଆରଏସ, ୩,୮୬୦ ଭାଏଲ୍ ଆଣ୍ଟି-ସ୍ନେକ୍ ଭେନମ୍, ୨୭,୦୦୦ଟି ହାଲାଜୋନ୍ ବଟିକା ଏବଂ ୧୩୦ କ୍ୱିଣ୍ଟାଲ ଚୁଡ଼ା ଓ ୧୦୦ କ୍ୱିଣ୍ଟାଲ ଚିନି ଜିଲ୍ଲା କେନ୍ଦ୍ରୀୟ ରିଜର୍ଭରେ ଗଚ୍ଛିତ ରଖାଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମାଲକାନଗିରି ଗସ୍ତ କରି ଗ୍ରାଉଣ୍ଡ ଜିରୋରେ ସ୍ଥିତି ସମୀକ୍ଷା କରିଛନ୍ତି। ସେ ମାଥିଲି ବ୍ଲକର ତୁଙ୍ଗିଆପୁଟ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ କରି ବରିଷ୍ଠ ଆଇଏଏସ ଅଫିସର ଡ. ଯେଦୁଲା ବିଜୟ ଏବଂ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଙ୍କ ଉପସ୍ଥିତିରେ ଖାଦ୍ୟ, ସ୍ୱାସ୍ଥ୍ୟସେବା ଓ ପାନୀୟ ଜଳର ଉପଲବ୍ଧତା ସୁନିଶ୍ଚିତ କରିଛନ୍ତି। ପ୍ରଶାସନ ପକ୍ଷରୁ ଜିଲ୍ଲାର ପ୍ରମୁଖ ଜଳମଗ୍ନ ପ୍ରବଣ ଅଞ୍ଚଳ, ପାଙ୍ଗାମ, ଏମଭି-୦୭, କାଙ୍ଗୁରୁକୋଣ୍ଡା, ପୋଟେରୁ, ଏମଭି-୯୦, ଏମଭି-୯୬, ମହାରାଜପଲ୍ଲୀ, କନ୍ୟାଶ୍ରମ ଓ ଚଲାନଗୁଡ଼ା ଭଳି ସମ୍ବେଦନଶୀଳ ପୋଲ ଏବଂ ବୋଣ୍ଡାଘାଟି, ମାଙ୍କଡ଼ ଝୋଲା, ନାକାମାମୁଡ଼ି - ବାୟାପଡ଼ା ରାସ୍ତା ଭଳି ଭୂସ୍ଖଳନ ପ୍ରବଣ ସ୍ଥାନଗୁଡ଼ିକ ଉପରେ କଡ଼ା ନଜର ରଖାଯାଇଛି। ସଡ଼କ ପରିବହନ ବାଧାପ୍ରାପ୍ତ ହେଲେ ତୁରନ୍ତ ବିକଳ୍ପ ରୁଟ୍ ବ୍ୟବହାର ପାଇଁ ଆରଟିଓ ପକ୍ଷରୁ ମାଷ୍ଟର ରୁଟ୍ ପ୍ଲାନ୍ ଚୂଡ଼ାନ୍ତ କରାଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଜରୁରୀକାଳୀନ ସହାୟତା ପାଇଁ ଫୋନ୍ ନମ୍ବର ୦୬୮୬୧-୨୩୧୩୭୨, ଟୋଲ୍ ଫ୍ରି ନମ୍ବର ୧୦୭୭ ଏବଂ ଇମେଲ deemgmkg@gmail.com ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ରହିଛି। ବର୍ତ୍ତମାନ ପୌରାଞ୍ଚଳ ସମେତ ସମସ୍ତ ବ୍ଲକ୍ ଗୁଡ଼ିକରେ ସ୍ଥାନାନ୍ତର ପ୍ରକ୍ରିୟା ଜୋରଦାର ଚାଲିଥିବା ବେଳେ ମାଥିଲି, କାଲିମେଳା ଓ ପୋଡ଼ିଆ ଅଞ୍ଚଳରେ ରନ୍ଧା ଖାଦ୍ୟ ଏବଂ ଖଇରପୁଟ, କୋରୁକୋଣ୍ଡା ଓ ବାଲିମେଳା ଏନଏସି ଅଞ୍ଚଳରେ ଜରୁରୀ ସାମଗ୍ରୀ ବଣ୍ଟନ କରାଯାଉଛି। ଜନସାଧାରଣ ଆଦୌ ଭୟଭୀତ ନହୋଇ ସମ୍ପୂର୍ଣ୍ଣ ସତର୍କତା ଅବଲମ୍ବନ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

### ବାତ୍ୟା 'ଅର୍ଣ୍ଣବ' ମୁକାବିଲା ପାଇଁ କଟକ ମହାନଗର ନିଗମର ବ୍ୟାପକ ପ୍ରସ୍ତୁତି

# ୯୪ ଆଶ୍ରୟସ୍ଥଳ, ୩୧୦ ପମ୍ପସେଟ୍, ୬ ରାପିଡ୍ ଆକ୍ସନ ଟିମ୍ ପ୍ରସ୍ତୁତ

**କଟକ, ୨୭।୧୦ (ନି.ପ୍ର):** ସମ୍ଭାବ୍ୟ ବାତ୍ୟା 'ଅର୍ଣ୍ଣବ'ର ମୁକାବିଲା ଏବଂ ଜନସାଧାରଣଙ୍କ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେଇ କଟକ ମହାନଗର ନିଗମ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଗ୍ରହଣ କରାଯାଇଛି। ଆଜି ମାନ୍ୟବର ମେୟର ଶ୍ରୀ ସୁବାସ ସିଂହଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବାତ୍ୟା ପ୍ରସ୍ତୁତି ସମୀକ୍ଷା ବୈଠକରେ ବିପର୍ଯ୍ୟୟ ମୁକାବିଲା, ଜଳବନ୍ଦୀ ନିୟନ୍ତ୍ରଣ, ଆଶ୍ରୟସ୍ଥଳ ପ୍ରସ୍ତୁତି, ସ୍ୱାସ୍ଥ୍ୟସେବା ଓ ଜରୁରୀକାଳୀନ ଉଦ୍ଧାର ବ୍ୟବସ୍ଥାର ସମୀକ୍ଷା କରାଯାଇଛି। ମେୟର ଶ୍ରୀ ସୁବାସ ସିଂହ ବିପର୍ଯ୍ୟୟ ପରିଚାଳନାରେ ସମସ୍ତ ସମ୍ପୃକ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା, ବିପଦପ୍ରବଣ ଅଞ୍ଚଳରେ ଆଗୁଆ ପଦକ୍ଷେପ ଏବଂ ଜନସାଧାରଣଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେବା ଉପରେ ଜୋର୍ ଦେଇଛନ୍ତି। ଭାରତୀୟ ପାଣିପାଗ ବିଭାଗ (IMD)ର ପୂର୍ବାନୁମାନ ଓ ସ୍ୱତନ୍ତ୍ର ରିଲିଫ୍ କମିଶନର (SRC), ଓଡ଼ିଶାଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ସମସ୍ତ ପ୍ରସ୍ତୁତି କରାଯାଉଥିବା ବୈଠକରେ ସୂଚନା ଦିଆଯାଇଛି। ୯୪ଟି ଆଶ୍ରୟସ୍ଥଳ ପ୍ରସ୍ତୁତ ବିପଦପ୍ରବଣ ଅଞ୍ଚଳର ଲୋକଙ୍କୁ ଆବଶ୍ୟକ ପଡ଼ିଲେ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ୯୪ଟି ଅସ୍ଥାୟୀ ଆଶ୍ରୟସ୍ଥଳ ପ୍ରସ୍ତୁତ ରଖାଯାଇଛି। ଏହି ସ୍ଥାନଗୁଡ଼ିକରେ ପାନୀୟ ଜଳ, ବିଦ୍ୟୁତ୍ ଓ ଅନ୍ୟାନ୍ୟ ମୌଳିକ ସୁବିଧା ଯାଞ୍ଚ କରି ଲୋକଙ୍କ ରହିବା ପାଇଁ ଉପଯୋଗୀ କରି ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

ସମ୍ଭାବ୍ୟ ଜଳବନ୍ଦୀ ପରିସ୍ଥିତିର ମୁକାବିଲା ପାଇଁ ନିଗମର ୩୧୦ଟି ପମ୍ପସେଟ୍ ଓ ସେଗୁଡ଼ିକର ଚାଳକମାନଙ୍କୁ ପ୍ରସ୍ତୁତ ରଖାଯାଇଛି। ଆବଶ୍ୟକ ହେଲେ ତଳିଆ ଓ ଜଳବନ୍ଦୀ ପ୍ରବଣ ଅଞ୍ଚଳରେ ତୁରନ୍ତ ପମ୍ପ ମୁତୟନ କରାଯିବ। ଡ୍ରେନ୍ ସଫେଇ, ଜଳ ନିଷ୍କାସନ ବ୍ୟବସ୍ଥା ଏବଂ ଫାୟାର୍ ପମ୍ପ ଓ ଭଲଭୋ ପମ୍ପର ଉପଲବ୍ଧତା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଜରୁରୀ ପରିସ୍ଥିତିରେ ତୁରନ୍ତ ଉଦ୍ଧାର କାର୍ଯ୍ୟ ପାଇଁ କଟକ ମହାନଗର ନିଗମ ଅଞ୍ଚଳରେ ଗୋଟିଏ ଓଡ୍ରାଫ୍ ଟିମ୍ ?କୁ ଷ୍ଟାଣ୍ଡବାଏରେ ରଖାଯାଇଛି। ଏଥିସହ ୬ଟି ରାପିଡ୍ ଆକ୍ସନ ଟିମ୍‌କୁ ତିନୋଟି ସିଫ୍ଟରେ ମୁତୟନ କରାଯାଇଛି। ଆବଶ୍ୟକ ସମୟରେ ଲୋକଙ୍କ ସ୍ଥାନାନ୍ତରଣ ଓ ରିଲିଫ୍ ସହାୟତା ଯୋଗାଇବା ପାଇଁ ମଧ୍ୟ ପ୍ରସ୍ତୁତି ରହିଛି। କଟକ ମହାନଗର ନିଗମ ଅଧୀନରେ ଥିବା ୨୫ଟି ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ଔଷଧ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟସେବା ସୁବିଧା ପ୍ରସ୍ତୁତ ରଖାଯାଇଛି। ସାପ କାମୁଡ଼ା ପାଇଁ ଆଣ୍ଟି-ସ୍ନେକ୍ ଭେନମ୍ (ASV) ଏବଂ କୁକୁର କାମୁଡ଼ା ପାଇଁ ଆଣ୍ଟି-ରେବିଜ୍ ଭ୍ୟାକ୍ସିନ୍ (ARV)



ମହଜୁଦ ରଖାଯାଇଛି। ଆସନ୍ତା ସାତ ଦିନ ମଧ୍ୟରେ ପ୍ରସବ ହେବାର ସମ୍ଭାବନା ଥିବା ଗର୍ଭବତୀ ମହିଳାମାନଙ୍କୁ ଆବଶ୍ୟକ ଅନୁଯାୟୀ ଆଗୁଆ ହସ୍ପିଟାଲକୁ ସ୍ଥାନାନ୍ତର କରିବା ପାଇଁ ମଧ୍ୟ ପଦକ୍ଷେପ ନିଆଯାଇଛି। ବିପଦପ୍ରବଣ ଅଞ୍ଚଳର ଲୋକଙ୍କୁ ସଚେତନ କରିବା ପାଇଁ ଏନ୍‌ଫୋର୍ସମେଣ୍ଟ ଟିମ୍ ମାଇକ୍ ଯୋଗେ ଘୋଷଣା କରିବେ। ଦୁର୍ଗାପୂଜା ସମୟରେ ସ୍ଥାପିତ ବିଭିନ୍ନ ଗେଟ୍ ହଟାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ଏବଂ ଜେଇ ଓ ଏନ୍‌ଫୋର୍ସମେଣ୍ଟ ଟିମ୍ ଏହାର ଅନୁଧ୍ୟାନ କରୁଛନ୍ତି। ଜନସାଧାରଣଙ୍କ ସୁବିଧା ପାଇଁ ହେଲ୍ପଲାଇନ୍ ନମ୍ବର ୧୮୦୦୩୪୫୬୭୨୮ ଜାରି କରାଯାଇଛି। କଣ୍ଟ୍ରୋଲ ରୁମ୍ ତିନୋଟି ସିଫ୍ଟରେ କାର୍ଯ୍ୟ କରୁଛି। ଏହାର ଯୋଗାଯୋଗ ନମ୍ବର ହେଉଛି ୨୩୧୦୪୭୨ ଏବଂ ୨୩୧୧୨୪୪। ମେୟର ଶ୍ରୀ ସୁବାସ ସିଂହଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ସମୀକ୍ଷା ବୈଠକରେ ଉପମେୟର ସୁଶ୍ରୀ ଦମୟନ୍ତୀ ମାଝୀ, କମିଶନର ସୁଶ୍ରୀ କିରଣଦୀପ କୌର ସାହୋତା, ଅତିରିକ୍ତ କମିଶନର ସୋନା ଟୁଡୁ ଓ ପରେଶ ନାୟକ, ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର ଅତନୁ ସାମନ୍ତରାୟ, ସିଟି ଇଞ୍ଜିନିୟର, ତିନୋଟି ଜୋନ୍ ?ର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ଜରୁରୀକାଳୀନ ବିଭାଗର ଡିସି ଶ୍ରଦ୍ଧା ଗ୍ରହାଚାର୍ଯ୍ୟ, ବିଦ୍ୟୁତ୍ ଯନ୍ତ୍ରୀ ଓ ଅଗ୍ନିଶମ ବାହିନୀର ଅଧିକାରୀ ଉପସ୍ଥିତ ଥିଲେ। ଏଥିସହ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ପ୍ରଳୟ ବେହେରା, ପ୍ରଦୀପ୍ତ ଖୁଣ୍ଟିଆ, ଦୀପ୍ତିମୟୀ ମୂଳିଆ, ଏ. ଶ୍ରୀଦେବୀ, ସନ୍ତୋଷ ଭୋଳା ଓ ଗୋପାଳ ବେହେରା ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା, ଜରୁରୀକାଳୀନ ସେବାକୁ ସଜାଗ ରଖିବା ଏବଂ ଆବଶ୍ୟକ ସମୟରେ ତ୍ୱରିତ ପଦକ୍ଷେପ ନେବା ଉପରେ ଗୁରୁତ୍ୱ ଦିଆଯାଇଥିଲା।

### ସତର୍କତା ସଚେତନତା ସପ୍ତାହ ଅବସରରେ ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ପଦଯାତ୍ରା

# ସତର୍କତା ରଥ ଓ ପଥପ୍ରାନ୍ତ ନାଟକ ଆୟୋଜିତ

**ପାରାଦୀପ,୨୭/୧୦ (ନି.ପ୍ର):** ସତର୍କତା ସଚେତନତା ସପ୍ତାହ ପାଳନ ଅବସରରେ ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ସଚ୍ଚୋଟତା, ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଏବଂ ଦୁର୍ନୀତି ବିରୋଧରେ ଜନସଚେତନତା ସୃଷ୍ଟି ଲକ୍ଷ୍ୟରେ 'ସଚ୍ଚୋଟତା ପାଇଁ ପଦଯାତ୍ରା', ସତର୍କତା ରଥ ଓ ପଥପ୍ରାନ୍ତ ନାଟକ ଭଳି ବିଭିନ୍ନ ଜନସଚେତନତା ମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପାରାଦୀପ ବନ୍ଦର ଅଧ୍ୟକ୍ଷ ଶ୍ରୀ ସୁଶାନ୍ତ କୁମାର ପୁରୋହିତ ଓ ମୁଖ୍ୟ ସତର୍କତା ଅଧିକାରୀ ଶ୍ରୀ ଆର୍. ଏନ୍. ଅବନିକାନ୍ତ ପରିଡ଼ାଙ୍କ ଭିଡିଓ ବାର୍ତ୍ତାକୁ ନେଇ ସତର୍କତା ରଥ ସହ ପଦଯାତ୍ରାର ଶୁଭାରମ୍ଭ କରାଯାଇଥିଲା। ଏହି ପଦଯାତ୍ରା ପାରାଦୀପ ବସ୍ ଷ୍ଟାଣ୍ଡ ନିକଟସ୍ଥ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ନିକଟରୁ ଆରମ୍ଭ ହୋଇ ଅଫିସର୍ସ କ୍ଲବ୍ ଓ ଟାଉନସିପ୍ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ପିପିଏର ଅଧିକାରୀ ଓ କର୍ମଚାରୀ, ସିଆଇଏସ୍ଏଫ୍ ଯବାନ, ବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ବାସିନ୍ଦା ଅଂଶଗ୍ରହଣ କରିଥିଲେ।



ପଦଯାତ୍ରାରେ ସାମିଲ ହୋଇ ସମସ୍ତେ ନୈତିକ ଆଚରଣ, ସ୍ୱଚ୍ଛତା ଏବଂ ଦୁର୍ନୀତି ବିରୋଧୀ ଲଢେଇରେ ସାମୂହିକ ଦାୟିତ୍ୱବୋଧର ବାର୍ତ୍ତା ପ୍ରଚାର କରିଥିଲେ। ଏହି ଜନସଚେତନତା କାର୍ଯ୍ୟକ୍ରମର ଅଂଶସ୍ୱରୂପ ସାଂସ୍କୃତିକ ଅନୁଷ୍ଠାନ 'କାନମାସ୍' ପକ୍ଷରୁ ପ୍ରସ୍ତୁତ ପଥପ୍ରାନ୍ତ ନାଟକ 'ଏପଟ ଦେଖ୍, ସେପଟ ଦେଖ୍' ବସ୍ ଷ୍ଟାଣ୍ଡ ନିକଟ ଏବଂ କବରଖାନା ବଜାରଠାରେ ପରିବେଷଣ କରାଯାଇଥିଲା। ଆକର୍ଷଣୀୟ ନାଟକ ମାଧ୍ୟମରେ କଳାକାରମାନେ ଦୁର୍ନୀତିର କୁପରିଣାମକୁ ସାମ୍ନାକୁ ଆଣିବା ସହ ନୈତିକ ଆଚରଣ, ଉତ୍ତରଦାୟିତ୍ୱ ଏବଂ ଦୁର୍ନୀତି ନିବାରଣରେ ସାମୂହିକ ପ୍ରୟାସର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ଦୁର୍ନୀତିମୁକ୍ତ ସମାଜ ଗଠନ ଦିଗରେ ସାମୂହିକ ଦାୟିତ୍ୱବୋଧକୁ ଉତ୍ସାହିତ କରିବା ପାଇଁ ପିପିଏ ନିରନ୍ତର ପ୍ରୟାସ ଜାରି ରଖିଛି ପାରାଦୀପ ବନ୍ଦର ପ୍ରାଧିକରଣ।

# କେନ୍ଦ୍ରାପଡ଼ା ଗଜଲକ୍ଷ୍ମୀ ପୂଜା ଶତବାର୍ଷିକୀ

**କେନ୍ଦ୍ରାପଡ଼ା,୨୭।୧୦ (ନି.ପ୍ର) :** ତୁଳସୀକ୍ଷେତ୍ର କେନ୍ଦ୍ରାପଡ଼ାର ପ୍ରସିଦ୍ଧ ତଥା ଐତିହାସିକ ଗଣପର୍ବ ଶ୍ରୀଶ୍ରୀ ଗଜଲକ୍ଷ୍ମୀ ପୂଜା ଶତବାର୍ଷିକୀ ଉତ୍ସବ ଚଳିତ ବର୍ଷ ବେଶ୍ ଧୂମଧାମ ଓ ଆନନ୍ଦ ଉଲ୍ଲାସର ସହିତ ପାଳିତ ହେଉଛି। କେନ୍ଦ୍ରାପଡ଼ାର ସମୃଦ୍ଧ ସାଂସ୍କୃତିକ ପରମ୍ପରା ଅନୁଯାୟୀ ଧନଦାତ୍ରୀ ମା' ମହାଲକ୍ଷ୍ମୀ ବିଭିନ୍ନ ପୂଜା ମଣ୍ଡପରେ ସାତ ଦିନ ଧରି ଭକ୍ତଙ୍କ ଗହଣରେ ପୂଜାର୍ଚ୍ଚନା ପାଇବା ପରେ ବିଧିବଦ୍ଧ ଭାବେ ବିସର୍ଜିତ ହୁଅନ୍ତି। ଏହା ପରଦିନ ସହରରେ ଏକ ବିରାଟ ଶୋଭାଯାତ୍ରାମୟ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଥାଏ। ଏହି ଭସାଣି ଶୋଭାଯାତ୍ରାକୁ ସୁପରିଚାଳିତ ତଥା ଶୃଙ୍ଖଳିତ ଭାବେ ନିୟନ୍ତ୍ରଣ କରିବା ଦିଗରେ ସହରର ଦୁଇ ପ୍ରମୁଖ 'ଥାନପତି' ପୁରୁଣା ବସ୍‌ଷ୍ଟାଣ୍ଡ ଏବଂ ନୂଆ ବସ୍‌ଷ୍ଟାଣ୍ଡର ମହାଲକ୍ଷ୍ମୀ ମେଢ଼ ମୁଖ୍ୟ ଭୂମିକା ନିର୍ବାହ କରିଥାନ୍ତି। ଥାନପତିଙ୍କ ନିର୍ଦ୍ଦେଶ ଓ ମାର୍ଗଦର୍ଶନରେ ହିଁ ସମସ୍ତ ମେଢ଼ କ୍ରମାନ୍ୱୟରେ ଭସାଣି ଶୋଭାଯାତ୍ରାରେ ଅଗ୍ରସର ହୁଅନ୍ତି। ଚଳିତ ଶତବାର୍ଷିକୀ ବର୍ଷରେ ଐତିହ୍ୟସମ୍ପନ୍ନ ନୂଆ ବସ୍‌ଷ୍ଟାଣ୍ଡ ଥାନପତି ଲକ୍ଷ୍ମୀ ମଣ୍ଡପର ନବକଳେବର କରାଯାଇଛି।

### କଟକ ମହାନଗର ଛଠ ପୂଜା ସମିତିର ବୈଠକ ଅନୁଷ୍ଠିତ

# ଦେବୀଗଡ଼ା ଘାଟରେ ଭବ୍ୟ ଆୟୋଜନ ପାଇଁ ନିଷ୍ପତ୍ତି

**କଟକ, ୨୭।୧୦ (ନି.ପ୍ର) :** କଟକ ମହାନଗର ଛଠ ପୂଜା ସମିତି ପକ୍ଷରୁ ସିଡିଏ ସେକ୍ଟର-୭ ସ୍ଥିତ ଆର୍.?.ଏସ୍.?. ଷ୍ଟଡି କର୍ଣ୍ଣରଠାରେ ସମିତିର ସଭାପତି ଶୈଳେଶ କୁମାର ବର୍ମାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ କଟକର ଦେବୀଗଡ଼ା (ପୁରୀଘାଟ)ଠାରେ ଭବ୍ୟ ଭାବେ ଛଠ ପୂଜା ଆୟୋଜନ କରିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି। ଏହା ସହିତ ଛଠ ବ୍ରତଧାରୀ ଓ ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ଆବଶ୍ୟକ ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା। ବୈଠକର ଆରମ୍ଭରେ ସମିତିର ସମ୍ପାଦକ ମୁକୁନ୍ଦ କୁମାର ସିହ୍ନା ଉପସ୍ଥିତ ସମସ୍ତ ପଦାଧିକାରୀ ଓ ସଦସ୍ୟଙ୍କୁ ସ୍ୱାଗତ କରିଥିଲେ। ସେହିପରି ସମିତିର କୋଷାଧ୍ୟକ୍ଷ ସୁନୀଲ କୁମାର ଶର୍ମା ୨୦୨୫ ମସିହାରେ ଆୟୋଜିତ ଛଠ





ପୂଜାର ଆୟବ୍ୟୟର ବିସ୍ତୃତ ବିବରଣୀ ଉପସ୍ଥାପନ କରିଥିଲେ। ଉପସ୍ଥିତ ସଦସ୍ୟମାନେ ଏହାକୁ ସର୍ବସମ୍ମତିକ୍ରମେ ଅନୁମୋଦନ କରିଥିଲେ। ଛଠ ପୂଜାର ସୁଚାରୁ ଆୟୋଜନ ନିମନ୍ତେ କଟକ ମହାନଗର ନିଗମର ଆୟୁକ୍ତ ଓ ମେୟରଙ୍କୁ ପୂର୍ବରୁ ଚିଠି ଦେଇ ଦେବୀଗଡ଼ା ଘାଟର ସଫେଇ, ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା, ମୋବାଇଲ ଶୌଚାଳୟ, ପାଣି ଟ୍ୟାଙ୍କର ଏବଂ ଅନ୍ୟାନ୍ୟ ଆବଶ୍ୟକ ସୁବିଧା ଯୋଗାଇଦେବାକୁ ଅନୁରୋଧ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏହାଦ୍ୱାରା ବ୍ରତଧାରୀ ଓ ଶ୍ରଦ୍ଧାଳୁମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନହେବେ, ସେଥିପ୍ରତି ଗୁରୁତ୍ୱ ଦିଆଯିବ। ସମିତିର କାର୍ଯ୍ୟକୁ ଅଧିକ ସୁସଂଗଠିତ ଓ ପ୍ରଭାବଶାଳୀ କରିବା ପାଇଁ ଏକ ଯୁବ ଟିମ୍ ଗଠନ କରିବା ସହ ନୂତନ ସଦସ୍ୟମାନଙ୍କୁ ସାମିଲ କରି ବିଭିନ୍ନ ଦାୟିତ୍ୱ ଦେବାକୁ ମଧ୍ୟ ସହମତି ପ୍ରକାଶ ପାଇଥିଲା। ଏହି ବୈଠକରେ ସଞ୍ଜୟ ମିଶ୍ର (ପଣ୍ଡିତ ଜୀ), ଡା. ସଞ୍ଜୟ କୁମାର ସଜ୍ଜନ, ପାରସନାଥ ସାହ, ନିଖିଲ ସାହ, ରାମଗୋପାଳ ଅଗ୍ରୱାଲ, ସଞ୍ଜୟ ଶର୍ମା, ବିକାଶ ସାହ, ନୀରଜ ସାହ, ପ୍ରଦୀପ ସିଂହ, କପିଳ ଦେବରାମ, ସୁଧାକର କୁମାର ସାହି, ରାଜକିଶୋର ସାହ ଓ ମୁରାରୀ ବର୍ମାଙ୍କ ସମେତ ସମିତିର ବହୁ ପଦାଧିକାରୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଟାଟାପାୱାର ଠିକା କର୍ମଚାରୀଙ୍କ ଛଟେଇ ପ୍ରତିବାଦରେ ଆନ୍ଦୋଳନ

**ଜଟଣୀ, ୨୭।୧୦ (ନି.ପ୍ର):** ଖୋର୍ଦ୍ଧାଜିଲ୍ଲାରେ, ଟାଟାପାୱାରର ଗ୍ରାହକ ସୋସଣ ଚାଲି ଆସୁଥିବା ବେଳେ, ଟାଟାପାୱାର ଏବେ ନୂତନ ପନ୍ଥା ଧରିଛି, ଠିକା କର୍ମଚାରୀଙ୍କୁ ଛଟେଇ କରିବା । ଏହାର ଅର୍ଥ ହେଉଛି, ପଲିଟିକାଲ ପାଓରର ଛତ୍ରଛାୟାରେ ହେମନମାନୀ ଚଳାଉଛି ଟାଟାପାୱାର । ମୋଟାମୋଟି କହିବାକୁ ଗଲେ ଟାଟାପାୱାର ଏକ ଅର୍ଥ ସୋସଣକାରି ସଂସ୍ଥା । ଦର୍ଶକ ବନ୍ଧୁ ସଜାଗ ହୁଅନ୍ତୁ, ଭବିଷ୍ୟତ ଅନ୍ଧକାର ହେବାକୁ ଜାଉଛି, ଏହା ହେଉଛି ଘଟଣାର ସାରମର୍ମ । ଟାଟାପାୱାର ଡିଭିଜନ ଅଧୀନରେ ୧୯ ଟି ସେକ୍ସନ ଚାଲିଥିବା ବେଳେ, ପ୍ରତେକ ସେକ୍ସନରେ ଠିକାଦାର କର୍ମଚାରୀଙ୍କୁ ନେଇ ପ୍ରତେକ କାର୍ଯ୍ୟରେ ନିୟୋଜିତ କରିଥାଏ ଟାଟାପାୱାର । ଯେମିତିକି ମିଟର ରିଡିଙ୍ଗ୍, ଟଙ୍କା କଲେକସନ ପର୍ଯ୍ୟନ୍ତ, ଅନ୍ୟାନ କାର୍ଯ୍ୟକ୍ରମରେ ନିୟୋଜିତ କରିଥିବା ମଧ୍ୟ ନଜିର ରହିଛି । ଠିକା କର୍ମଚାରୀ ପ୍ରାୟତ ୧୫ ରୁ ୨୦ ଘଣ୍ଟା କାମ କରୁଥିବା ଦେଖିବାକୁ ମିଳିଥାଏ । ତାର କାରଣ ହେଉଛି କମ୍ ଠିକା କର୍ମଚାରୀଙ୍କୁ ନେଇ ବଡ ବଡ ଏରିଆରେ ସେମାନଙ୍କୁ ନେଇ କାର୍ଯ୍ୟରେ ଲଗା ଯାଇଥାଏ । ବେତନ କମ୍ ଦେଇ କାମ ଅଧିକ ନେଇଥାଏ ଟାଟାପାୱାର । ତାର ପ୍ରତିବାଦରେ ଠିକା କର୍ମଚାରୀ ମାନେ ସ୍ୱର ଉତ୍ତଳନ କରିଛନ୍ତି । ସେସବୁକୁ କେନ୍ଦ୍ରକରି,



ପୁରୁଣା ଠିକା କର୍ମଚାରୀଙ୍କୁ ଛଟେଇକରି ନୁତନ ଠିକା କର୍ମଚାରୀ ନେବେପାଇଁ ଟାଟାପାୱାର ମୁଳ ଲକ୍ଷ । ଟାଟାପାୱାର ଏଭଳି ଅମାନୁଷିକ କାର୍ଯ୍ୟକ୍ରମକୁ ନଜର ରଖି ଠିକା କର୍ମଚାରୀ ମାନେ ଆନ୍ଦୋଳନକୁ ଓହ୍ଲାଇ ଧର୍ମଘଟର ପନ୍ଥା ଆପଣାଇ ଥିଲେ । ସେମାନଙ୍କ ଧର୍ମଘଟକୁ ଟାଟାପାୱାର ଖାତିର ନକରିବାରୁ, ଗତ ୨୬ ଅକ୍ଟୋବର ୨୦୨୬ରେ କାର୍ଯ୍ୟରତ ଠିକା କର୍ମଚାରୀ ମାନେ ଟାଟାପାୟାରକୁ ବିରୋଧ କରି ବାହାରିଥିଲେ, ପ୍ଲାକାର୍ଡ ଏବଂ ବ୍ୟାନର ଧରି । ଠିକା କର୍ମଚାରୀଙ୍କ ମୁଖ୍ୟ ନାରା ଗୁଡ଼ିକ ହେଉଛି ?ଟାଟା ହଟାଅ, ଓଡ଼ିଶା ବଞ୍ଚାଅ, ?ସ୍ମାର୍ଟ ମିଟର ବନ୍ଦ କର ଓ ଟାଟାପାୱାର ହଟାଅ, ଏହା ଥଲା ?ଓଡ଼ିଶା ବିଦ୍ୟୁତ ଠିକା କର୍ମଚାରୀ ମିଳିତ ମଞ୍ଚର ସ୍ଲୋଗାନ । ଠିକା କର୍ମଚାରୀଙ୍କ କହିବା କଥା, ଗତ ଚାରି ମାସ ପୂର୍ବରୁ ମୁଖ୍ୟମନ୍ତ୍ରୀ କହିଥିଲେ, ଟାଟା ପାୱାର କୌଣସି ଠିକା କର୍ମଚାରୀଙ୍କୁ ଛଟେଇ କରିବ ନାହିଁ, ନିର୍ଭର ପ୍ରତିଶ୍ରୁତି ଦେଇଥିବା ସତ୍ତ୍ୱେ, ଅକ୍ଟୋବର ମାସରେ ଶହ ଶହ କର୍ମଚାରୀଙ୍କୁ କିଭଳି ଛଟେଇ କରାଯାଉଛି ? ତାର ପ୍ରତିବାଦରେ ଠିକା କର୍ମଚାରୀ ମାନେ ଆନ୍ଦୋଳନରେ ଓହ୍ଲାଇ ଥିଲେ ଏବଂ ଗଣମାଧ୍ୟମ ଆଗରେ ଅଭିଯୋଗ ମଧ୍ୟ କରିଛନ୍ତି । ସେହି ପରିପ୍ରେକ୍ଷିରେ ବିଦ୍ୟୁତ୍ ଡିଭିଜନ କାର୍ଯ୍ୟାଳୟରୁ ଏକ ବିଶାଳ ଶୋଭାଯାତ୍ରା ବାହାରିଥିଲା । ଶୋଭାଯାତ୍ରାରେ ବାହାରିଥିବା ଠିକା କର୍ମଚାରୀ ମାନେ ନିଜକୁ ଅତି ନିମ୍ନନ ମନେକରି, ରାଜ ରାସ୍ତାରେ ତଳେ ପଡି ପ୍ରଣାମ କରିବା ସହିତ ଓ ଘଣ୍ଟ ବଜାଇ ନାରା ଲଗାଇ ପ୍ରତିବାଦ ଜଣାଇ ଛନ୍ତି । ସହ ସହ ଆନ୍ଦୋଳନକାରୀ ମାନେ ଲିଖିତ ଦରଖାସ୍ତ ସହ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ନିଜର ଦୁଃଖ ଜଣାଇବାକୁ ଦ୍ୱାରସ୍ଥ ହୋଇଛନ୍ତି । ଉଲ୍ଲେଖ କରିଛନ୍ତି, ?ଛଟେଇ ବନ୍ଦ ନହେଲେ ଓଡ଼ିଶାର ଯୁବକ ଦାଦନ ଖଟିବା ପାଇଁ ବାହାର ରାଜ୍ୟକୁ ଯିବାପାଇଁ ଅନୁମତି ଦିଆଯାଉ ବୋଲି ଆନ୍ଦୋଳନକାରୀ ମାନେ କ୍ରୋଧ ପ୍ରକାଶ କରିଛନ୍ତି । କେବଳ କର୍ମଚାରୀ ଛଟେଇ ନୁହେଁ, ବିଦ୍ୟୁତ୍ ଉପଭୋକ୍ତାଙ୍କ ଉପରେ ମଧ୍ୟ ଅତିରିକ୍ତ ଆର୍ଥିକ ବୋଝ ଲଦାଯାଉଥିବା ସେମାନେ ଅଭିଯୋଗ କରିଛନ୍ତି । ଟାଟାପାୱାର ପୂର୍ବରୁ ନୂଆ ସର୍ଭିସ୍ ତାର ବଦଳାଇବା ସେବା ମାଗଣାରେ ମିଳୁଥିବା ବେଳେ ଏବେ ଏଥିପାଇଁ ମନଇଚ୍ଛା ଟଙ୍କା ନେଉଥିବା ବେଳେ, ନୂତନ ବିଦ୍ୟୁତ ଗ୍ରାହକ ମାନେ ନିଜେ ସର୍ଭିସ ତାର କିଣିବାକୁ ପଡୁଛି କହିଛନ୍ତି ଆନ୍ଦୋଳନ କାରିମାନେ । ଏଥିସହ ସ୍ମାର୍ଟ ମିଟର ଜବରଦସ୍ତି ଲଗାଇ ଉପଭୋକ୍ତାଙ୍କୁ ଶୋଷଣ କରାଯାଉଥିବା ଅଭିଯୋଗ ମଧ୍ୟ ଉଠାଇଛନ୍ତି । ଓଡ଼ିଆ ଅସ୍ମିତାର କଥା କହୁଥିବା ରାଜ୍ୟ ସରକାର ଏହି ପ୍ରସଙ୍ଗରେ କାହିଁକି ନିରବ ରହିଛନ୍ତି ଆନ୍ଦୋଳନକାରୀ ମାନେ ପ୍ରଶ୍ନ କରିଛନ୍ତି । ଏତଦ୍ ବ୍ୟତୀତ ଠିକା କର୍ମଚାରୀଙ୍କ ଛଟେଇ ବନ୍ଦ କରି ଜୀବନ ଜୀବିକା ସୁରକ୍ଷା ଓ ବିଦ୍ୟୁତ୍ ଉପଭୋକ୍ତାଙ୍କ ସମସ୍ୟାର ସମାଧାନ ପାଇଁ ସରକାର ତୁରନ୍ତ ପଦକ୍ଷେପ ନେବାପାଇ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ।

# କ୍ରୀଡା ଶିକ୍ଷକଙ୍କ ପରଲୋକ

**ବଲଙ୍ଗା, ୨୭।୧୦ (ନି.ପ୍ର) :** ବଲଙ୍ଗା ନିକଟସ୍ଥ ଗୋପୀନାଥପୁର ଦୈତ୍ୟାରି ଉଚ୍ଚବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ତଥା ନୂଆସାହି ଗ୍ରାମର ବୈକୁଣ୍ଠ ବିଶ୍ୱାଳଙ୍କ ରବିବାର ଦିନ ପରଲୋକ ହୋଇଯାଇଛି



। ସୂଚନା ମୁତାବକ ବୈକୁଣ୍ଠଙ୍କ ଶରୀର ଅସୁସ୍ଥ ହେବା କାରଣରୁ ପରିବାର ଲୋକେ ତାଙ୍କୁ କଟକ ବଡ଼ ମେଡ଼ିକାଲରେ ଚିକିତ୍ସା କରାଉଥିଲା ବେଳେ ଶନିବାର ରାତିରେ ମୃତ୍ୟୁ ହୋଇଥିଲା। ରବିବାର ଦିନ ପାର୍ଥିବ ଶରୀର ଗ୍ରାମରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ସ୍ୱର୍ଗଦ୍ୱାର ଠାରେ ଅନ୍ତିମ ସତ୍କାର କରଯାଇଥିଲା। ବୈକୁଣ୍ଠ ଜିଲ୍ଲାରେ ଜଣେ ଦକ୍ଷ କ୍ରୀଡା ପ୍ରଶିକ୍ଷକ ଭାବେ ପରିଚିତ ଥିଲେ। ଜିଲ୍ଲା ସ୍ତରରେ ହେଉଥିବା ବିଦ୍ୟାଳୟ ସ୍ତରୀୟ ବିଭିନ୍ନ ଖେଳ ପ୍ରତିଯୋଗିତାକୁ ପରିଚାଳନା କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଥିଲେ।

# ଜାତୀୟ ଏକତା ଦିବସରେ ଯୋଗଦେବେ ୧୫୦ରୁ ଊର୍ଦ୍ଧ୍ୱ ନାଗରିକ





**ବ୍ରହ୍ମପୁର,୨୭।୧୦(ନି.ପ୍ର):** ସ୍ଥାନୀୟ ବ୍ରହ୍ମପୁର ରେଳ ଷ୍ଟେସନରୁ ଏକ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଆଜି ଅପରାହ୍ନରେ ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲ୍ଲାର ୧୫୦ରୁ ଊର୍ଦ୍ଧ୍ୱ ନାଗରିକ ଯାତ୍ରା କରିଛନ୍ତି । ପ୍ରକାଶ ଯୋଗ୍ୟ ଯେ, ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ତଥା ଜାତୀୟ ଏକତା ଦିବସ ଅବସରରେ ଗୁଜରାଟର ଏକତା ନଗର ଠାରେ ଆୟୋଜିତ ଜାତୀୟ ସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଗଞ୍ଜାମ ଜିଲ୍ଲାରୁ ୫୨ ଜଣ ନାଗରିକ ସାମିଲ ହୋଇଛନ୍ତି । ଏକତା ନଗର ଅଭିମୁଖେ ଯାଉଥିବା ସ୍ୱତନ୍ତ୍ର ଟ୍ରେନ୍ ?କୁ ରାଜ୍ୟ ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୁତି ଭୂଷଣ ଜେନା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ଜେନା କହିଥିଲେ ଯେ, ଦେଶର ଏକତା ଓ ଅଖଣ୍ଡତା ରକ୍ଷା ଦିଗରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଅବଦାନ ଚିରସ୍ମରଣୀୟ । ଜାତୀୟ ଏକତା ଦିବସର ଏହି କାର୍ଯ୍ୟକ୍ରମରେ ଯୋଗ ଦେଉଥିବା ନାଗରିକ ମାନେ ଏକତା ଓ ଅଖଣ୍ଡତାର ବାର୍ତ୍ତା ନେଇ ଫେରିବା ପରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଏହାର ପ୍ରଚାର ପ୍ରସାର କରିବେ ବୋଲି ସେ ଆଶାବ୍ୟକ୍ତ କରିଥିଲେ । ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ଗୃହମନ୍ତ୍ରୀଙ୍କ ଉଦ୍ୟମ ଓ ନେତୃତ୍ୱରେ ଭାରତ ଆଜି ନକ୍ସଲ ମୁକ୍ତ ହୋଇପାରିଛି ବୋଲି ସେ କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଦକ୍ଷିଣାଞ୍ଚଳ ଆଇ.ଜି. ଜୟ ନାରାୟଣ ପଙ୍କଜ, ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ବ୍ରହ୍ମପୁର ଏସ୍ ?ପି ଅଭିନବ ସୋନକର, ଗଞ୍ଜାମ ଏସ୍ ?.ପି. ହରିଶ ବିସି, ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ ଓ ସୁନୀଲ କେରକେଟ୍ଟା, ବ୍ରହ୍ମପୁର ମହାନଗର ନିଗମ ଆୟୁକ୍ତ ଆକବରମ ସସ୍ୟା ରେଡ୍ଡୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ସୁଦାମ କୁମାର ସ୍ୱାଇଁ ଏବଂ ବ୍ରହ୍ମପୁର ରେଳ ଷ୍ଟେସନ ପରିଚାଳକ ଦୁର୍ଗା ପ୍ରସାଦ ବ୍ରହ୍ମାଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ରହି ପରିଚାଳନା କରିଥିଲେ ।

# ଗଞ୍ଜେଇ ଜବତ : ଦୁଇ ଗିରଫ

**ଅନୁଗୋଳ/ଛେଣ୍ଡିପଦା,୨୭/୧୦ (ନି.ପ୍ର) :** ଅନୁଗୋଳ ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଖବର ପାଇ ଚଢ଼ଉ କରାଯାଇଥିଲା । ଏ ନେଇ ଅବକାରୀ ବିଭାଗ କୁ ମିଳିଛି ବଡ ସଫଳତା । ତେବେ ଦୁଇଟି ପୃଥକ ଏନଡିପିଏସ୍ ମାମଲାରେ ମୋଟ ୯୦ କିଲୋ ୨୦୦ ଗ୍ରାମ ଗଞ୍ଜେଇ ଜବତ କରିଛି ଅବକାରୀ ବିଭାଗ । ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୯ ଲକ୍ଷ ଟଙ୍କା ହେବ ବୋଲି ସୂଚନା ମିଳିଛି । ଏଥିସହ ୨ ଲକ୍ଷ ୩୦ ହଜାର ଟଙ୍କା ନଗଦ ଏବଂ ଗୋଟିଏ ମୋଟରସାଇକେଲ ମଧ୍ୟ ଜବତ କରାଯାଇଛି । ଏହି ଦୁଇଟି ମାମଲାରେ ଦୁଇ ଜଣ ଅଭିଯୁକ୍ତ ଲିଟୁନ ନାଏକ ଓ ଟୁକୁନା ନାଏକଙ୍କୁ ଗିରଫ କରାଯାଇଛି । ପ୍ରଥମ ଘଟଣାରେ ଅନୁଗୋଳ ନମ୍ବର-୨ ଅବକାରୀ ଥାନା ପକ୍ଷରୁ ବାଗଡ଼ିଆ ଥାନା ଅନ୍ତର୍ଗତ ନୂଆଗାଁରେ ଚଢ଼ାଉ କରାଯାଇ ୮୨ କିଲୋ ୨୦୦ ଗ୍ରାମ ଗଞ୍ଜେଇ ଓ ୨ ଲକ୍ଷ ୩୦ ହଜାର ଟଙ୍କା ଜବତ ହୋଇଛି । ସେହିପରି ଜିଲ୍ଲା ମୋବାଇଲ ସ୍କ୍ୱାଡ୍ ପକ୍ଷରୁ ନୂଆଗାଁ ଗ୍ରାମର ତାରିଣୀ ପୀଠ ନିକଟରେ ଚଢ଼ାଉ କରାଯାଇ ୮ କିଲୋ



ଗଞ୍ଜେଇ ସହ ଗୋଟିଏ ମୋଟରସାଇକେଲ ଜବତ କରାଯାଇଛି । ଗଞ୍ଜେଇ ଚୋରା ଚାଲାଣ ରୋକିବା ଦିଗରେ ଅବକାରୀ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଭାବେ ଗ୍ରହଣ କରାଯାଇଛି । ଅନ୍ୟ ପକ୍ଷରେ ଏହି ଚଢ଼ାଉରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ମାନେ ସାମିଲ ହୋଇଥିଲେ ।

# ଦମ୍ପତିଙ୍କୁ ଆକ୍ରମଣ କରି ଟଙ୍କା ଓ ସୁନା ଚେନ ଲୁଟ୍

**ବଲଙ୍ଗା, ୨୭।୧୦ (ନି.ପ୍ର):** ସୋମବାର ରାତିରେ ବଲଙ୍ଗା ଥାନା ଅନ୍ତର୍ଗତ ପିପିଲି - ନିମାପଡା ରାସ୍ତାର ଦଳଭାଣପୁର ଛକରେ ଜୈନକ ଦମ୍ପତିଙ୍କୁ ଆକ୍ରମଣ କରି ଟଙ୍କା ଓ ସୁନା ଚେନ ଲୁଟ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ବଲଙ୍ଗା ପୋଲିସ ପକ୍ଷରୁ ଘଟଣାର ତଦନ୍ତ ଆରମ୍ଭ ହୋଇଛି। ସୂଚନା ମୁତାବକ ନିମାପଡା ଥାନା କନପୁର ଗ୍ରାମର କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ପତ୍ନୀ ପୁଷ୍ପା ପ୍ରଧାନ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ସୋମବାର ରାତିରେ ପୁଷ୍ପା ଓ କୃଷ୍ଣଚନ୍ଦ୍ର ୨ପୁଅ ଝିଅଙ୍କ ସହ ବଲଙ୍ଗା ବଜାରରେ ଥିବା ଏକ ଆୟୁର୍ବେ ?ଦ ଔଷଧ ଦୋକାନରୁ ଔଷଧ ନେଇ ଘରକୁ କାର ଯୋଗେ ଫେରୁଥିଲେ। ତେବେ ୪ଜଣ ଯୁବକ ଏକ କାରରେ ହରିପୁର ବଜାରରୁ ପିଛା କରି ଦଳଭାଣ ଛକ ଠାରେ ପୁଷ୍ପାଙ୍କ କାରକୁ ଅଟକାଇ ଥିଲେ। କୃଷ୍ଣ କାର ଅଟକାଇବା କ୍ଷଣି ଯୁବକ ମାନେ କୃଷ୍ଣଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରି ତଳକୁ ଭିଡ଼ି ନେଇ ପ୍ରବଳ ମାଡ ମାରିଥିଲେ। ପୁଷ୍ପା ପ୍ରତିବାଦ କରିବାରୁ ଆକ୍ରମଣ କାରୀ ମାନେ ତାଙ୍କୁ ଭିଡା ଓଟରା କରି ତାଙ୍କ ବେକରେ ଥିବା ସୁନା ଚେନ ସହ ଗାଡିରେ ଥିବା ନଗଦ ୨୦ହଜାର ଟଙ୍କାକୁ ନେଇଯାଇଥିଲେ। ପୁଷ୍ପା ଏନେଇ ଶଶୁର ଘର ଗ୍ରାମକୁ ଫୋନ୍ କରି ଜଣାଇଥିଲେ। ଗ୍ରାମର କେତେକ ଯୁବକ ଆସି ପହଞ୍ଚିବା ବେଳକୁ ଆକ୍ରମଣ କାରୀମାନେ ବିଭିନ୍ନ ଧମକ ଚମକ ଦେଇ ଘଟଣା ସ୍ଥଳରୁ ପଳାଇଥିଲେ ବୋଲି ପୁଷ୍ପା ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି।

# ଯୋଜନା ଓ ସଂଯୋଜନ ବିଭାଗରେ ସାଧୁତାର ଶପଥ ପାଠ 'ସାଧୁତାରୁ ସମୃଦ୍ଧି'



ଭୁବନେଶ୍ୱର,୨୬।୧୦(ନି.ପ୍ର.): ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ୨୦୨୬ ପାଳନ ଅବସରରେ ଆଜି ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗରେ ସାଧୁତାର ଶପଥ ପାଠ କରାଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂହ ଯୋଗଦେଇ ଲୋକସେବା ଭବନସ୍ଥିତ କାର୍ଯ୍ୟାଳୟ ପରିସରରେ ସମବେତ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ସାଧୁତାର ଶପଥ ପାଠ କରାଇଥିଲେ। ଚଳିତ ବର୍ଷ ଦୁର୍ନୀତି ନିବାରଣ ସଚେତନତା ସପ୍ତାହର ପ୍ରସଙ୍ଗ ରହିଛି 'ସାଧୁତାରୁ ସମୃଦ୍ଧି' ।ଏହି ମର୍ମରେ ଅଧିକାରୀ ଓ କର୍ମଚାରୀମାନେସବୁ ସମୟରେ ସତର୍କତା ସହିତ ସର୍ବାଧିକ ସାଧୁତା ଓ ସତ୍ୟନିଷ୍ଠାରେ ପ୍ରତିବଦ୍ଧ ରହି କାର୍ଯ୍ୟ କରିବା, ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସଚ୍ଚୋଟତା ଏବଂ ଆଇନର ଶାସନକୁ ଅନୁପାଳନ କରିବା, ଉତ୍କୋଚ ନ ନେବା ଏବଂ ନ ଦେବା, ସମସ୍ତ ଦାୟିତ୍ୱକୁ ସାଧୁତା ଏବଂ ସ୍ୱଚ୍ଛତାର ସହ ସମ୍ପାଦନ କରିବା, ଜନସାଧାରଣଙ୍କ ହିତ ସାଧନ ପାଇଁ କାର୍ଯ୍ୟ କରିବା ଏବଂ ନିଜ ବ୍ୟକ୍ତିଗତ ଆଚରଣରେ ଦୃଷ୍ଟାନ୍ତମୂଳକ ସାଧୁତା ବଜାୟ ରଖିବାକୁ ଶପଥ ନେଇଥିଲେ।

## ୬ ଜଣ କର୍ମଚାରୀଙ୍କୁ ପୂର୍ବ ତଟ ରେଳପଥ ପକ୍ଷରୁ ସମ୍ବର୍ଦ୍ଧନା

ଭୁବନେଶ୍ୱର : ଟ୍ରେନ୍ ନିରାପତ୍ତା ସମ୍ବନ୍ଧୀୟ ସମ୍ଭାବ୍ୟ ବିପଦକୁ ଚିହ୍ନଟ କରିବାରେ ଅସାଧାରଣ ସତର୍କତା, ଉପସ୍ଥିତ ବୁଦ୍ଧି ଏବଂ କର୍ତ୍ତବ୍ୟ ପ୍ରତି ନିଷ୍ଠା ପ୍ରଦର୍ଶନ କରିଥିବା ଛଅ ଜଣ ରେଳ କର୍ମଚାରୀଙ୍କୁ ପୂର୍ବ ତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ ସମ୍ବର୍ଦ୍ଧିତ କରିଛନ୍ତି। ସେପ୍ଟେମ୍ବର ୨୦୨୬ ରେ ସେମାନଙ୍କର ସମୟୋଚିତ ପଦକ୍ଷେପ ଓ ତ୍ୱରିତ ସୂଚନା ଯୋଗୁଁ ସମ୍ପୃକ୍ତ ରେଳ ଅଧିକାରୀମାନେ ଆବଶ୍ୟକ ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣ କରିପାରିଥିଲେ। ଏହା ଫଳରେ ସମ୍ଭାବ୍ୟ ଅପ୍ରୀତିକର ଘଟଣାଗୁଡ଼ିକୁ ଏଡ଼ାଯାଇ ପାରିବା ସହ ନିରାପଦ ଓ ସୁଗମ ରେଳ ପରିଚାଳନାରେ ସତର୍କତାର ଗୁରୁତ୍ୱ ପୁନର୍ବାର ପ୍ରତିପାଦିତ ହୋଇଛି।

ସମ୍ବର୍ଦ୍ଧିତ ରେଳ କର୍ମଚାରୀମାନେ ହେଲେ: ୧. ଶ୍ରୀମତୀ ବନ୍ଦିତା ସାହୁ, ପଏଣ୍ଟସମ୍ୟାନ୍-ଏ, ମାନେଶ୍ୱର ଷ୍ଟେସନ୍, ସମ୍ବଲପୁର ମଣ୍ଡଳ। ୨. ଶ୍ରୀ ଅଭିଜିତ ଦାସ, ଟ୍ରାକ୍‌ମେଣ୍ଟେନର୍-୪, ଝଝର/ଚ.ଡବଜ/କୋରାପୁଟଙ୍କ ଅଧୀନରେ, ରାୟଗଡ଼ା ମଣ୍ଡଳ। ୩. ଶ୍ରୀ କୁସମାଲ ହାନ୍ତାଳ, ଟ୍ରାକ୍ ମେଣ୍ଟେନର୍-୧, ଝଝର/ଚ.ଡବଜ/କୋରାପୁଟଙ୍କ ଅଧୀନରେ, ରାୟଗଡ଼ା ମଣ୍ଡଳ।୪. ଶ୍ରୀ ପେଦଲାପୁ ନୁକା ରାଜୁ, ଟ୍ରାକ୍ ମେଣ୍ଟେନର୍-୪, ଝଝର/ଚ.ଡବଜ/କୋରାପୁଟଙ୍କ ଅଧୀନରେ, ରାୟଗଡ଼ା ମଣ୍ଡଳ। ୫ ଶ୍ରୀ ଆଶିଷ କୁମାର ସରକାର, ଟ୍ରାକ୍‌ମେଣ୍ଟେନର୍-୪, ଝଝର/ଚ.ଡବଜ/କୋରାପୁଟଙ୍କ ଅଧୀନରେ, ରାୟଗଡ଼ା ମଣ୍ଡଳ। ୬. ଶ୍ରୀ ଗୋପୀନାଥ ମୁଦୁଲି, ଟ୍ରାକ୍‌ମେଣ୍ଟେନର୍-୩, SSE/P.Way/ଜୟପୁରଙ୍କ ଅଧୀନରେ, ରାୟଗଡ଼ା ମଣ୍ଡଳ।

# ବାତ୍ୟା ମୁକାବିଲା ପାଇଁ ପୂର୍ବତଟ ରେଳପଥର ବ୍ୟାପକ ସୁରକ୍ଷା ବ୍ୟବସ୍ଥା

ଭୁବନେଶ୍ୱର,୨୭।୧୦(ନି.ପ୍ର.): ସମ୍ଭାବ୍ୟ ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବକୁ ମୁକାବିଲା କରିବା ପାଇଁ ପୂର୍ବ ତଟ ରେଳପଥ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଓ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଅକ୍ଟୋବର ୨୭ରୁ ୨୯ ତାରିଖ ମଧ୍ୟରେ ଏହି ବାତ୍ୟା ଓଡ଼ିଶା ଓ ଆନ୍ଧ୍ରପ୍ରଦେଶକୁ ପ୍ରଭାବିତ କରିବାର ଆଶଙ୍କା ରହିଛି। ଓଡ଼ିଶାର ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଜିଲ୍ଲା ପ୍ରଭାବିତ ହେବାର ସମ୍ଭାବନା ଥିବାବେଳେ, ରାୟଗଡ଼ା ରେଳ ମଣ୍ଡଳ ଅଧୀନରେ ଥିବା ରେଳପଥର କେତେକ ଅଞ୍ଚଳ ଅଧିକ ବିପଦପ୍ରବଣ ରହିଛି।

ଭୁବନେଶ୍ୱରସ୍ଥିତ ରେଳ ସଦନରେ ଏକ ଯୁଦ୍ଧକାଳୀନ ନିୟନ୍ତ୍ରଣ କକ୍ଷ (ୱାର୍ ରୁମ୍) ସକ୍ରିୟ କରାଯାଇଥିବାବେଳେ, ସମସ୍ତ ମଣ୍ଡଳ ମୁଖ୍ୟାଳୟରେ ୨୪ ଘଣ୍ଟିଆ ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷ କାର୍ଯ୍ୟ କରୁଛି। ସମ୍ଭାବ୍ୟ ବିପଦପ୍ରବଣ ସ୍ଥାନଗୁଡ଼ିକରେ ରେଳପଥ ଯାଞ୍ଚ ବୃଦ୍ଧି କରାଯିବା ସହ ଅତିରିକ୍ତ ପାଟ୍ରୋଲମ୍ୟାନ୍ ଓ ୱାଚମ୍ୟାନ୍ ନିୟୋଜିତ କରାଯାଇଛି। ଜରୁରୀ ପରିସ୍ଥିତିରେ ତୁରନ୍ତ ପଦକ୍ଷେପ ନେବା ପାଇଁ ସମ୍ବେଦନଶୀଳ ରେଳଖଣ୍ଡଗୁଡ଼ିକର ତଦାରଖ ନିମନ୍ତେ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି।

ବାତ୍ୟା ମୁକାବିଲା ପାଇଁ ମୌସୁମୀକାଳୀନ ରିଜର୍ଭ ଟ୍ରେନ୍, ଡିଜେଲ ଲୋକୋମୋଟିଭ୍, ଟାୱାର ୱାଗନ୍, ଭାରୀ ଯନ୍ତ୍ରପାତି, ଇଞ୍ଜିନିୟରିଂ ଉପକରଣ ଓ



ପୁନରୁଦ୍ଧାର ସାମଗ୍ରୀକୁ ରଣନୈତିକ ସ୍ଥାନଗୁଡ଼ିକରେ ପ୍ରସ୍ତୁତ ରଖାଯାଇଛି। ଦୁର୍ଘଟଣା ରିଲିଫ୍ ଟ୍ରେନ୍, ଡାକ୍ତରୀ ଦଳ, ଆମ୍ବୁଲାନ୍ସ ଓ ପ୍ରାଥମିକ ଚିକିତ୍ସା ସୁବିଧା ମଧ୍ୟ ପ୍ରସ୍ତୁତ ରଖାଯାଇଛି। ବାତ୍ୟାର ଗତିବିଧି ଉପରେ ନଜର ରଖିବା ପାଇଁ ପାଣିପାଗ ବିଭାଗ ଓ ଓଡ଼ିଶା ସରକାରଙ୍କ ସହ ନିରନ୍ତର ସମନ୍ୱୟ ରକ୍ଷା କରାଯାଉଛି।

ଟ୍ରେନ୍ ଚଳାଚଳରେ ପରିବର୍ତ୍ତନ ସମ୍ପର୍କରେ ଯାତ୍ରୀମାନଙ୍କୁ ଷ୍ଟେସନରେ ଘୋଷଣା ବ୍ୟବସ୍ଥା ମାଧ୍ୟମରେ ସୂଚନା ଦେବାକୁ ଷ୍ଟେସନ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯାତ୍ରୀଙ୍କ ସୁରକ୍ଷା, ରେଳ ସମ୍ପତ୍ତିର ସୁରକ୍ଷା ଏବଂ ବାତ୍ୟା ପରେ ରେଳ ସେବାର ତ୍ୱରିତ ପୁନରୁଦ୍ଧାର ପାଇଁ ଆବଶ୍ୟକ ସତର୍କତାମୂଳକ ପଦକ୍ଷେପ ନିଆଯାଉଛି।ଆଶା କରାଯାଉଥିବା ପ୍ରତିକୂଳ ପାଣିପାଗ ପରିସ୍ଥିତିକୁ ଦୃଷ୍ଟିରେ ରଖି ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଟ୍ରେନ୍ ଚଳାଚଳକୁ ନିୟନ୍ତ୍ରଣ କରାଯିବ ପାଣିପାଗର ସ୍ଥିତି ଓ ସୁରକ୍ଷା ସମୀକ୍ଷା ଆଧାରରେ ଆବଶ୍ୟକ ଅନୁଯାୟୀ ଅନ୍ୟାନ୍ୟ ପରିଚାଳନାଗତ ପଦକ୍ଷେପ ମଧ୍ୟ ଗ୍ରହଣ କରାଯିବ।ପୂର୍ବ ତଟ ରେଳପଥ ପରିସ୍ଥିତି ଉପରେ ନିରନ୍ତର ନଜର ରଖିଛି ଏବଂ ସମସ୍ତ ସମ୍ପୃକ୍ତ ବିଭାଗ ଓ ମଣ୍ଡଳକୁ ଯେକୌଣସି ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯାତ୍ରୀ ଓ ରେଳ କର୍ମଚାରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା, ରେଳ ସମ୍ପତ୍ତିର ସୁରକ୍ଷା ଏବଂ ବାତ୍ୟା ଶାନ୍ତ ହେବା ପରେ ଯଥାଶୀଘ୍ର ସ୍ୱାଭାବିକ ଟ୍ରେନ୍ ଚଳାଚଳ ପୁନଃସ୍ଥାପନ କରିବା ଏହି ସମନ୍ୱିତ ପଦକ୍ଷେପଗୁଡ଼ିକର ମୁଖ୍ୟ ଉଦ୍ଦେଶ୍ୟ।

# ସିଏଚ୍‌ଏସ୍‌ଇ ରାଜ୍ୟସ୍ତରୀୟ ଟାଇକୋଣ୍ଡୋ ପ୍ରତିଯୋଗିତା, ବଲାଙ୍ଗିରକୁ ୫ ପଦକ

ବଲାଙ୍ଗିର, ତା. ୨୭.୧୦- ସୁବର୍ଣ୍ଣପୁର ଜିଲ୍ଲା ସିଣ୍ଡୋଳ ସ୍ଥିତ ଆଂଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସିଏଚ୍‌ଏସ୍‌ଇ ରାଜ୍ୟସ୍ତରୀୟ ଟାଇକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ବଲାଙ୍ଗିର ଜିଲ୍ଲା ଟାଇକୋଣ୍ଡୋ ସଂଘର ସାଧାରଣ ସମ୍ପାଦକ ତଥା ପ୍ରତିଷ୍ଠିତ କୋଚ ଅସୀମ କୁମାର ଭୋଇଙ୍କ ନେତୃତ୍ୱରେ ଯାଇଥିବା ୬ ଜଣିଆ ଛାତ୍ର ଛାତ୍ରୀଙ୍କ ଦଳ ଏହି ସଫଳତା ହାସଲ କରିଛି । ଏଥିରେ ବାଳିକା ବିଭାଗରେ କ୍ରୀଷ୍ଣା ମେହେର ୪୪-୪୬ କିଗ୍ରା ଓଜନ ଖ୍ରୋଗୀ ବିଭାଗ ରେ ସ୍ୱର୍ଣ୍ଣ ପଦକ, ଅଭୀପ୍ସା ସାହୁ ୫୨-୫୫ କେଜିରେ ରୌପ୍ୟ ପଦକ, ସରିତା ନାୟକ -୪୦ କେଜିରେ ବ୍ରୋଞ୍ଜ ପଦକ, ମଧୁସ୍ମିତା ମିଶ୍ର ୪୬-୪୯ କେଜିରେ ବ୍ରୋଞ୍ଜ ପଦକ ଓ ଜଗନ୍ନାଥ ମେହେର ୫୧-୫୫ କେଜି ବାଳକ ଖ୍ରୋଗୀ ବିଭାଗରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ଏହି ପ୍ରତିଯୋଗିତା ପାଇଁ ସରକାରୀ ବଲାଙ୍ଗିର କଲେଜ ପକ୍ଷରୁ ଅସୀମ ଭୋଇଙ୍କୁ କୋଚ ଭାବରେ ମନୋନିତ କରାଯାଇଥିବା କଲେଜ ତରଫରୁ ସୂଚନା ଦିଆଯାଇଛି। ଏହି ପ୍ରତିଯୋଗିତା ପାଇଁ ବଲାଙ୍ଗିର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ର ଛାତ୍ରୀମାନଙ୍କୁ କୋଚ ଅସୀମ ଭୋଇ ବିନା ମୂଲ୍ୟରେ ନିଃସ୍ୱାର୍ଥପର ଭାବରେ ଟାଇକୋଣ୍ଡୋ ପ୍ରଶିକ୍ଷଣ ପ୍ରଦାନ କରିଥିବା ଛାତ୍ର ଛାତ୍ରୀ ତଥା ଅଧ୍ୟାପକମାନେ ପ୍ରକାଶ କରିଛନ୍ତି। କୋଚ ଶ୍ରୀ ଭୋଇଙ୍କ ଏପରି ନିଃସ୍ୱାର୍ଥପର ସେବା ଓ ଉତ୍ସର୍ଗୀକୃତ ଭାବନାକୁ କଲେଜ ଅଧ୍ୟକ୍ଷ ଡ. କୌତୁକ କନ୍ଦର ଭୂୟସୀ ପ୍ରଶଂସା କରିଛନ୍ତି।

# ମହିଳାଙ୍କଠାରୁ ଚେନ ଓ ମୁଦି ଲୁଟ୍

ଗଞ୍ଜାମ,୨୬।୧୦(ନି.ପ୍ର.): ଘରେ କୌଣସି ପୁରୁଷ ଲୋକ ନଥିବାର ସୁଯୋଗ ନେଇ ସୁନା ଅଳଙ୍କାର ସଫା କରିବା ବାହାନା କରି ଜୈନେକ ମହିଳାଙ୍କ ଠାରୁ ସୁନା ଚେନ ଓ ମୁଦି ନେଇ ଚମ୍ପଟ ମାରିଛନ୍ତି ଦୁର୍ବୃତ୍ତ । ଘଟଣା ଟି ଘଟିଛି ଗଞ୍ଜାମ ଥାନା ଅନ୍ତର୍ଗତ ଦାମୋଦରପୁର ଗ୍ରାମରେ ।

ଖବର ନେବାରେ ଜଣା ପଡିଛି ସୋମବାର ପୂର୍ବାହ୍ନ ସମୟରେ ଦୁଇଜଣ ବ୍ୟକ୍ତି ଦାମୋଦରପୁର ଗ୍ରାମକୁ ଆସି ଅମୁଲ୍ୟ ବେହେରା ନାମଙ୍କ ଜୈନେକ ମହିଳାଙ୍କୁ ସୁନା ଅଳଙ୍କାରେ ସଫା କରିଦେବୁ ବୋଲି କହିଥିଲେ ।ମହିଳା ଜଣଙ୍କ ଦୁଇଜଣଙ୍କୁ ଘରକୁ ଡାକି ପ୍ରଥମେ ନିଜର ପାଉଁଜି ସଫା କରିବା କୁ ଦେଇଥିଲେ। ରୁପା ଅଳଙ୍କାର ସଫା କରିବା ପରେ ଦେଢ଼ ତୁଳା ଓଜନ ର ସୁନା ଚେନ ଓ ଅଧ ତୋଳା ଓଜନର ସୁନା ମୁଦି ସଫା କରିବାକୁ ମହିଳା ଜଣଙ୍କ ଦେଇଥିଲେ । ଏହାପରେ ଗରମ ପାଣି କରି ଆଣିବା ପାଇଁ ମହିଳାଙ୍କୁ କହିଥିଲେ । ଗରମ ପାଣି ଦେବା ପରେ ଏହା ଅଧିକ ଗରମ ଅଛି ଟିକେ ଥଣ୍ଡା ପାଣି ଆଣିବା ପାଇଁ ଦୁହେଁ କହିଥିଲେ । ଥଣ୍ଡା ପାଣି ଆଣିବା ପାଇଁ ମହିଳା ଜଣଙ୍କ ଘର ଭିତରକୁ ଯିବା ସମୟରେ ଦୁଇଜଣ ନିଜ ବୁଟ ଦୁଆରେ ଛାଡ଼ିଦେଇ ବାଇକ ରେ ଚମ୍ପଟ ମାରିଥିଲେ । ଏନେଇ ସ୍ଥାନୀୟ ପୁଲିସ ରେ ଅଭିଯୋଗ ହେବା ପରେ ପୁଲିସ ତରଫରୁ ତଦନ୍ତ କରାଯାଉଥିବା ଜଣାପଡ଼ିଛି ।

# ବିଜେପି ର ଲୋକତନ୍ତ୍ର ବଞ୍ଚାଓ, ଅରାଜକତା ହଟାଅ" ଜିଲ୍ଲା ସ୍ତରୀୟ କର୍ମଶାଳା

ଅନୁଗୋଳ (ମନ୍ଥନ): ବିଜେପି ଅନୁଗୋଳ ଜିଲ୍ଲା କାର୍ଯ୍ୟାଳୟ ରେ ଆଜି ମଙ୍ଗଳବାର ଲୋକତନ୍ତ୍ର ବଞ୍ଚାଓ ଅରାଜକତା ହଟାଓ ଉପରେ ଜିଲ୍ଲା ସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ସମଗ୍ର ଦେଶରେ ବିଜେପି ପକ୍ଷରୁ ଏଭଳି କର୍ମଶାଳା ଆୟୋଜିତ କରାଯାଉଛି ।



ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକ ଙ୍କ ସଭାପତି ତ୍ୱ ରେ ଅନୁଷ୍ଠିତ ଉକ୍ତ କର୍ମଶାଳା ରେ ମୁଖ୍ୟ ଅତିଥି ଭାବେ ବିଜେପି ରାଜ୍ୟ ଉପ ସଭାପତି ଡ଼ଃ ଯତୀନ ମହାନ୍ତି ଯୋଗଦେଇ ଆମ ଦେଶକୁ ଦୁର୍ବଳ କରିବା ପାଇଁ ସାମ୍ବିଧାନିକ ଅଧିକାର ନାମରେ ବିରୋଧୀ ଦଳ ଅରାଜକତା ସୃଷ୍ଟି କରୁଛନ୍ତି ବୋଲି ପ୍ରକାଶ କରିଥିଲେ । ବିରୋଧୀ ଙ୍କର ଦେଶ ବିରୋଧୀ ମାନସିକତା କୁ ପ୍ରତିହତ କରିବା ପାଇଁ ବିଜେପି ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଯୁବ ଶକ୍ତି ତଥା ଲୋକ ଶକ୍ତି ଙ୍କ ନିକଟକୁ ଯିବ ପ୍ରକୃତ ସତ୍ୟତା ବୁଝାଇବ ବୋଲି କହିଥିଲେ । ସାମ୍ବାଦିକ ସମ୍ମିଳନୀ, ଗଣତନ୍ତ୍ର ବଞ୍ଚାଓ ଅରାଜକତା ହଟାଓ ପଦଯାତ୍ରା, ରାଷ୍ଟ୍ର ଚିନ୍ତନ ବୁଦ୍ଧିଜୀବୀ ସମ୍ମିଳନୀ, ଗଣତନ୍ତ୍ର ବନାମ ଭିଡ଼ତନ୍ତ୍ର ଯୁବ ସମ୍ବାଦ, ଛାତ୍ର ଛାତ୍ରୀ ଙ୍କ ମଧ୍ୟରେ ପ୍ରତିଯୋଗିତା, ପ୍ରମୁଖ ନାଗରିକ ସମ୍ପର୍କ, ସାମାଜିକ ଗଣମାଧ୍ୟମ ରେ ଅରାଜକତା ବିରୁଦ୍ଧରେ ଶାଣିତ କାର୍ଯ୍ୟକ୍ରମ ଆଦି ଜିଲ୍ଲା ତଥା ସମସ୍ତ ବିଧାନସଭା କ୍ଷେତ୍ରରେ ବିଜେପି ଆଗାମୀ ଦିନରେ କାର୍ଯ୍ୟକ୍ରମ କରିବା ଉପରେ କର୍ମଶାଳା ରେ ଡ଼ଃ ମହାନ୍ତି ପୁଙ୍ଖାନୁପୁଙ୍ଖ ଭାବେ ଉପସ୍ଥାପନ କରିଥିଲେ । ଆଜି ର ଏହି କର୍ମଶାଳା ମାଧ୍ୟମରେ ଗଣତାନ୍ତ୍ରିକ ମୂଲ୍ୟବୋଧର ସୁରକ୍ଷା, ଓ ଅଧିକାରର ସୁରକ୍ଷା ଏବଂ ଜନସାଧାରଣଙ୍କ ନିକଟରେ ଦଳର ବିଚାରଧାରା ଓ ଆଭିମୁଖ୍ୟ ପହଞ୍ଚାଇବା ଦିଗରେ ସାଂଗଠନିକ ଆଲୋଚନା କରାଯାଇଛି ।

ଉକ୍ତ କର୍ମଶାଳା ରେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ଯୋଗଦେଇ ଭାରତକୁ ଅସ୍ଥିରତା ଆଡକୁ ମୁହାଁଇବା ପାଇଁ ଷଡଯନ୍ତ୍ର କରୁଥିବା କଂଗ୍ରେସ ସମେତ ଇଣ୍ଡି ମେଣ୍ଟ ବିଦେଶୀ ଅର୍ଥ ରେ ଦେଶ ବିରୋଧ କାର୍ଯ୍ୟ ରେ ଲିପ୍ତ ସେମାନଙ୍କର ଅସଲ ମୁଖା ଖୋଲିବା ପାଇଁ ବିଜେପି ଏ ଅଭିଯାନ କୁ ତୀବ୍ର କରିବ ବୋଲି କହିଥିଲେ ।ଏହି କର୍ମଶାଳା ରେ ପୂର୍ବତନ ଜିଲ୍ଲା ସଭାପତି ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦିଲେଶ୍ୱର ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିମା ମିଶ୍ର, ଜିଲ୍ଲା ସାଧାରଣ ସମ୍ପାଦକ ସୁଦୀପ ଗଡ଼ନାୟକ ଏବଂ ଜିଲ୍ଲା ସାଧାରଣ ସମ୍ପାଦିକା ବସନ୍ତ ମଞ୍ଜରୀ ପ୍ରଧାନଙ୍କ, କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ, ସମେତ ଜିଲ୍ଲା ଓ ରାଜ୍ୟ ପଦାଧିକାରୀ, ବିଭିନ୍ନ ମୋର୍ଚ୍ଚାର ସଭାପତି, ବିଧାନସଭା ସଂଯୋଜକ, ମଣ୍ଡଳ ସଭାପତି ଓ ପ୍ରଭାରୀ ତଥା ଆଗାମୀ କାର୍ଯ୍ୟକ୍ରମର ସଂଯୋଜକ ଓ ସହ-ସଂଯୋଜକ ମାନେ ଉପସ୍ଥିତ ରହିଥିଲେ।

# ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଉପଲକ୍ଷେ ସାଧୁତା ଶପଥ ପାଠ

ଅନୁଗୋଳ,ତା.୨୭.୧୦(ନିପ୍ର):- ସମାଜର ବିଭିନ୍ନ କ୍ଷେତ୍ରରୁ ଦୁର୍ନୀତି ହଟାଇ ଶାନ୍ତି ଓ ସୌହାର୍ଦ୍ଦପୂର୍ଣ୍ଣ ବାତାବରଣ ସୃଷ୍ଟି କରିବା ସହ ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନ ଉଦ୍ଦେଶ୍ୟରେ ସଚେତନତା ସୃଷ୍ଟି କରିବାକୁ ନେଇ ଅକ୍ଟୋବର ୨୬ତାରିଖରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ହେଉଛି । ଚଳିତ ବର୍ଷର ବାର୍ତ୍ତା ହେଉଛି । " ସାଧୁତାରୁ ସମୃଦ୍ଧି" । ସମାଜର ପ୍ରତ୍ୟେକ



ସ୍ତରରୁ ଦୁର୍ନୀତିର ମୂଳୋତ୍ପାଟନ ନିମନ୍ତେ ସମସ୍ତେ ଆଗେଇ ଆସିବା ସହ ଜୀବନର ସବୁ କ୍ଷେତ୍ରରେ ସାଧୁତା ଓ ସଚ୍ଚୋଟତା ଅବଲମ୍ବନ କରି ରାଜ୍ୟକୁ ଦୁର୍ନୀତି ମୁକ୍ତ କରିବା ଉଦ୍ଦେଶ୍ୟରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝି ଲୋକସେବା ଭବନରେ ଭିଡିଓ କନଫରେନସ୍ ମାଧ୍ୟମରେ ଆଜି ପୂର୍ବାହ୍ନରେ ଶପଥ ପାଠ କରାଇଥିଲେ । ଅନୁଗୋଳ ଜିଲ୍ଲା କାର୍ଯ୍ୟାଳୟ ଓସୱାନ ହଲ ଠାରେ ଉତ୍ତର କେନ୍ଦ୍ରାଂଚଳ ଡି ଆଇ ଜି ଶ୍ରୀ ଆଶିଷ କୁମାର ସିଂହ ଓ ଜିଲ୍ଲାପାଳ ଶ୍ରୀ ଅବଦାଲ୍ ମୁହମ୍ମଦ୍ ଅଖତର ଯୋଗ ଦେଇ ଶପଥ ପାଠ କରିଥିଲେ । ଶପଥ ପାଠ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମାୟାଧର ବେହେରା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଦେବଦତ୍ତ ମହନ୍ତ, ଅବକାରୀ ଅଧ୍ୟକ୍ଷକ ମଧୁସ୍ମିତା ନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ଶତପଥି, ଡେପୁଟି କଲେକ୍ଟର ଶ୍ରୀମତୀ ମଧୁସ୍ମିତା ବିଶି, ଡେପୁଟି କଲେକ୍ଟର ଶ୍ରୀ ଜୟଜିତ ଧଳଙ୍କ ସମେତ ଜିଲ୍ଲା କାର୍ଯ୍ୟାଳୟର ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ । ସେହିପରି ଜିଲ୍ଲାର ସମସ୍ତ ଉପଖଣ୍ଡ କାର୍ଯ୍ୟାଳୟ, ପଞ୍ଚାୟତ ସମିତି କାର୍ଯ୍ୟାଳୟ,ତହସିଲ କାର୍ଯ୍ୟାଳୟ, ଗ୍ରାମ ପଞ୍ଚାୟତ,ସରକାରୀ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ଅନ୍ୟାନ୍ୟ କାର୍ଯ୍ୟାଳୟଗୁଡିକରେ ଶପଥ ପାଠ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଯାଇଛି ।

# ଜିଲ୍ଲା ଦଳିତ ସମାଜ ନୂଆଁଖାଇ ଜୁହାର ଭେଟ ଏକତା ହିଁ ବଳ - କଳିକେଶ

ବଲାଙ୍ଗିର,୨୭।୧୦: ଜିଲ୍ଲା ଦଳିତ ସମାଜ ସଂଗଠିତ ଓ ଏକତ୍ରିତ ରହିଛି। ଆଜିର ନୂଆଁଖାଇ ଭେଟଘାଟରେ ତାହା ପ୍ରତିଫଳିତ ହୋଇଛି । ଆମେ ସବୁ ସମୟରେ ଜିଲ୍ଲା ଦଳିତ ସମାଜ ସହିତ ରହିଥିଲି, ରହିଛୁଁ ଏବଂ ରହିବୁ ବୋଲି ବଲାଙ୍ଗିର ବିଧାୟକ କଳିକେଶ ସିଂଦେଓ ଜିଲ୍ଲା ଦଳିତ ସମାଜ ଦ୍ୱାରା ଆୟୋଜିତ ହୋଇଥିବା ନୂଆଁଖାଇ ଜୁହାର ଭେଟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ମତବ୍ୟକ୍ତ କରିଥିଲେ। ଆୟୋଜକ କମିଟିର



ସଭାପତି ମଣ୍ଟୁ ବିଭାର ତଥା ସଂଯୋଜକ ଶମ୍ଭୁ ନାଗ ପରିଚାଳନାରେ ଅନୁଷ୍ଠିତ ହୋଇଥିବା ସଭାରେ ଅନ୍ୟତମ ଅତିଥି ଭାବେ ବିରମହାରାଜ ପୁର ବିଧାୟକ ରଘୁନାଥ ଜଗଦଲା, ବଲାଙ୍ଗିର ପୌରାଧ୍ୟକ୍ଷା ଲିକା ସାହୁ, ଅନୁଷ୍ଠାନର ଉପସଭାପତି ରୁପାଲି ମହାନନ୍ଦ, ସିଟୁ ର ରତିନ୍ଦ୍ର ରାଏ, ବାଲ୍ମିକୀ ସମାଜର ଅକ୍ଷୟ ବନଛୋର, ଜେଡ୍ରିବିଏମ୍ ର ଅଧ୍ୟକ୍ଷ ନଟରାଜ ନାଗ, ଜିଲ୍ଲା ଦଳିତ ଶିକ୍ଷକ ସଂଘର ସଭାପତି କୃଷ୍ଣଚନ୍ଦ୍ର ବାଗ ମଂଚାସିନ ଥିଲେ । କାର୍ଯ୍ୟକ୍ରମକୁ ଧନ୍ୟବାଦ ଦେଇଥିଲେ କିଶୋର କୁମ୍ଭାର। କାର୍ଯ୍ୟକ୍ରମ ଆୟୋଜନରେ ପ୍ରମୁଖ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ କୋଷାଧ୍ୟକ୍ଷ ସୁରେଶ ହରିପାଲ (ଛୋଟୁ), ବିଜୟ ଚନ୍ଦ୍ର ବାରିକ, ବାସୁଦେବ ମୁଗ୍ରୀ, ଗୌରୀ ଶଙ୍କର ଛତର, ପବିତ୍ର ନାଗ, ରବି ସୁନା, ଟିକୁରାଜ ନନ୍ଦ, ସୂର୍ଯ୍ୟମଣି ସୁନା, ସୁଶିଲ ହରିପାଲ, ସାଗର କୁମ୍ଭାର, ନବୀନ ନାଗ, ଶମ୍ଭୁପଦ ହରିପାଲ, ନବିନ ତାଣ୍ଡି, ବିଘ୍ନ ନାଏକ, ରିଣ୍ଟୁ ଠାକୁର, ହେମସାଗର ମହାନନ୍ଦ, ଦଶରଥ ନନ୍ଦ ପ୍ରମୁଖ। ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ କୁନା ବାଗ ଓ ନେପାଳ ଚନ୍ଦ୍ର ବାଗ । ଶେଷରେ ଧନ୍ୟବାଦ ଦେଇଥିଲେ କିଶୋର କୁମ୍ଭାର ।



ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ଆଶ୍ରୟସ୍ଥଳୀ ଓ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କଲେ ଜିଲ୍ଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ଶାସନ ସଚିବ ନବରଙ୍ଗପୁର। ନବରଙ୍ଗପୁର ଜିଲ୍ଲାରେ ବିଭିନ୍ନ ଆଶ୍ରୟସ୍ଥଳୀ ଓ ସ୍ୱାସ୍ଥ୍ୟକେନ୍ଦ୍ରରେ ଉପଲବ୍ଧ ସୁବିଧାସୁଯୋଗ, ପରିଚାଳନା ବ୍ୟବସ୍ଥା ଏବଂ ଜନସାଧାରଣଙ୍କୁ ଯୋଗାଇ ଦିଆଯାଉଥିବା ସେବାର ସମୀକ୍ଷା କରିଥିଲେ।

# ଦୁର୍ନୀତି ନିବାରଣ ସଚେତନତା ସପ୍ତାହ' ପାଳନ

ବଲାଙ୍ଗୀର,୨୭।୧୦: ଓଡ଼ିଶାରେ ଅକ୍ଟୋବର ୨୬ ରୁ ନଭେମ୍ବର ୧, ୨୦୨୬ ପର୍ଯ୍ୟନ୍ତ 'ଦୁର୍ନୀତି ନିବାରଣ ସଚେତନତା ସପ୍ତାହ' ପାଳନ କରାଯାଉଛି। ଏହି ଅବସରରେ ଆଜି ପୂର୍ବାହ୍ନ ୧୧



ଘଣ୍ଟା ସମୟରେ ଭୁବନେଶ୍ୱରସ୍ଥିତ ଲୋକସେବା ଭବନର କନଭେନସନ ସେଣ୍ଟରଠାରେ ରାଜ୍ୟସ୍ତରୀୟ ମୁଖ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମସ୍ତ ସରକାରୀ ଅଧିକାରୀ, କର୍ମଚାରୀ ଓ ନାଗରିକମାନଙ୍କୁ ସାଧୁତା, ସଚ୍ଚୋଟତା ଏବଂ ନିଷ୍ଠାର ଶପଥ ଗ୍ରହଣ କରାଇଥିଲେ । ବଲାଙ୍ଗୀରରୁ ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା ଆଭାଷୀ ମାଧ୍ୟମରେ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ଶପଥ ପାଠ କରିଥିଲେ । ଏହି ଅବସରରେ ଉପ-ଆରକ୍ଷୀ ଅଧିକ୍ଷକ (ଭିଜିଲାନ୍ସ) ପୁଲସ୍ତି ଛତ୍ରିଆ, ଡେପୁଟି କଲେକ୍ଟର ପ୍ରଶାନ୍ତ କୁମାର ମହାପାତ୍ର, ନିବେଦିତା ସ୍ୱାଇଁ, ଶୋଭିନା ଭୋଇ, ଜିଲ୍ଲା ପଞ୍ଚାୟତ ଅଧିକାରୀ ସରୋଜ କୁମାର ମେହେର, ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରତାପ ଚନ୍ଦ୍ର ମହାନ୍ତି, ସହକାରୀ ଜିଲ୍ଲାପାଳ ରାମ ନାରାୟଣ ମିଶ୍ର, ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝିଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହାଛଡ଼ା ଜିଲ୍ଲାର ବିଭିନ୍ନ ପଞ୍ଚାୟତ ସମିତି ତଥା ସରକାରୀ କାର୍ଯ୍ୟାଳୟମାନଙ୍କରେ ମଧ୍ୟ ଆଭାଷୀ ମାଧ୍ୟମରେ ଏହି ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ କେନ୍ଦ୍ରୀୟ ସତର୍କତା ଆୟୋଗ ଦ୍ୱାରା ନିର୍ଦ୍ଧାରିତ ମୂଳ ବିଷୟବସ୍ତୁ "ସାଧୁତାରୁ ସମୃଦ୍ଧି" କୁ ଆଧାର କରି ଏହି ସପ୍ତାହ ପାଳନ କରାଯାଉଛି । ରାଜ୍ୟର ସମସ୍ତ ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ, ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଭିଡିଓ କନଫରେନ୍ସି ମାଧ୍ୟମରେ ସିଧାସଳଖ ଯୋଡ଼ିହୋଇ ମୁଖ୍ୟମନ୍ତ୍ରୀଙ୍କ ସହ ଶପଥ ଗ୍ରହଣ କରିଥିଲେ ।

# ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର

ଜଗତସିଂହପୁର,(ମନ୍ଥନ) ତା ୨୬.୧୦.୨୦୨୬- ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ନାଉଗାଁ ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଆଜି ମୋଟ ୧୦୪ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୯୮ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୬ ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମସ୍ୟା ସମ୍ପର୍କୀୟ ୩ ଟି,ଆବାସ ଯୋଜନା ସମ୍ପର୍କୀୟ ୧୮ ଟି ,ଜମିଜମା ସମସ୍ୟା ସମ୍ପର୍କୀୟ ୧୨ ଟି, ଭତ୍ତା ପାଇବା ପାଇଁ ୧ ଟି, ପୋଲିସ୍ ସହାୟତା ପାଇଁ ୪ ଟି ଏବଂ ଅନ୍ୟାନ୍ୟ ୨୦ ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୪୦ ଟି ଅଭିଯୋଗର ତତକାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ରେ ବରିଷ୍ଠ ପ୍ରାଶାସନିକ ଅଧିକାରୀ ବ୍ଲକ୍ ଉନ୍ନୟନ ଅଧିକାରୀ,ନାଉଗାଁ, ତହସିଲଦାର, ନାଉଗାଁ, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ।

# ଗଞ୍ଜାମରେ ଗଜଲକ୍ଷ୍ମୀ ପୂଜା ପାଳିତ



ଗଞ୍ଜାମ,୨୫।୧୦(ନି.ପ୍ର.): ଗଞ୍ଜାମ ସହରର ବିଭିନ୍ନ ସ୍ଥାନରେ ଗଜଲକ୍ଷ୍ମୀ ପୂଜାରେ ସ୍ଥାନୀୟ ଅଞ୍ଚଳ ଉତ୍ସବ ମୁଖର ହୋଇଉଠିଥିବା ଦେଖିବାକୁ ମିଳିଛି । ଗଞ୍ଜାମ ଏନଏସି ଅନ୍ତର୍ଗତ ଦାମୋଦରପୁର ଗ୍ରାମ ୧୨ ନମ୍ବର ୱାର୍ଡରେ ମହା ଆଡମ୍ବର ସାହାକାରେ ଗଜ ଲକ୍ଷ୍ମୀପୂଜା ପାଳିତ ହେଉଛି । ସୁନ୍ଦର ସାଜସଜା ସାଙ୍ଗକୁ ରଙ୍ଗ ବେରଙ୍ଗ ର ଆଲୋକ ମାଳାରେ ପୂଜା ମଣ୍ଡପ ଝଲସି ଉଠୁଥିବା ଲକ୍ଷ କରାଯାଇଛି । ପଣ୍ଡିତ ମାଗତା ପଣ୍ଡା ଙ୍କ ଦେବୀ ମନ୍ତ୍ର ଧ୍ୱନି ସାଙ୍ଗକୁ ପାରମ୍ପରିକ ବାଦ୍ୟ ବାଜଣା ରେ ସନ୍ଧ୍ୟା ଆଳତି ସମୟରେ ଶ୍ରଦ୍ଧାଳୁ ଙ୍କ ପ୍ରବଳ ଭିଡ଼ ସ୍ଥାନୀୟ ଅଞ୍ଚଳରେ ଆଧାତ୍ମିକ ପରିବେଶ ସୃଷ୍ଟି କରିଛି। ସେହିପରି ଗଞ୍ଜାମ ସହରର ବଡ଼ ବଜାର, ରାଉଳ ସାହି ଓ ପୁଇଁତୋଳା ଗ୍ରାମରେ ମଧ୍ୟ ମହା ଆଡମ୍ବର ସହକାରେ ଗଜ ଲକ୍ଷ୍ମୀ ପୂଜା ଅନୁଷ୍ଠିତ ହେଉଥିବା ଲକ୍ଷ କରାଯାଇଛି । ଯାହାକୁନେଇ ସ୍ଥାନୀୟ ଅଞ୍ଚଳ ଉତ୍ସମୁଖରିତ ହୋଇଉଠିଛି ।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104 , Email : odishamanthan@gmail.com

● Editor : Sarat Raut

ସଂପାଦକ: ଶରତ ରାଉତ